ମନୁଷ୍ୟର ଅନ୍ତର କଥା

ଶ୍ରୀ ବ୍ରଜକିଶୋର ତ୍ରିପାଠୀ

Digitized by srujanika@gmail.com

ଲେଖକ

ଶ୍ରୀ ବ୍ରଜକିଶୋର ତ୍ରିପାଠୀ
ବ୍ରହ୍ମବିଦ୍ୟାବିତ୍

ପ୍ରକାଶିକା

ଶ୍ରୀମତୀ କମଳା ତ୍ରିପାଠୀ
ଗୋପବନ୍ଧୁବାଗ୍ ରୋଡ୍
(ନାରୀସଂଘ ସଦନ ନିକଟ)
କଟକ—୧

(ପ୍ରକାଶିକାଙ୍କ ଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ)

ପ୍ରାପ୍ତିସ୍ଥାନ

ବ୍ରହ୍ମବିଦ୍ୟା ସମିତି
ବାରବାଟୀ ଲେନ୍
ଗୋପବନ୍ଧୁବାଗ୍ ରୋଡ୍
(ନାରୀସଂଘ ସଦନ ନିକଟ)
କଟକ—୧

ମୂଲ୍ୟ ଟ ୩-୦୦

Digitized by srujanika@gmail.com

ବିଶ୍ୱଶାନ୍ତି ମିସନ୍‌ର ପ୍ରତିଷ୍ଠାତା ଶ୍ରୀମତ୍ ମିଣ୍ଟୁ ମହାରାଜାଙ୍କ ବାର୍ତ୍ତା

ଏହି "ମନୁଷ୍ୟର ଅନ୍ତର କଥା" ପୁସ୍ତକଟିର ରଚୟିତା ଶ୍ରୀଯୁକ୍ତ ବ୍ରଜକିଶୋର ତ୍ରିପାଠୀଙ୍କୁ ବହୁଦିନ ହେଲା ମୁଁ ଦେଖି-ଆସୁଛି । ତାହାଙ୍କର ବ୍ୟବହାରରେ, ଗୁଣରେ ଓ ଆଗ୍ରହ ବିଷୟରେ ଆଧ୍ୟାତ୍ମିକ ସାଧକର ପରିଚୟ ମିଳେ ପୋଲିସ୍ ବିଭାଗର ଦାୟିତ୍ୱପୂର୍ଣ୍ଣ ଚାକିରୀରେ ରହି ମଧ୍ୟ ଗୃହୀ ସନ୍ନ୍ୟାସୀ ରୂପରେ ଜୀବନଯାପନ କରିବାର ଦେଖି ମୁଁ ତାଙ୍କ ପ୍ରତି ଅତି ସ୍ନେହରେ ଆକୃଷ୍ଟ ହୋଇ ପଡ଼ିଛି । ଜଣେ ବିଶିଷ୍ଟ (ଥିୟୋସୋଫିଷ୍ଟ) ବ୍ରହ୍ମବିଦ୍ୟାବିତ୍ ହିସାବରେ ବର୍ତ୍ତମାନ ବିଶୃଙ୍ଖଳାମୟ ଜଗତରେ ବିଶ୍ୱଭ୍ରାତୃଭବ (Universal Brotherhood) ପ୍ରତିଷ୍ଠା କରି ମାନବସମାଜର ଉନ୍ନତି କରିବା ତାଙ୍କ ଜୀବନର ବ୍ରତ ହୋଇ ଉଠିଛି ଦେଖି ବ୍ରହ୍ମବିଦ୍ୟା ପ୍ରତି ଆକୃଷ୍ଟ ହୋଇଛି ।

ବର୍ତ୍ତମାନ ଆଧୁନିକ ଜଗତରେ ଜାଗତିକ ଓ ପରମାର୍ଥିକ ଜ୍ଞାନବିଜ୍ଞାନର ଯେତେ ପ୍ରସାର ଲାଭ କରୁଅଛି, ତାହା ସାଧକ, ସାଧିକା, ସାଧୁ, ଜ୍ଞାନୀ, ବୈଜ୍ଞାନିକମାନଙ୍କର ସମବେତ ପ୍ରଚେଷ୍ଟାର ଫଳ ।

Digitized by srujanika@gmail.com

ପ୍ରତି ମନୁଷ୍ୟ ଚାହେଁ ନିଜ ଜୀବନର ଓ ପ୍ରିୟଜନ ଜୀବନର ଅଭାବ ଅସୁବିଧା, ଅଜ୍ଞାନତା ଓ ଅପାରଗତାକୁ, ନିଶ୍ଚିହ୍ନ କରି ସୁଖ ସମୃଦ୍ଧିରେ ମିଳି ମିଶି ଅମୃତମୟ ହୋଇ ଉଠିବ । ଅର୍ଥାତ୍ ଜାଗତିକ ଓ ଆଧ୍ୟାତ୍ମିକ ଉଭୟ ଦିଗରେ ଉନ୍ନତ ହୋଇ ଉଠିବାକୁ । ପ୍ରତି ପ୍ରାଣ ଚାହେଁ ବଦ୍ଧତାଠାରୁ ମୁକ୍ତି, ଅନ୍ଧକାରଠାରୁ ଆଲୋକକୁ ଆସିବାକୁ ଏବଂ ଏହା ତାର ନିଜର ଆବୃତ ଆତ୍ମାର ଓ ପରମାତ୍ମାର ସଂଯୋଗରେ । ଈଶ୍ୱରପ୍ରାପ୍ତି ହିଁ ମନୁଷ୍ୟ ଜୀବନର ପରମ ଓ ଚରମ ଲକ୍ଷ୍ୟ । ଏଇ ଲକ୍ଷ୍ୟ ସାଧନ କରିବାକୁ ଯାଇ କେତେ ପ୍ରକାର ଯୋଗସାଧନା ଅଭ୍ୟାସ ଅଛି ।

ଅସଲ କଥା ସଦ୍‌ଗୁରୁ ଲାଭ ଏବଂ ତାଙ୍କ ପ୍ରତି ଐକାନ୍ତିକ ଅନୁରାଗରେ ଏକନିଷ୍ଠ ପବିତ୍ର ଜୀବନଯାତ୍ରା । ଏହା ସଙ୍ଗେ ସମଷ୍ଟିଗତ ଭାବରେ ସାଧୁସଙ୍ଗ, ସଦାଚାର ଓ ସତ୍ ଆଲୋଚନା ମାଧ୍ୟମରେ ପ୍ରକୃତ ଧର୍ମାନୁଶୀଳନଦ୍ୱାରା ମନୁଷ୍ୟ ଦେବତ୍ୱ ଓ ଈଶୀତ୍ୱ ଲାଭ କରେ । ଏହି ଉଦ୍ଦେଶ୍ୟରେ ମହାପୁରୁଷମାନଙ୍କର ବାଣୀ, ସାଧକମାନଙ୍କର ଅନୁଭୂତିଲବ୍ଧ ଜ୍ଞାନ, ସଦଗ୍ରନ୍ଥ ଆକାରରେ ସମସ୍ତଙ୍କ ନିକଟରେ ସମାହୃତ ଏବଂ ଏହାଦ୍ୱାରା ମନୁଷ୍ୟ ସମାଜ ସଦ୍‌ଭାବରେ ଅନୁରଞ୍ଜିତ ଓ ଅନୁପ୍ରାଣିତ ହୁଏ ।

ଆଶାକରେ ସାଧକ ଶ୍ରୀଯୁକ୍ତ ବ୍ରଜକିଶୋର ତ୍ରିପାଠୀଙ୍କର ରଚିତ ଏହି "ମନୁଷ୍ୟର ଅନ୍ତର କଥା" ମୂଲ୍ୟବାନ ପୁସ୍ତକଟି

Digitized by srujanika@gmail.com

ଆଧ୍ୟାତ୍ମିକ ମାର୍ଗରେ ସମସ୍ତ ସାଧକସାଧିକାଙ୍କର ଜୀବନର ପରମ ସାଥି ହୋଇ ଉଠିବ । ମନୁଷ୍ୟର ଅନ୍ତର ଜଗତର ବହୁ ଗୁପ୍ତ ତଥ୍ୟ, ଏଇ ପୁସ୍ତକରେ ସନ୍ନିବିଷ୍ଟ ହୋଇଅଛି । ଯେ କୌଣସି ବ୍ୟକ୍ତି ବେଶୀ ଲେଖାପଢ଼ା ନ ଜାଣିଲେ ମଧ୍ୟ ଏଇ ପୁସ୍ତକର ସରଳ ଭବ ଓ ଭଷାର ମାଧ୍ୟମରେ ଆତ୍ମ-ବିଶ୍ଳେଷଣ ଓ ଆତ୍ମନିୟନ୍ତ୍ରଣର ସଠିକ୍ ଆଲୋକ ପାଇ ପାରିବ ବୋଲି ମୁଁ ବିଶ୍ୱାସ କରେଁ ।

ଏହା ସବୁ ଧର୍ମମତାବଲମ୍ବୀ ସାଧକସାଧିକାବୃନ୍ଦଙ୍କ ସାଧନାର ପଥରେ ପାଥେୟ ହୋଇ ଉଠିବ ଏଥିରେ ସନ୍ଦେହ ନାହିଁ ।

ପରମ ପିତାଙ୍କର ଶ୍ରୀଚରଣରେ ପ୍ରାର୍ଥନା କରେ, ଜନ ଓ ଜାତିର ଜୀବନରେ ନୂତନ ପ୍ରେରଣା ସୃଷ୍ଟି କରିବାରେ ଏହିପରି ପୁସ୍ତକ ରଚନା ସାର୍ଥକ ହେଉ ।

ଓଁ ଶାନ୍ତିଃ; ଶାନ୍ତିଃ; ଶାନ୍ତିଃ;

ମିଣ୍ଟୁ ମହାରାଜ

Digitized by srujanika@gmail.com

ଆପଣା ପର

ବିଶିଷ୍ଟ ସମବେଦନଶୀଳ ବନ୍ଧୁ ଶ୍ରୀଯୁକ୍ତ ବ୍ରଜ କିଶୋର ତ୍ରିପାଠୀ ଜଣେ ସୁନାମଧନ୍ୟ ବ୍ରହ୍ମବିଦ୍ୟା ପଣ୍ଡିତ। ଏହି ପ୍ରକାରର ସମଭବର ଅଧିକାରୀ ଲୋକଙ୍କୁ ମନୁଷ୍ୟ କୁହାଯାଏ। ଯାହା ସେ ଆଖି କାନ ଆଦି ପାଞ୍ଚଟି ଇନ୍ଦ୍ରିୟରେ ଅନୁଭବ କରିଛନ୍ତି ସେତକ ନିଜର ଅନ୍ତର୍ଦୃଷ୍ଟି ଓ ସୂକ୍ଷ୍ମଦୃଷ୍ଟିରେ ଦେଖିଛନ୍ତି। ସେ ଯାହା ପ୍ରକାଶ କରନ୍ତି ତହିଁରୁ ଅଧିକର ଅଧିକାରୀ ବୋଲି ତାଙ୍କ ସହିତ ବ୍ୟବହାର କଲେ ବୁଝିହୁଏ।

ବ୍ରହ୍ମବିଦ୍ୟା ମଣିଷକୁ ଅସମୟରେ ବାଟ ଦେଖାଏ। ତେଣୁ ଏହି ବିଷୟରେ ପାରଙ୍ଗମ ଲୋକେ ହଠାତ୍ ଚିହ୍ନା ପଡ଼ନ୍ତି ନାହିଁ! ସଂସାରର ବହୁବିଧ ଦରକାରୀ କଥା ପରି ସେମାନେ ସେହିପରି ଆଶଙ୍କା-ପ୍ରପୀଡିତ ମନର ସନ୍ଦେହର ମେଘ ଘୋଟିଲା ବେଳେ ଦେଖା ହୁଅନ୍ତି, ପୁଣି ସେମିତି ଲୁଚିଯାନ୍ତି।

ଶ୍ରୀଯୁକ୍ତ ତ୍ରିପାଠୀ ତାଙ୍କର "ମନୁଷ୍ୟର ଅନ୍ତର କଥାରେ" ଯେଉଁ ବିଷୟଗୁଡ଼ିକ ନିଜର ଅନୁଭବର ଗଭୀର ସ୍ତରରୁ ବୁଝାଇଛନ୍ତି ସେଇଗୁଡ଼ିକ ବୁଝିବାକୁ ହେଲେ ସେଇ ଦିଗରେ ନିଜର ମଧ୍ୟ ଚର୍ଚ୍ଚା ଓ ଆଲୋଚନା ଲୋଡ଼ା।

Digitized by srujanika@gmail.com

କାରଣ ଯେ ପକ୍ଷୀ ଉଡ଼େ ଯେତେ ଦୂର ସେ ଜାଣେ ତାହାର ବେଭର ।

ତଥାପି ଜ୍ଞାନ ଓ ଅନୁଭବକୁ ଯେଉଁମାନେ ଆଦର କରନ୍ତି ଆଉ ନିଜର ପାଣ୍ଡିଓ ପ୍ରୁକ୍ତିରେ ଅନ୍ୟର ଜ୍ଞାନ ଓ ଅନୁଭବକୁ ଆଦର କରି ପରୀକ୍ଷା ନିରୀକ୍ଷା କରି ନିଜର କରିବାକୁ ଚେଷ୍ଟା କରନ୍ତି, ଆଉ ସେଇ ସମ୍ପଦର ଅଧିକାରୀ ହୋଇ ଅପର ଓ ଇତରର ସେବାରେ ଲଗାଇବାକୁ ଦ୍ୱିଧା କରନ୍ତି ନାହିଁ, ସେହି ପ୍ରକାରର ଲୋକଙ୍କ ପାଇଁ ମନୁଷ୍ୟର ଅନ୍ତର କଥା—

ସଂସାରର ମଙ୍ଗଳ ହେଉ ବୋଲି ତାଙ୍କର କାମନା—ଏହି ତାଙ୍କର କାମନା ସଫଳ ହେଉ—ବ୍ୟର୍ଥ ନ ହେଉ ।

ବାରବାଟୀ ଛକ
କଟକ-୧

ରାଜକିଶୋର ପଟ୍ଟନାୟକ

ଅଭିମତ

କଟକ ବ୍ରହ୍ମବିଦ୍ୟା ସମିତି (Theosophical Society) ର ବାରବାଟି ଲଜର ପ୍ରତିଷ୍ଠାତା ତଥା ପରିବ୍ରାଜକ ଶ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ଦ୍ୱାରା ଲିଖିତ "ମନୁଷ୍ୟର ଅନ୍ତର କଥା" ପୁସ୍ତକଟିର ପାଣ୍ଡୁଲିପିଟି ପଢ଼ିବାର ସୁଯୋଗ ପାଇ ମୁଁ ବିଶେଷ ଆନନ୍ଦିତ ହେଉଛି । ବ୍ରହ୍ମବିଦ୍ୟାର ଜଟିଳ ଆତ୍ମତତ୍ତ୍ୱଗୁଡ଼ିକୁ ଶ୍ରୀଯୁକ୍ତ ତ୍ରିପାଠୀ ମହାଶୟ ଏତେ ସରଳ ଓ ସହଜ ଓଡ଼ିଆରେ ସର୍ବସାଧାରଣଙ୍କର ବୋଧଗମ୍ୟ ହେଲାଭଳି ଭାଷାରେ ପ୍ରକାଶ କରୁଛନ୍ତି ଦେଖି ମୁଁ ଅତିଶୟ ଆନନ୍ଦ ଅନୁଭବ କରୁଛି । ଏହାହିଁ ତାଙ୍କର ପ୍ରଥମ ଲେଖା । ଏହି ପ୍ରଥମ ଉଦ୍ୟମରେ ସେ ଯେ ଏତେ ସଂଫଳ ହୋଇ ପାରିଛନ୍ତି, ତାହା ତାଙ୍କର ଆତ୍ମିକ ସାଧନାଦ୍ୱାରା ହିଁ ସମ୍ଭବ ହୋଇ ପାରିଛି ।

ଜ୍ଞାନ, ଇଚ୍ଛା ଓ କ୍ରିୟା ଏହି ତିନୋଟି ପ୍ରକ୍ରିୟାରେ ମନୁଷ୍ୟ ତାର ସମସ୍ତ କାର୍ଯ୍ୟ ସମ୍ପାଦନ କରି ପାରୁଛି । ସେ ମନୁଷ୍ୟର ଏହି ପ୍ରକ୍ରିୟା ଗୁଡ଼ିକର ବିଶ୍ଳେଷଣ ବ୍ରହ୍ମବିଦ୍ୟାର ନିର୍ଦ୍ଦେଶ ଅନୁସାରେ ସରଳ ଓଡ଼ିଆ ଭାଷାରେ ପ୍ରକାଶ କରି ଜନସାଧାରଣଙ୍କର ବିଶେଷ ଉପକାର କରିଛନ୍ତି । ସେ ପେ

Digitized by srujanika@gmail.com

କେବଳ ନୀତି ବୟାନ କରିଛନ୍ତି ତାହା ନୁହେଁ—ସାଧନା କରିବାର ଉପାୟ ମଧ୍ୟ ବତାଇ ଦେଇଛନ୍ତି ।

ବ୍ରହ୍ମବିଦ୍ୟା କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମ ମାର୍ଗ ନୁହେଁ । ଏହା ସବୁ ଧର୍ମର ସାର ସଂଗ୍ରହ କରି ଯାହା ସତ୍ୟ ତାହା ହିଁ ପରିବେଷଣ କରେ ଓ ସେଇ ସତ୍ୟ ଲାଭ କରିବାର ପନ୍ଥା ଦର୍ଶାଇ ଦିଏ । ଏଣୁ ସବୁ ଧର୍ମାବଲମ୍ବୀମାନେ ମଧ୍ୟ ଏଥିରୁ ବିଶେଷ ଉପକାର ପାଇ ପାରିବେ । ଆଧ୍ୟାତ୍ମିକ ସ୍ତର ପ୍ରତି ଯାହା ପ୍ରଯୁଜ୍ୟ ଭୌତିକ ସ୍ତରରେ ମଧ୍ୟ ଉଣାଅଧିକେ ତାହା ହିଁ ପ୍ରଯୁଜ୍ୟ । ପ୍ରକୃତିର ନିୟମ ଗୋଟିଏ ଚିରନ୍ତନ ସତ୍ୟ ଉପରେ ଅବସ୍ଥାପିତ । ଏପରି ସ୍ଥଳେ ଏଇ ପୁସ୍ତକରେ ପ୍ରଦର୍ଶିତ ଜ୍ଞାନ ଲାଭ କରି ତଦ୍ଦ୍ୱାରା ଇଚ୍ଛାଶକ୍ତିର ଅଭିବୃଦ୍ଧି ବା ବିକାଶ କରିବା ଫଳରେ ମନୁଷ୍ୟ ତାର ଭୌତିକ ଜୀବନରେ ମଧ୍ୟ ଯଥେଷ୍ଟ ସଫଳତା ଲାଭ କରିବ ଓ ସେଇ ପ୍ରଣାଳୀକୁ ଆହୁରି ଟିକିଏ ଉଚ୍ଚ ସ୍ତରକୁ ନେଇ ପାରିଲେ ଆଧ୍ୟାତ୍ମିକ ସଫଳତା ଲାଭ କରିବାକୁ ସମର୍ଥ ହେବ ।

ସତ କହିବାକୁ ଗଲେ ଓଡ଼ିଆ ଭାଷାରେ ଏ ପ୍ରକାର ପୁସ୍ତକ ପ୍ରାୟ ନାହିଁ କହିଲେ ଚଳେ । ସେଥିପାଇଁ ମୁଁ ଶ୍ରୀଯୁକ୍ତ ତ୍ରିପାଠୀଙ୍କର ଏଇ ସଦ୍‌ଉଦ୍ୟମକୁ ସ୍ୱାଗତ କରୁଛି ଓ ତାଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ପୁସ୍ତକଟି ପ୍ରକାଶ ପାଇଲେ

Digitized by srujanika@gmail.com

ବହୁ ଲୋକଙ୍କର ଉପକାର କରିବ ଏଥିରେ ସନ୍ଦେହ ନାହିଁ । ସେଥିପାଇଁ ମୁଁ ଏହି ପୁସ୍ତକଟିର ବହୁଳ ପ୍ରଚାର କାମନା କରେ ଓ ତାହା ସଙ୍ଗେ ସଙ୍ଗେ ପରମାତ୍ମା ପରମେଶ୍ୱରଙ୍କ ଠାରେ ପ୍ରାର୍ଥନା କରେ ଯେ ସେ ଶ୍ରୀପୁକ୍ତ ତ୍ରିପାଠୀଙ୍କୁ ସର୍ବସୁଖରେ ଓ ଶାନ୍ତିରେ ରଖନ୍ତୁ ଓ ବ୍ରହ୍ମବିଦ୍ୟାର ଅମୃତମୟ ରସ ବିତରଣ କରିବାରେ ସାହାଯ୍ୟ କରନ୍ତୁ ।

ସର୍ବେ ଭବନ୍ତୁ ସୁଖିନୋ ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖଭଗ୍ ଭବେତ୍ ।

କଲ୍ୟାଣୀ ଭବନ,
ଦେଉଳ ସାହି, କଟକ-୧

ଅନନ୍ତ ପ୍ରସାଦ ପଣ୍ଡା

Digitized by srujanika@gmail.com

ଅଭିମତ

ମୁଁ ଯାହା ଯେପରି, ଯେତିକି ବୁଝେଁ – ସେଇ ଦୃଷ୍ଟିରୁ କହିବି ଆମେ ଆମର ସାଧାରଣ ଜ୍ଞାନ, ଇଚ୍ଛା, ପ୍ରେରଣା ଆଉ ସାଧନା ଘେନି ଜଗତର ଯାବତ୍ କାର୍ଯ୍ୟରେ ଆଗେଇ-ଯାଉଁ । ବିଗ୍ଭରି ଦେଖିଲେ ଜଣାଯିବ ଏ ସମସ୍ତର ଠୁଳ ବ୍ରହ୍ମବିଦ୍ୟାରେ । ବ୍ରହ୍ମବିଦ୍ୟା କୌଣସି ଜାତି, ଧର୍ମ, ନାରୀ ବା ପୁରୁଷର ନୁହେଁ । ସଚରାଚର ବ୍ରହ୍ମାଣ୍ଡର 'ସର୍ବେ ଭବନ୍ତୁ ସୁଖୀନଃ' ମନ୍ତ୍ରର ସାଧନା ନିମନ୍ତେ ଏହା ବିଶ୍ୱପିତାଙ୍କର ଚରମ ଓ ପରମ ନିର୍ଦ୍ଦେଶ, ଏହା ସତ୍ୟ, ଏହା ନିତ୍ୟ–ଶାଶ୍ୱତ ।

ଦେବତାର ତଳେ ଆସନ ମାନବର । ଇଚ୍ଛା ଏବଂ ଦୃଢ଼ତା ହେଲା ସାଧନାର ମୂଳ । ଏ କେବଳ ଦେବତାର ନୁହେଁ –ମନୁଷ୍ୟର ମଧ୍ୟ ଏ ଶକ୍ତି ଅଛି, ଯେବେ ସେ ବୁଝେ ଯେ ଆଧ୍ୟାତ୍ମିକ ଓ ଭୌତିକ ସୋପାନ ମଧ୍ୟରେ ପାର୍ଥକ୍ୟ ବିଶେଷ ନୁହେଁ । ସାଧନାବଳରେ ମନୁଷ୍ୟ ଦେବତ୍ୱ ଲଭ କରିପାରେ, ଯଦି ଇଚ୍ଛାଶକ୍ତିର ଯଥାବିନିଯୋଗ ଲାଗି ସେ ଚିତ୍ତର ଦୃଢ଼ତା ଘେନି ସ୍ଥିତପ୍ରଜ୍ଞ ହୋଇପାରେ ।

ସାଧନ ହିଁ ସଫଳତା ଲଭର ପନ୍ଥା । ଏଇ ସାଧନର ମୂଳ ଆରାଧନା । ଆରାଧନା କାହାର ? ସରଳ ସହଜ କଥାରେ କହିବାକୁ ହେଲେ – ପ୍ରେମର ଆରାଧନା । ପ୍ରେମ

Digitized by srujanika@gmail.com

ଅର୍ଥ — ବିଶ୍ୱପ୍ରେମ । ସମାନ ଚକ୍ଷୁ ବା ଦୃଷ୍ଟି — ସମାନ ଆଦର — ସମାନ ସ୍ନେହରେ ସମସ୍ତଙ୍କୁ ଦେଖିବା ବିଶ୍ୱପ୍ରେମର ବାସ୍ତବ ଧାରା । ପ୍ରାଣର ପରିପୂର୍ଣ୍ଣ ଉଦ୍‌ବେଗ ଘେନି ଏହାର ଉପଯୋଗ ଆବଶ୍ୟକ ।

ଏଇ ସାଧନାପଥ ବା ଜ୍ଞାନମାର୍ଗ ଦର୍ଶନର ପ୍ରକୃଷ୍ଟ ପ୍ରଣାଳୀ ସହଜ ସୁଲଭ ଭାଷାରେ ବୁଝାଇବା ଲକ୍ଷ୍ୟରେ 'ମନୁଷ୍ୟର ଅନ୍ତର କଥା' ନାମକ ମହାମୂଲ୍ୟବାନ୍ ଗ୍ରନ୍ଥଟି ଲେଖିଛନ୍ତି ଶ୍ରୀ ବ୍ରଜକିଶୋର ତ୍ରିପାଠୀ । ସେ ଚାହିଁଛନ୍ତି ସାରା ବିଶ୍ୱ ହେଉ ପ୍ରେମପୁଲକିତ, ନ ରହୁ ଜାଗତିକ ସୁଖଦୁଃଖର ପାର୍ଥକ୍ୟ — ଅନୁଭବ କରୁ ବିଶ୍ୱ ସବୁ କ୍ଷେତ୍ରରେ ଏକ ଅଦୃଶ୍ୟ ଶକ୍ତିର ଅଭୟ ଆଶୀର୍ବାଦ ।

'ବ୍ରହ୍ମବିଦ୍ୟା ସମିତି' ବା 'ଥିଓସଫିକାଲ୍ ସୋସାଇଟି' ର ଶୁଭ ପ୍ରତିଷ୍ଠା ତାଙ୍କରି ଶୁଭେଚ୍ଛାରୁ ହିଁ ସମ୍ଭବପର ହୋଇଅଛି ।

ଜୀବାତ୍ମା ପରମାତ୍ମାଙ୍କର ଅମଳିନ ଅମର ସତ୍ତା ଅନୁଭବ କରୁ, ଧନ୍ୟ ହେଉ ମାନବ ଜନ୍ମ — ଏଇ ହେଲା ଏ ରଚନାର ଏକାନ୍ତ ଉଦ୍ଦେଶ୍ୟ । ବ୍ରଜ ବାବୁଙ୍କର ଏ ଅପୂର୍ବ ଉଦ୍ୟମ ଫଳରେ ବିଶ୍ୱପ୍ରେମର ଅମୃତଧାରା ସଞ୍ଚରିତ ହେଉ ।

ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।

୨୫ । ୧ । ୭୨

କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ

Digitized by srujanika@gmail.com

ଜଗନ୍ନାଥ ଆଶ୍ରମ

ଯୋଗାଶ୍ରମ ସଂଘ

ବ୍ରହ୍ମବିଦ୍ୟାର ଏକନିଷ୍ଠ ସାଧକ ବଂଧୁବର ଶ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କର ସ୍ୱରଚିତ "ମନୁଷ୍ୟର ଅନ୍ତର କଥା" ଗ୍ରନ୍ଥଟି ଆମୂଳଚୂଳ ପାଠ କରି ସାତିସୟ ତୃପ୍ତିଲାଭ କଲି । ଶାସ୍ତ୍ରଜ୍ଞାନ ଓ ଅନୁଭୂତି – ଏ ଉଭୟର ସାର୍ଥକ ସମନ୍ୱୟର ଅମୃତମୟ ଫଳ ଏହି ଲେଖାଟି ବ୍ରହ୍ମବିଦ୍ୟା ବା ଅଧ୍ୟାତ୍ମ ପଥର ଯାତ୍ରୀମାନଙ୍କର ଏକ ଆଲୋକବର୍ତ୍ତିକା ସ୍ୱରୂପ କାର୍ଯ୍ୟ କରିବ । ଅଧ୍ୟାତ୍ମ ସାଧନାର ନିଗୂଢ଼ ସଂକେତଗୁଡ଼ିକ ଏତେ ସରଳ, ସୁବୋଧ୍ୟ ଓ ପ୍ରାଞ୍ଜଳ ଭାଷାରେ ପ୍ରକାଶ କରିବାର କ୍ଷମତା କେବଳ ପୁସ୍ତକଗତ ଜ୍ଞାନଦ୍ୱାରା ଲାଭ ହୁଏ ନାହିଁ । ସେଥିପାଇଁ ଅନ୍ତର ସାଧନାର ପ୍ରୟୋଜନ । ଲେଖକଙ୍କର ଆଧ୍ୟାତ୍ମିକ ଅଗ୍ରଗତିର ସୂଚନା ତାଙ୍କ ଲେଖା ମାଧ୍ୟମରେ ପ୍ରକାଶିତ ହୋଇଥାଏ ।

ଓଡ଼ିଆ ଭାଷାରେ ଏ ପ୍ରକାର ପୁସ୍ତକ ଏଥିପୂର୍ବେ ରଚିତ ହୋଇ ନାହିଁ । ଯୋଗୀ, ଜ୍ଞାନୀ, ଭକ୍ତ—ସର୍ବ ଶ୍ରେଣୀର ଓ ସର୍ବ ଧର୍ମର ସାଧକମାନଙ୍କ ନିମିତ୍ତ ଏହା ଅତି ଉପାଦେୟ ଓ ଅତି ପ୍ରୟୋଜନୀୟ ଗ୍ରନ୍ଥ । ଏହାର ପ୍ରଗ୍ଭର ସମାଜର ପ୍ରଭୂତ କଲ୍ୟାଣ ସାଧନ କରିବ । ଧର୍ମପିପାସୁଗଣ ଏ ପୁସ୍ତକ ଅତି ଆଦରର ସହିତ ଅଧ୍ୟୟନ କରିବେ – ଏହା ହିଁ କାମନା ।

ଦୋଳଗୋବିନ୍ଦ ଶାସ୍ତ୍ରୀ

୧୨ । ୧ । ୭୧ ସେକ୍ରେଟାରୀ, ଯୋଗାଶ୍ରମ ସଂଘ

Digitized by srujanika@gmail.com

ସୂଚନା

ଜୀବ ପଦାର୍ଥ ନୁହେଁ ବା ପ୍ରାକୃତିକ ଶକ୍ତି ନୁହେଁ ବା ଉଭୟଙ୍କ ସଂଯୋଗର ଫଳ ମଧ୍ୟ ନୁହେଁ । ଜୀବ ବ୍ରହ୍ମର ଅଂଶ ଓ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଏବଂ ନିଜର ବିକାଶ ପାଇଁ ପ୍ରାକୃତିକ ଶକ୍ତି ଓ ପଦାର୍ଥକୁ ବ୍ୟବହାର କରେ । ସେ ରୂପ ପରେ ରୂପ ଓ ଆକାର ପରେ ଆକାର ଧାରଣ କରି ତଦ୍ୱାରା କ୍ରମେ କ୍ରମେ ନିଜର ଗୁଣ ଓ ଶକ୍ତି ବିକାଶ କରେ । ରୂପ ଓ ଆକାରଗୁଡ଼ିକର ମୃତ୍ୟୁ ଘଟେ । କିନ୍ତୁ ଜୀବର ପ୍ରଗତି ବଢି ବଢି ଯାଏ । ଏପରି ଅସଂଖ୍ୟ ରୂପ ଓ ଅବିରତ ପରିବର୍ତ୍ତନ ମଧ୍ୟ ଦେଇ ଜୀବର ଯେଉଁ ପ୍ରଗତିଶୀଳ ପ୍ରବାହ ଚାଲିଛି ତାହା ପଛରେ ପରମେଶ୍ୱରଙ୍କ ଅସୀମ ବିଜ୍ଞତାର ପ୍ରଭବ ପ୍ରକାଶ ପାଉଅଛି । ଏହି ଦିଗରେ ବ୍ରହ୍ମବିଦ୍ୟା ଦ୍ୱାରା ଯାହା ଅନୁସନ୍ଧାନ କରାଯାଇଛି ତାହା ଜୀବର ଏକ ପରିପୂର୍ଣ୍ଣ ସନ୍ଦେଶ ବୋଲି ଜଣାଯାଏ । ପ୍ରକୃତିର ସମୂହ ତତ୍ତ୍ୱ ଆଖି ଆଗରେ ଦେଖିଲା ପରି ମନେହୁଏ ଏବଂ ହୃଦବୋଧ ହୁଏ । ପୁରୁଷ ଓ ପ୍ରକୃତିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଯଥା ମନୁଷ୍ୟ ଓ ତାହାର ପରିବେଷ୍ଟିତ ପରିସ୍ଥିତି ବିଷୟରେ ପ୍ରାଞ୍ଜଳଭାବେ ଆଦିଅନ୍ତ ସହ ବିଶ୍ଳେଷଣ କରି ବ୍ରହ୍ମବିଦ୍ୟା ଆଧୁନିକ ମାନବସମାଜ ପାଇଁ ଜ୍ଞାନଚକ୍ଷୁ ଉନ୍ମୀଳନ କରି ଦେଇଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଆମ୍ଭମାନଙ୍କ

Digitized by srujanika@gmail.com

ସବିଶେଷ ଲକ୍ଷ୍ୟ କ'ଣ, ତାହା କିପରି ଓ କେଉଁ ମାର୍ଗରେ ପ୍ରାପ୍ତ ହୋଇ ପାରିବ ତାହାର ଉତ୍କୃଷ୍ଟ ପନ୍ଥା ଦର୍ଶାଯାଇଛି । ବୈଜ୍ଞାନିକ ଗବେଷଣାଗାରରେ ଅନୁସନ୍ଧାନ କରି ବୈଜ୍ଞାନିକମାନେ ଯେପରି ନିର୍ଦ୍ଦିଷ୍ଟ ଫଳ ହାସଲ କରନ୍ତି, ସେହିପରି ମନୁଷ୍ୟର ଅନ୍ତର୍ନିହିତ ଐଶ୍ୱରିକ ଶକ୍ତି ଓ କ୍ଷମତା କିପରି ଜାଗରିତ କରାଯାଇ ପାରେ ଓ ତହିଁର ସଦ୍‌ବ୍ୟବହାର କିପରି କରାଯାଇପାରେ ବ୍ରହ୍ମବିଦ୍ୟା ସଠିକ୍ ପଥ ପ୍ରଦର୍ଶନ କରିଦେଇଛି ।

ସଂସାରିକ ଆମୋଦ ପ୍ରମୋଦ ବା ପାରିବାରିକ ଜୀବନ ମନୁଷ୍ୟକୁ ପୂର୍ଣ୍ଣ ସୁଖ ଦେଇପାରେ ନାହିଁ । ମନୁଷ୍ୟ ନିଜ ଭିତରେ ସୁପ୍ତ ଈଶ୍ୱରତ୍ୱକୁ ଉପଲବ୍ଧି କରିପାରିଲେ ସ୍ଥାୟୀ ସୁଖଶାନ୍ତି ଲାଭ କରି ପାରିବ । ତେଣୁ ମନୁଷ୍ୟ ନିଜ ବିଷୟରେ ଓ ପରିବେଷ୍ଟିତ ପ୍ରକୃତି ବିଷୟରେ ଜ୍ଞାନ ଲାଭ କରିବା ଆବଶ୍ୟକ । ଈଶ୍ୱରଙ୍କ ଚକ୍ଷୁରେ ପ୍ରତ୍ୟେକ ମନୁଷ୍ୟ ଅନ୍ତରରେ, ନିଜ ନିଜ ବୈଶିଷ୍ଟ୍ୟରେ ଓ ପ୍ରକୃତି ଭେଦରେ ପୃଥକ୍ ହେଲେ ମଧ୍ୟ ଆଦିରେ ଓ ଅନ୍ତରେ ସମାନ । ଜ୍ଞାନ ଓ ଗୁଣ ଅର୍ଜ୍ଜନ କରିବା ଅଧିକାର ସମସ୍ତଙ୍କର ରହିଛି । ସେହିପରି ସୁଖଶାନ୍ତି ଲାଭ କରିବା ଅଧିକାର ମଧ୍ୟ ସମସ୍ତଙ୍କର ଅଛି । କିନ୍ତୁ କାହିଁକି ସମସ୍ତେ ତାହା ଲାଭ କରିପାରନ୍ତି ନାହିଁ ? ଏଥିରେ ବିଧାତାର କୌଣସି ତ୍ରୁଟି ନାହିଁ । ତ୍ରୁଟି ରହିଛି ମନୁଷ୍ୟଙ୍କଠାରେ । ଧନ, ଜନ, ଗୌରବ, ସୁଖଶାନ୍ତି ଓ ଐଶ୍ୱର୍ଯ୍ୟ ପ୍ରତିମୁହୂର୍ତ୍ତରେ ପ୍ରତ୍ୟେକ ମନୁଷ୍ୟ ସମ୍ମୁଖରେ

Digitized by srujanika@gmail.com

ଅନୁଭବେ ରହିଛି । ଏଥିରେ ଜାତି, ଧର୍ମ, ସ୍ୱଦେଶୀ, ବିଦେଶୀ ସ୍ତ୍ରୀ, ପୁରୁଷ, ଉଚ୍ଚନୀଚ କୌଣସି ପ୍ରଭେଦ ନାହିଁ । ଯେ ଧନୀ ହେବାକୁ ଇଚ୍ଛୁକ ସେ ମନପ୍ରାଣ ଦେଇ ନିର୍ଦ୍ଦିଷ୍ଟ ମାର୍ଗରେ ଚେଷ୍ଟା କଲେ ଧନ ଉପାର୍ଜନ କରିପାରେ । ଯେ ଶାନ୍ତି ଚାହେଁ ସେ ନିର୍ଦ୍ଦିଷ୍ଟ ମାର୍ଗ ଅନୁସରଣ କଲେ ଫଳପ୍ରାପ୍ତ ହୁଏ । ସେହିପରି ଯେ ଯେତେ ସେ ଐଶ୍ୱରିକ ଶକ୍ତି ମଧ୍ୟ ପାଏ । ନିର୍ଦ୍ଦିଷ୍ଟ ଫଳ ନିର୍ଦ୍ଦିଷ୍ଟ ପ୍ରଣାଳୀର ପରିପାଳନରେ ପ୍ରାପ୍ତ ହୁଏ । କେବଳ ପ୍ରଣାଳୀ ଜାଣିଲେ ଫଳ ପ୍ରାପ୍ତି ହୁଏ ନାହିଁ ବା ଫଳର ଉପକାରିତା ଜାଣିଲେ ମଧ୍ୟ ଫଳପ୍ରାପ୍ତି ହୁଏ ନାହିଁ । ନିର୍ଦ୍ଦିଷ୍ଟ ମାର୍ଗରେ ଚେଷ୍ଟା ବା ଅଭ୍ୟାସ ଦରକାର । ଯେ କୌଣସି ମାର୍ଗରେ ମନପ୍ରାଣ ଦେଇ ଅବିରତ ଚେଷ୍ଟା କଲେ ସେହି ମାର୍ଗର ଫଳ ପ୍ରାପ୍ତି ଅନିବାର୍ଯ୍ୟ । ଏହା ଏକ ବିରାଟ ପ୍ରାକୃତିକ ନିୟମ । କାମନାରେ ଯଦି ତ୍ରୁଟି ରହେ ଫଳରେ ମଧ୍ୟ ସେହିପରି ତ୍ରୁଟି ରହିଯାଏ ଏବଂ ତାହା ନିଜେ ଭୋଗ କରିବାକୁ ପଡେ । ଆମ୍ଭମାନଙ୍କ ଜୀବନରେ ଅଧିକାଂଶ ଦୁଃଖକଷ୍ଟ ଏପରି ତ୍ରୁଟି ଓ ବିଚ୍ୟୁତି ହେତୁ ଘଟେ ।

ମନୁଷ୍ୟ ନିଜ ଭିତରେ ସୁପ୍ତ ଈଶ୍ୱରତ୍ୱକୁ ଉପଲବ୍ଧି କରିବା ପାଇଁ ଯେଉଁ ମାର୍ଗ ରହିଛି ତାହା ଅବଲମ୍ବନ କଲେ ମନୁଷ୍ୟର ପ୍ରକୃତ ବିକାଶ ହୁଏ ଓ ସ୍ଥାୟୀ ସୁଖଶାନ୍ତି ଲାଭ ହୁଏ । ଈଶ୍ୱରଙ୍କଠାରେ ଯେଉଁସବୁ ଗୁଣ ଓ ଶକ୍ତି ରହିଛି, ତାହା ହିଁ ସୂକ୍ଷ୍ମାକାରରେ

Digitized by srujanika@gmail.com

ପ୍ରତ୍ୟେକ ମନୁଷ୍ୟଠାରେ ପ୍ରଚ୍ଛନ୍ନଭବେ ବିଦ୍ୟମାନ । ସାଙ୍ଗଠନିକ ପଦ୍ଧତି ଦ୍ୱାରା ଏଗୁଡ଼ିକର ଉନ୍ମେଷ କରିବା ପାଇଁ ଯେଉଁ ଚେଷ୍ଟା ବା ଅଭ୍ୟାସ ଆବଶ୍ୟକ, ସେପରି ଅଭ୍ୟାସ ଦୈନନ୍ଦିନ ଜୀବନରେ ଅବଲମ୍ବନ କଲେ ଯେ କୌଣସି ମନୁଷ୍ୟର ବିକାଶ ହୁଏ । ଏଥିରେ ଜାତି, ଧର୍ମ, ଭଷା ଇତ୍ୟାଦିରେ ପ୍ରଭେଦ ନାହିଁ । ପ୍ରତ୍ୟେକ ମନୁଷ୍ୟର ତିନିଗୋଟି ଲକ୍ଷଣ ଦେଖାଯାଏ । ସେ ଚିନ୍ତା ବା ଭବନା କରେ, ଇଚ୍ଛା ବା କାମନା କରେ ଏବଂ କାର୍ଯ୍ୟ କରେ । କେବଳ ବାହ୍ୟ କାର୍ଯ୍ୟ ସ୍ଥୂଳ ଶରୀର ଦ୍ୱାରା କରଯାଏ । ମନଦ୍ୱାରା ଭବନା ଏବଂ କାମନା ଶରୀର ଦ୍ୱାରା ଇଚ୍ଛା କରଯାଏ । ବୈଦିକ ଦୃଷ୍ଟିକୋଣରୁ ଦର୍ଶାଯାଇଛି ଯେ କାମନା ମଧ୍ୟ ମନ ଦ୍ୱାରା ହୁଏ । ବେଦରେ ମନୁଷ୍ୟର ପାଞ୍ଚଗୋଟି ଶରୀରର ବର୍ଣ୍ଣନା ରହିଅଛି । ଏଗୁଡ଼ିକ ହେଉଛି ଅନ୍ନମୟ କୋଷ, ପ୍ରାଣମୟ କୋଷ, ମନୋମୟ କୋଷ, ବିଜ୍ଞାନମୟ କୋଷ ଏବଂ ଆନନ୍ଦ-ମୟ କୋଷ । ପ୍ରତ୍ୟେକ କୋଷର ଗୁଣ ଓ କର୍ମ ବା ଅଭିବ୍ୟକ୍ତି ରହିଛି ଏବଂ ଏଗୁଡ଼ିକର କ୍ରମବିକାଶ ହିଁ ପ୍ରକୃତରେ ମନୁଷ୍ୟର ବିକାଶ ।

ବ୍ରହ୍ମବିଦ୍ୟା (ଓକାଲଟିଜିମ୍) ଦୃଷ୍ଟିକୋଣରୁ ମନୁଷ୍ୟର ଛ ଗୋଟି ଶରୀର ରହିଅଛି । ସ୍ଥୂଳ ଶରୀର (ଫିଜିକାଲ୍‌ବଡ଼ି) କାମନା ଶରୀର (ଏଷ୍ଟ୍ରଲ ବଡ଼ି), ନିମ୍ନ-ମାନସ-ଶରୀର (ଲୋଏର୍ ମେଣ୍ଟାଲ୍ ବଡ଼ି), ବିଜ୍ଞାନମୟ ଶରୀର (କାଜଲ ବଡ଼ି

Digitized by srujanika@gmail.com

ବା ହାୟେର୍ ମେଣ୍ଟାଲ୍ ବଡି), ଆନନ୍ଦମୟ କୋଷ(ଇଣ୍ଟ୍ୟୁସନାଲ୍ ବଡ଼ି) ଓ ଆତ୍ମିକ ଶରୀର ଏପରି ଜୀବାତ୍ମାର ଛ ଗୋଟି ଶରୀର ପରସ୍ପର ସଂଗ୍ରଥିତ ଭାବରେ ଅନ୍ତର୍ନିହିତ ହୋଇ ରହିଅଛନ୍ତି । ସ୍ଥୂଳ ଶରୀର ସବୁଠାରୁ ବାହ୍ୟ ଶରୀର । ଏହାଠାରୁ ସୂକ୍ଷ୍ମ କାମନା ଶରୀର । ତହୁଁ କ୍ରମାନ୍ୱୟରେ ସୂକ୍ଷ୍ମରୁ ସୂକ୍ଷ୍ମତର ମନୋମୟ, ବିଜ୍ଞାନମୟ, ଆନନ୍ଦମୟ ଓ ଆତ୍ମିକ ଶରୀର । ସ୍ଥୂଳ ଜଗତରେ ଯେପରି କଠିନ ଜଳୀୟ ବାଷ୍ପ ଏବଂ ଆକାଶ ପରସ୍ପର ଅନ୍ତର୍ନିହିତ ହୋଇ ରହିଥିବା ଦେଖାଯାଏ, ସେହିପରି ମନୁଷ୍ୟର ଉକ୍ତ ଶରୀରଗୁଡ଼ିକ ଅନ୍ତର୍ନିହିତ ହୋଇଅଛି ଏବଂ ଏଗୁଡ଼ିକୁ ଜୀବାତ୍ମା ବ୍ୟବହାର କରେ । ବ୍ରହ୍ମବିଦ୍ୟା (ଓକାଲ-ଟିଜମ୍) ଦୃଷ୍ଟିକୋଣରୁ ଉକ୍ତ ଶରୀରଗୁଡ଼ିକର ଗୁଣ, କର୍ମ ଓ ବିକାଶ ଏହି ପୁସ୍ତକର ବିଷୟବସ୍ତୁ ।

ବ୍ରଜ କିଶୋର ତ୍ରିପାଠୀ

Digitized by srujanika@gmail.com

ପ୍ରକାଶିକାଙ୍କ ତରଫରୁ

ଧର୍ମନିରପେକ୍ଷ ଦେଶରେ ପ୍ରତ୍ୟେକ ଧର୍ମରେ ଆସ୍ଥାବାନ ନାଗରିକ ଅନ୍ୟ ଧର୍ମର ଆଗ୍ରହ ଓ ଆଦର୍ଶକୁ ସମ୍ମାନ ଦେଖାଇବା ଉଚିତ୍ । ଆଜିର ସଂସାରରେ ସାରା ବିଶ୍ୱର ପ୍ରତ୍ୟେକ ଦେଶର ନାଗରିକ ଅନ୍ୟ ଦେଶର ନାଗରିକମାନଙ୍କର ଭାଇ । ଏହି ଭାତୃତ୍ୱ ଓ ଧର୍ମସହନଶୀଳତାର ପ୍ରଚାରପାଇଁ ଲେଖକଙ୍କ "ମନୁଷ୍ୟର ଅନ୍ତର କଥା" ପ୍ରକାଶ ପାଇଲା ।

ଏହାର ବିକ୍ରୟଲବ୍ଧ ଧନରୁ ଏହି ପ୍ରକାରର ପୁସ୍ତକ ପ୍ରକାଶ କରାଯିବ । ଏହାଦ୍ୱାରା ଓଡ଼ିଆ ପାଠକମାନେ ବହୁବିଦ୍ୟାର ତତ୍ତ୍ୱ ବିଷୟରେ ଅବହିତ ହେବେ । ଲେଖକଙ୍କ ଅନ୍ୟାନ୍ୟ ବହି, ଯଥା କର୍ମବନ୍ଧନ, ଇହଜନ୍ମରେ ପୂର୍ବଜନ୍ମର ସ୍ମୃତି, ଆଧ୍ୟାତ୍ମିକ ଗତିପଥ, ସୃଷ୍ଟିର କ୍ରମବିକାଶ, ମାନବ ସମାଜର ଚରିତ୍ର ଗଠନ, ଇତ୍ୟାଦି କ୍ରମଶଃ ପ୍ରକାଶ କରାଯିବ ।

ଶ୍ରୀମତୀ କମଳା ତ୍ରିପାଠୀ
ପ୍ରକାଶିକା ଓ ସ୍ୱତ୍ୱାଧିକାରିଣୀ

Digitized by srujanika@gmail.com

ସୂଚୀପତ୍ର

ବିଷୟ	ପୃଷ୍ଠା
୧ । ସ୍ଥୂଳ ଶରୀର—ଗଠନ ପ୍ରଣାଳୀ—ଅଣୁର ସାତ ଗୋଟି ମୋଡ ମଧ୍ୟରୁ କେବଳ ଚାରି ଗୋଟି ମୋଡ ଏହି କାଳର ଶରୀରରେ କାମ କରେ—ପିନିଏଲ ଗ୍ଲାଣ୍ଡ ଓ ପିଟ୍ୟୁଟାରି ବଡ଼ିର ତାତ୍ପର୍ଯ୍ୟ ଓ ବିକାଶ ନିକଟଭବିଷ୍ୟତରେ ମନୁଷ୍ୟ ପଞ୍ଚେନ୍ଦ୍ରିୟ ସହିତ ଆଉ ଦୁଇ ଗୋଟି ଇନ୍ଦ୍ରିୟ ପ୍ରାପ୍ତିହେବ—ପ୍ରାଣମୟ କୋଷର ଗଠନପ୍ରଣାଳୀ—ଷଡ୍‌ଚକ୍ର—ପ୍ରାଣମୟକୋଷର ମୃତ୍ୟୁ—ସ୍ଥୂଳ ଓ ପ୍ରାଣମୟ କୋଷର ବିକାଶସାଧନ ପନ୍ଥା	୧
୨ । କାମନାଶରୀର — ଗଠନପ୍ରଣାଳୀ — କାମନା କିପରି ଜାତ ହୁଏ—ତହିଁର ସ୍ୱଭାବ କଣ—ଶୁଭ ଓ ଅଶୁଭ କାମନା କାହିଁକି ଜାତହୁଏ—କାମନା କିପରି ଫଳପ୍ରଦ ହୁଏ—ହିଂସା, ରାଗ, ଦ୍ୱେଷ କିପରି ଜାତହୁଏ—ତହିଁର ପରିମାର୍ଜନା ପ୍ରଣାଳୀ—କାମନା ଶରୀରର ମୃତ୍ୟୁ—ପିତୃଲୋକ ..	୧୧

Digitized by srujanika@gmail.com

ବିଷୟ	ପୃଷ୍ଠା
୩ । ମାନସଶରୀର—ଗଠନପ୍ରଣାଳୀ—ସ୍ୱଭବ—ଭବନା କିପରି ଜାତ ହୁଏ—ଦୁଶ୍ଚିନ୍ତା ଓ ସୁଚିନ୍ତାର ତାତ୍ପର୍ଯ୍ୟ—ରୂପ ଓ ଅରୂପ ଭବନା—ଏକରୁ ଅନେକ କାରକ—ମାନସ ଶରୀରର ବିକାଶ—ଧାରଣା ଧ୍ୟାନ—ମନକୁ ନିଷ୍କଳଙ୍କ କରିବା ପନ୍ଥା—ବ୍ୟକ୍ତିବିଶେଷର ସୂକ୍ଷ୍ମ ଶରୀର—ପୂର୍ବଜନ୍ମ ବୃତ୍ତାନ୍ତ ମନେ ନରହିବା କାରଣ—ମାନସ ଶରୀର ମୃତ୍ୟୁ ପରେ କଣ ହୁଏ	୩୧
୪ । ବିଜ୍ଞାନମୟ କୋଷ—ଗଠନପ୍ରଣାଳୀ—ସ୍ୱଭବ—ଜୀବାତ୍ମାର ବାହ୍ୟଅଙ୍ଗ—ଅମର—ଅନେକରୁ ଏକ କାରକ—ଆକାର ଓ ବର୍ଣ୍ଣ—ପୁନର୍ଜନ୍ମ ପ୍ରଣାଳୀ—ସଂସାର କିପରି ହୁଏ—ବିକାଶସାଧନ ପନ୍ଥା ..	୫୩
୫ । ଆନନ୍ଦମୟ କୋଷ—ଗଠନପ୍ରଣାଳୀ—ସ୍ୱଭବ—ରୂପ ଓ ଆକାର—ନିମ୍ନ ଶରୀରମାନଙ୍କରେ କିପରି ପ୍ରତିବିମ୍ବିତ ହୁଏ—ସାଧକମାନଙ୍କ ଅଭିଜ୍ଞତା—ସ୍ନେହ, ଦୟା, କରୁଣା, ଅନୁକମ୍ପା କିପରି ଜାତ ହୁଏ—ଅଟଳ ଭକ୍ତି ଓ ତତ୍ତ୍ୱ ଦର୍ଶନ—ବିକାଶସାଧନ ପନ୍ଥା	୭୪

Digitized by srujanika@gmail.com

ବିଷୟ	ପୃଷ୍ଠା
୬ । ଆତ୍ମା—ଗଠନପ୍ରଣାଳୀ—ସ୍ୱଭବ—ରୂପ ଓ ଆକାର —ଦମ୍ଭ ଧୈର୍ଯ୍ୟ—ଅଟଳ ବିଶ୍ୱାସ—କାମନାଶକ୍ତି, ମନଶକ୍ତି ଓ ଇଚ୍ଛାଶକ୍ତିର ଭେଦାଭେଦ— ଐଶ୍ୱରିକ ଶକ୍ତିର ଉନ୍ମେଷ ପନ୍ଥା—ଜନଲୋକ ତତ୍ତ୍ୱ ଓ ସୂର୍ଯ୍ୟମଣ୍ଡଳର ତାତ୍ପର୍ଯ୍ୟ—ଜୀବାତ୍ମା— ଜନଲୋକ ତତ୍ତ୍ୱର ପ୍ଲଗ୍ ପଏଣ୍ଟ—ବିକାଶ ସାଧନ—ଜୀବନମୁକ୍ତ ଅବସ୍ଥାରେ ଜନଲୋକ ସମ୍ପର୍କ	୯୪

Digitized by srujanika@gmail.com

ସ୍ଥୂଳ ଶରୀର

ଆମ୍ଭମାନଙ୍କ ଚତୁର୍ଦ୍ଦିଗରେ ପରିବେଷ୍ଟିତ ଏହି ଅସୀମ ବ୍ରହ୍ମାଣ୍ଡ ବିଭିନ୍ନ ପ୍ରକାର ରୂପ ଓ ଆକାର ବିଶିଷ୍ଟ ଜୀବ ସମୂହର କର୍ମସ୍ଥଳ । ଈଶ୍ୱରଙ୍କ ସୃଷ୍ଟିରେ ମନୁଷ୍ୟ ଏହି ପୃଥିବୀରେ ସର୍ବଶ୍ରେଷ୍ଠ ପ୍ରାଣୀ ଓ ତାହାର ଗଠନ ପ୍ରଣାଳୀ ଅତ୍ୟନ୍ତ ଜଟିଳ ଏବଂ ଅଦ୍ଭୁତ । ପୃଥିବୀ ବକ୍ଷରେ ଯେପରି ଅସଂଖ୍ୟ ପ୍ରକାର ପ୍ରାଣୀ ସହାବସ୍ଥାନ କରନ୍ତି, ଆମ୍ଭମାନଙ୍କ ଶରୀରରେ ମଧ୍ୟ ସେହିପରି ଅସଂଖ୍ୟ ପ୍ରକାର ଛୋଟ ଛୋଟ ଜୀବ ଅଛନ୍ତି । ସେମାନେ ନିଜ ନିଜ କାର୍ଯ୍ୟରେ ଅହରହ ଲାଗିପଡ଼ି ଅଛନ୍ତି । ଆଖି, କାନ, ନାକ, ଜିହ୍ୱା, ଚର୍ମ ଏଗୁଡ଼ିକ ପଞ୍ଚ ତନ୍ମାତ୍ରାର କର୍ମସ୍ଥଳ । ଆଖିର ଶୁଣିବା ଶକ୍ତି ନାହିଁ ବା କାନର ଦେଖିବା ଶକ୍ତି ନାହିଁ । ଯେ ଯାହାର ନିୟନ୍ତ୍ରିତ କାର୍ଯ୍ୟ କରନ୍ତି । ଫୁସ୍‌ଫୁସ୍, ହୃତ୍‌ପିଣ୍ଡ, ପାକସ୍ଥଳୀ, ମୂତ୍ରଯନ୍ତ୍ର, ଅନ୍ତକୋଷ, ହାତ ପାଦ, ମସ୍ତିଷ୍କ ଏଗୁଡ଼ିକ ପ୍ରତ୍ୟେକେ ବିଭିନ୍ନ କର୍ମ ନିମନ୍ତେ ନିୟନ୍ତ୍ରିତ । ଏପରି ବିଭିନ୍ନ ବିଭାଗର କାର୍ଯ୍ୟ ସମୂହ ଭାବରେ ମନୁଷ୍ୟର ଦେହ ଭିତରେ ପରିଚାଳିତ ହୁଏ ।

ଆମ୍ଭେମାନେ ବାସ କରୁଥିବା ଏହି ବିଶ୍ୱବ୍ରହ୍ମାଣ୍ଡ ସୁଚିନ୍ତିତ ନିୟମାନୁଯାୟୀ ପରିଚାଳିତ । ଉଦର, ଫୁସ୍‌ଫୁସ୍, ଯକୃତ, ପ୍ଲୀହା,

Digitized by srujanika@gmail.com

ହୃଦ୍‌ଯନ୍ତ୍ର, ପାକସ୍ଥଳୀ, ମୂତ୍ରାଶୟ, ସ୍ନାୟୁବିଭାଗ ଓ ମସ୍ତିଷ୍କ ଇତ୍ୟାଦି ନିଜ ନିଜର ସ୍ୱଭାବ ନିୟତ କର୍ମ କରିବା ହେତୁ ସମୁଦାୟ ଶରୀର ହୃଷ୍ଟପୁଷ୍ଟ ରହେ । କିନ୍ତୁ ଏହି ବିଭିନ୍ନ ବିଭାଗରେ ଅବସ୍ଥାନ କରେ କିଏ ? – ମୁଁ । ଏହି ସମୁଦାୟ ଶରୀରରେ ମୁଁ ବାସକରେ – ମୁଁ ହୃଦ୍‌ଯନ୍ତ୍ରରେ ରହିଅଛି, ପାକସ୍ଥଳୀରେ ରହିଅଛି, ମସ୍ତିଷ୍କରେ ରହିଅଛି । ଶରୀରର ସବୁଭାଗରେ ମୁଁ ରହିଛି, ଯେପରି ଈଶ୍ୱର ସବୁଠାରେ ଅଛନ୍ତି । ଅତଏବ ମନୁଷ୍ୟର ସ୍ଥୂଳ ଶରୀର ବିଶ୍ୱବ୍ରହ୍ମାଣ୍ଡର ଏକ କ୍ଷୁଦ୍ର ପ୍ରତିବିମ୍ବ ଓ ସମୁଦାୟ ମନୁଷ୍ୟ ଈଶ୍ୱରଙ୍କ ପ୍ରତିବିମ୍ବ ମାତ୍ର ।

ସ୍ଥୂଳ ଶରୀର ମନୁଷ୍ୟର ବାହ୍ୟ ଶରୀର ଏବଂ ସ୍ଥୂଳ ଜଗତରେ କାର୍ଯ୍ୟ କରିବା ପାଇଁ ଏହା ଜୀବାତ୍ମାର ଏକ ପ୍ରକାର ଯନ୍ତ୍ର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଯନ୍ତ୍ରଟି ଯଦି ସୁଦୃଢ଼ ରହେ, ତେବେ ସେହି ଯନ୍ତ୍ରଦ୍ୱାରା ଯେଉଁ କାର୍ଯ୍ୟ କରାଯାଏ, ସେହି କାର୍ଯ୍ୟଗୁଡ଼ିକ ମଧ୍ୟ ଭଲ ହୁଏ । ଯନ୍ତ୍ରଟି ଯଦି ଦୁର୍ବଳ ହୁଏ, ବା ଭଙ୍ଗା ଦଦରା ହୁଏ, କାର୍ଯ୍ୟଟି ଅନୁରୂପ ହୁଏ । ଏହି ସ୍ଥୂଳ ଶରୀରର ସାହାଯ୍ୟରେ ଜୀବାତ୍ମା ଭୂଲୋକରେ ପ୍ରକାଶ ପାଏ, ପଞ୍ଚ ଇନ୍ଦ୍ରିୟ ସଂଯୋଗରେ ସ୍ଥୂଳ ଜଗତର ଜ୍ଞାନ ଲାଭ କରେ । କର୍ମେନ୍ଦ୍ରିୟ ଦ୍ୱାରା ଜୀବ ତାର ଅଭୀଷ୍ଟ କର୍ମ କରିଥାଏ । ମନୁଷ୍ୟର ଏହି ପଞ୍ଚ ଇନ୍ଦ୍ରିୟଗୁଡ଼ିକର ବିକାଶ ମଧ୍ୟ କ୍ରମେ କ୍ରମେ ଘଟୁଅଛି । ଆଧୁନିକ ଯୁଗର ମନୁଷ୍ୟଠାରେ ପଞ୍ଚ ଇନ୍ଦ୍ରିୟ ଯେପରି ବିକାଶ

Digitized by srujanika@gmail.com

ପାଇଛି, ଅତୀତ ଯୁଗରେ ତାହା ହୋଇ ନ ଥିଲା । ଆର୍ଯ୍ୟ ଜାତି ପୂର୍ବରୁ ଯେଉଁ ଆଟ୍ଲାଣ୍ଟିୟନ୍ ଜାତି ଥିଲା, ସେ କାଳର ମନୁଷ୍ୟ-ମାନଙ୍କର ରସ ଓ ଗନ୍ଧ ଉପଲବ୍ଧି କରିବା ଜ୍ଞାନ କମ ରହି-ଥିଲା । ତା' ପୂର୍ବରୁ ଲେମୋରିୟାନ ଜାତିର ମନୁଷ୍ୟମାନେ କେବଳ ତିନିଗୋଟି ଇନ୍ଦ୍ରିୟ ବ୍ୟବହାର କରୁଥିଲେ । ଅବସ୍ଥିତ ପାଞ୍ଚଗୋଟି ଇନ୍ଦ୍ରିୟ ସହିତ ଆଉ ଦୁଇଗୋଟି ଇନ୍ଦ୍ରିୟ ନିକଟ ଭବିଷ୍ୟତରେ ମନୁଷ୍ୟ ଲାଭ କରିବ ବୋଲି ବ୍ରହ୍ମବିଦ୍ୟାବିତ୍ମାନେ କହିଛନ୍ତି । ତଦ୍ଦ୍ୱାରା ମନୁଷ୍ୟ ସ୍ଥୂଳ ଜଗତର ଅଧିକ ଜ୍ଞାନ ଲାଭ କରିବାକୁ ସକ୍ଷମ ହୋଇପାରିବ । ଇହଜଗତର ଜ୍ଞାନ ପାଇବା ପାଇଁ ମନୁଷ୍ୟ ଏହି ପଞ୍ଚ ଇନ୍ଦ୍ରିୟଗୁଡ଼ିକ ଉପରେ କିପରି ନିର୍ଭର କରେ, ତାହା ପ୍ରତ୍ୟେକ ମନୁଷ୍ୟ ଉପଲବ୍ଧି କରନ୍ତି । ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ଏପରି ପଞ୍ଚ ଇନ୍ଦ୍ରିୟର କ୍ରିୟା ଯଦି ଗୋଟିକ ପରେ ଗୋଟିଏ ବନ୍ଦ କରାଯାଏ, ତେବେ ମନୁଷ୍ୟ ଇହଜଗତରୁ ବିଚ୍ଛିନ୍ନ ହୋଇଯିବ । ଗାଢ଼ ନିଦ୍ରା କାଳରେ ଏପରି ଅବସ୍ଥା ପ୍ରତ୍ୟେକ ମନୁଷ୍ୟର ଘଟେ । ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ବିଭିନ୍ନ ପ୍ରକାର ସ୍ପନ୍ଦନ ଭିତ୍ତିରେ ପରିଚାଳିତ । ଅତଏବ ମନୁଷ୍ୟର ଶରୀରଟିକୁ ଏକ ସ୍ପନ୍ଦନଗ୍ରାହୀ ଯନ୍ତ୍ର ବୋଲି କହିବା ଅସଙ୍ଗତ ନୁହେଁ । ଏହି ଶରୀର ଚତୁର୍ଦ୍ଦିଗରୁ ବିଭିନ୍ନ ସ୍ପନ୍ଦନ ଗୁଡ଼ିକୁ ଆକର୍ଷଣ କରେ ଏବଂ ଜୀବାତ୍ମାର ଗୋଚରାର୍ଥେ ଅନ୍ତରକୁ ଟାଣି ନିଏ । ଜୀବାତ୍ମା ଠାରୁ ସେହିପରି ସ୍ପନ୍ଦନ ଭିତ୍ତିରେ ନିର୍ଦ୍ଦେଶ ପାଇ କର୍ମଇନ୍ଦ୍ରିୟ ଗୁଡ଼ିକ କାର୍ଯ୍ୟରତ ହୁଅନ୍ତି । ଏହି ଶରୀର

Digitized by srujanika@gmail.com

ଯନ୍ତ୍ରଟିକୁ ମନୁଷ୍ୟ ତାର ଦୁଇ ଗୋଡ଼ ସାହାଯ୍ୟରେ ଧରି ଭ୍ରମଣ କରେ ଏବଂ ଇହଜଗତର ସନ୍ଦେଶ ନିଆଅଣା କରେ । ଆମ୍ଭେମାନେ ଏହି ଯନ୍ତ୍ରଟିକୁ ମୋର ଦେହ ବୋଲି କହୁଁ ଏବଂ ତାହାର କାର୍ଯ୍ୟଗୁଡ଼ିକୁ ମୁଁ ଦେଖିଲି, ମୁଁ ଶୁଣିଲି ଇତ୍ୟାଦି ବୋଲି ଅଧିକାଂଶ ସମୟରେ କହୁ ।

ଆଧୁନିକ ଯୁଗର ବୈଜ୍ଞାନିକଗଣ ଏହି ଅନ୍ନମୟ କୋଷର ପୁଂଖାନୁପୁଂଖ ଗବେଷଣା କରି ତହିଁର କ୍ରିୟା ପ୍ରକ୍ରିୟା ଆଦି ବିଷୟରେ ବହୁତ ତଥ୍ୟ ହାସଲ କରିପାରିଛନ୍ତି । କିନ୍ତୁ ପ୍ରାଣମୟ କୋଷ ବା ତଦ୍‌ରୂପ ଅନ୍ୟ ସୂକ୍ଷ୍ମ ଶରୀରଗୁଡ଼ିକର ତଥ୍ୟ ଅନୁସନ୍ଧାନ କରିବା ପାଇଁ ସେମାନେ ଆଗ୍ରହୀ ହୋଇ ପାରି-ନାହାନ୍ତି । ମନୁଷ୍ୟର ବାହ୍ୟ ଶରୀର ଭୂଲୋକର ପ୍ରକୃତି ଓ ପଦାର୍ଥ ଦ୍ୱାରା ଗଠିତ । ଏହି ଭୂଲୋକର ଯାହା କିଛି ଦୃଶ୍ୟ ଓ ଅଦୃଶ୍ୟ ପଦାର୍ଥ ରହିଛି ତାହା । ସାତ ଭାଗରେ ବିଭକ୍ତ ଯଥା କଠିନ, ତରଳ, ବାଷ୍ପ, ଆକାଶ, ସୂକ୍ଷ୍ମାକାଶ, ଅଣୁ ଏବଂ ପରମାଣୁ । ଆଦ୍ୟ ତିନିଗୋଟି ପଦାର୍ଥ ଦ୍ୱାରା ଅନ୍ନମୟ କୋଷ ଗଠିତ ଏବଂ ଅବଶିଷ୍ଟ ଗ୍ୱରିଗୋଟି ସୂକ୍ଷ୍ମ ପଦାର୍ଥ ଦ୍ୱାରା ପ୍ରାଣମୟ କୋଷ ଗଠିତ । ଏହି ପ୍ରାଣମୟ କୋଷ ଦ୍ୱାରା ମନୁଷ୍ୟ ସୂର୍ଯ୍ୟ ରଶ୍ମିର ଉପାଦାନ ଗ୍ରହଣ କରେ । ଯୋଗଶାସ୍ତ୍ରରେ ବର୍ଣ୍ଣିତ ଷଡ଼ଚକ୍ର ଏହି ପ୍ରାଣ-ମୟ କୋଷରେ ଅବସ୍ଥିତ । ଏହି କୋଷ ସ୍ଥୂଳ ଦେହର ଚତୁର୍ଦ୍ଦିଗରେ ପ୍ରାୟ ତିନି ଇଞ୍ଚ ପରିମାଣରେ ବିସ୍ତୃତ ଏବଂ

Digitized by srujanika@gmail.com

ସୂକ୍ଷ୍ମ ହେତୁ ଇନ୍ଦ୍ରିୟ ଗୋଚର ନୁହେଁ । ଏହା ସ୍ଥୂଳ ଶରୀରର ରୂପ ପରି । ଏହି ଉଭୟ ଅନ୍ନମୟ ଓ ପ୍ରାଣମୟ କୋଷ ଭୂଲୋକର ତତ୍ତ୍ୱଯୁକ୍ତ ହେତୁ ଏହା ସ୍ଥୂଳ ଶରୀରର ଦୁଇଭାଗ ବୋଲି ଧରାଯାଏ ।

ସ୍ଥୂଳ ଶରୀରର ବିଚାର କଲାବେଳେ ତହିଁର ଦୁଇଗୋଟି କର୍ମେନ୍ଦ୍ରିୟର କାର୍ଯ୍ୟ ଅତ୍ୟନ୍ତ ବିଚାରଯୋଗ୍ୟ । ଏହି ଦୁଇ-ଗୋଟି ହେଉଅଛି ପିଟ୍ୟୁଟରି ବଡ଼ି ଓ ପିନିଏଲ୍ ଗ୍ଲାଣ୍ଡ୍ ଏବଂ ଉଭୟ ଆମ୍ଭମାନଙ୍କ ମସ୍ତିଷ୍କ ଭିତରେ ଅବସ୍ଥିତ । ଏହାର ପ୍ରକୃତ କର୍ମ ଓ ତତ୍ତ୍ୱ କେବଳ ପ୍ରକୃତ ପ୍ରଜ୍ଞାବାନ୍‌ମାନଙ୍କୁ ଗୋଚର । ମହ ଓ ଜନଲୋକର ସନ୍ଦେଶ ଏହି ପିଟ୍ୟୁଟରି ବଡି ସାହାଯ୍ୟରେ ମନୁଷ୍ୟ ପ୍ରାପ୍ତ ହୁଏ ଏବଂ ଏହାର ବିକାଶ ସାଧନ ସାଧକମାନଙ୍କ ପକ୍ଷରେ ଅତ୍ୟନ୍ତ ପ୍ରୟୋଜନ । କାରଣ ଏହାର ବିକାଶ ସାଧନ କରିପାରିଲେ ମନୁଷ୍ୟ ଜୀବାତ୍ମାର ସାକ୍ଷାତ୍‌କାର ଲାଭ କରି ପାରିବ । କିନ୍ତୁ ବିନା ସଦ୍‌ଗୁରୁ ସାହାଯ୍ୟରେ ଏହି ସାଧନା ଅନୁଚିତ କାରଣ ଅପୂର୍ବ ଶକ୍ତିର ପ୍ରବାହ ମନୁଷ୍ୟର ମସ୍ତିଷ୍କ ପକ୍ଷରେ ଅସମ୍ଭାଳ ହୋଇପାରେ । ପିନିଏଲ୍ ଗ୍ଲାଣ୍ଡ ସାହାଯ୍ୟରେ ମନୁଷ୍ୟ ତାହାର ଚିନ୍ତା ବା ଭାବନା ନିଜ ଶରୀରଠାରୁ ଅନ୍ୟ ଜଣଙ୍କ ଠାକୁ ପ୍ରବାହିତ କରେ । ଏହାର ବିକାଶ ସାହାଯ୍ୟରେ ମନର ଶକ୍ତି ଉଦ୍ଭବ ହୁଏ । ନିଜର ମନ ଯେପରି ଗୃହେଁ ଅନ୍ୟ ଲୋକେ ସେହିପରି ଆଚରଣ କରନ୍ତି । ପ୍ରାଣମୟ କୋଷରେ ଅବସ୍ଥିତ ଚକ୍ରଗୁଡ଼ିକର ବିକାଶ ସାଧନ କଲେ ମନୁଷ୍ୟ ଭୁବ

Digitized by srujanika@gmail.com

ଲୋକର ତତ୍ତ୍ୱ ଅବଗତ ହୁଏ ଏବଂ ଦିବ୍ୟ ଦୃଷ୍ଟି ଓ ଦିବ୍ୟ ଶ୍ରୁତି ପ୍ରାପ୍ତ ହୁଏ । ସଦ୍‌ଗୁରୁଙ୍କ ସାହାଯ୍ୟରେ ଏହି ସାଧନା ସମ୍ଭବ, ଅନ୍ୟଥା ପ୍ରମାଦପୂର୍ଣ୍ଣ ଓ ଦୁଃଖଦାୟକ ।

ସ୍ଥୂଳ ଶରୀରକୁ ଏପରି ପରିଚାଳିତ କରିବା ଆବଶ୍ୟକ, ଯଦ୍ୱାରା ଜୀବାତ୍ମାର ବିକାଶ ଅଧିକରୁ ଅଧିକତର ହୋଇପାରିବ । ଅବଶ୍ୟ ଏହି ଶରୀରର ପ୍ରାକୃତିକ କର୍ମରେ କେତେକ ସୀମା ରହିଛି । ସେହିପରି ଭୂଲୋକର ପ୍ରକୃତି ମଧ୍ୟ କେତେକ ସୀମା ମଧ୍ୟରେ ନିୟନ୍ତ୍ରିତ । କିନ୍ତୁ ଉପଯୁକ୍ତ ଯତ୍ନ ଓ ଅଭ୍ୟାସ ସାହାଯ୍ୟରେ ସ୍ଥୂଳ ଶରୀରଟିକୁ ଏକ ଉତ୍କୃଷ୍ଟ ଯନ୍ତ୍ର ଗଢାଯାଇ ପାରିବ । ମନେ ରଖିବା ଦରକାର ଯେ, ଭୂଲୋକର ଅଣୁ ଓ ପରମାଣୁଗୁଡ଼ିକର ମଧ୍ୟ କ୍ରମବିକାଶ ଚାଲିଛି । ଭବିଷ୍ୟତ କାଳରେ ମନୁଷ୍ୟର ସ୍ଥୂଳ ଶରୀର ଏପରି ଗଠିତ ହେବ, ଯଦ୍ୱାରା ସେ ସୂକ୍ଷ୍ମ ଲୋକର ଆଭାସ ଅତି ସହଜରେ ପାଇ ପାରିବ ଏବଂ ବ୍ରହ୍ମଜ୍ଞାନ ଉପଲବ୍ଧି କରିବାର ପନ୍ଥା ଉନ୍ମୁକ୍ତ ହୋଇ ପାରିବ । କିନ୍ତୁ ବର୍ତ୍ତମାନ କାଳରେ ମଧ୍ୟ ମନୁଷ୍ୟ ନିଜର ଉନ୍ନତି ସାଧନା କରିବା ଲାଗି ସକ୍ଷମ । ପରିବେଷ୍ଟିତ ଭୂଲୋକର ପ୍ରାକୃତିକ ବିଷୟବସ୍ତୁ ସହିତ ନିଜ ସ୍ଥୂଳ ଶରୀରର ସୁସମ୍ପର୍କ ପ୍ରତିଷ୍ଠା କରିପାରିଲେ ଜୀବନ ସଫଳ ହୋଇ ପାରିବ ।

ଏହି ଦିଗରେ ପ୍ରଥମ କର୍ମପନ୍ଥା ହେଉଛି ସ୍ଥୂଳ ଶରୀରଟିକୁ ସମ୍ପୂର୍ଣ୍ଣ ଆୟତ୍ତାଧୀନ କରିବା । ଆୟତ୍ତାଧୀନ ନ ହେଲେ ତାହାର

Digitized by srujanika@gmail.com

ପବିତ୍ରତା ବା ସ୍ୱର୍ଣଶକ୍ତିର ଉନ୍ମେଷ ସହଜରେ ସମ୍ଭବପର ନୁହେ । ସ୍ୱର୍ଗ ଓ ମହର୍ଲୋକର ଅତି ସୂକ୍ଷ୍ମ ସ୍ପନ୍ଦନ ସେ ଗ୍ରହଣ କରିପାରିବ ନାହିଁ । ସ୍ଥୂଳ ଶରୀରର କେତେଗୁଡ଼ିଏ ନିଜର ସ୍ୱଭାବ ସେ ସହଜରେ ଛାଡ଼ିପାରେ ନାହିଁ । ଯଦି ସ୍ୱଭାବ ପରିବର୍ତ୍ତନ କରିବାର ଉଦ୍ୟମ ହୁଏ, ସେ ତାହା ପ୍ରତିରୋଧ କରେ । ସ୍ଥୂଳ ଶରୀର ଅଧିକାଂଶ ସମୟରେ ମନ ଓ କାମନା ଦ୍ୱାରା ପରିଚାଳିତ ହେଲେ ମଧ୍ୟ ତାହାର ନିଜର କେତେଗୁଡ଼ିଏ ସ୍ୱଭାବ ରହିଛି । ସେ ତାହାର ସ୍ୱଭାବ ଅନୁସାରେ କର୍ମ କରେ । ଫୁସଫୁସ୍, ଶିରା, ପ୍ରଶିରା, ପାକସ୍ଥଳୀର କାର୍ଯ୍ୟକ୍ରମ ଏବଂ ବିଶ୍ରାମ, କ୍ଷୁଧା, ତୃଷ୍ଣା ଇତ୍ୟାଦି ସ୍ଥୂଳ ଶରୀରର ସ୍ୱଭାବ କର୍ମ । ମନୁଷ୍ୟ କହିଲେ କେବଳ ଦେହକୁ ବୁଝାଏ ନାହିଁ । ଦେହ, କାମନା, ମନ, ବୁଦ୍ଧି ଓ ଆତ୍ମା ସମୂହକୁ ବୁଝାଏ । ତେଣୁ ମନୁଷ୍ୟ ଓ ତାର ଦେହ ସମ୍ପୂର୍ଣ୍ଣ ପୃଥକ୍ । ଅନେକ ସମୟରେ ଦେହ ଯାହା ଚାହେଁ, ତାହା ମନୁଷ୍ୟର ପ୍ରକୃତ ଇଚ୍ଛା ନୁହେଁ । ଯେତେବେଳେ କୌଣସି କର୍ତ୍ତବ୍ୟ କାର୍ଯ୍ୟ ଉପସ୍ଥିତ ହୁଏ, ସ୍ଥୂଳ ଦେହ ସେତେବେଳେ ବିଶ୍ରାମ ଲୋଡେ ବା ଭ୍ରମଣ କରିବାକୁ ଚାହେଁ କିମ୍ବା ମଉଜ କରିବାକୁ ଚାହେଁ । ଅନ୍ୟକୁ ସାହାଯ୍ୟ କରିବା ସୁଯୋଗ ଯେତେବେଳେ ମିଳେ, ଦେହ ସେତେବେଳେ ସେଥିରୁ ଓହରି ଯିବା ପାଇଁ ଉଦ୍ୟମ କରେ, କାରଣ ଦେହ ଉପରେ ପରିଶ୍ରମ ପଡ଼ିବ । ତେଣୁ ଦେହଟିକୁ ମନୁଷ୍ୟର ଏକ ବାହନ ବୋଲି ଧରିବାକୁ ପଡିବ । ତାର ଯତ୍ନ ନେବା ଦରକାର । ତାକୁ ଅତ୍ୟଧିକ ପରିଶ୍ରମ

Digitized by srujanika@gmail.com

କରାଇବା ଉଚିତ ନୁହେଁ । ବିଶୁଦ୍ଧ ଖାଦ୍ୟ ଓ ପାନ ଠିକ୍ ସମୟରେ ତାକୁ ଦେବା ଏବଂ ସବୁବେଳେ ତାକୁ ପରିଷ୍କାର ପରିଚ୍ଛନ୍ନ ଓ କର୍ମଠ ରଖିବା ଆବଶ୍ୟକ । କାରଣ ଦେହ ସମ୍ପୂର୍ଣ୍ଣ ସୁସ୍ଥ, ପରିଷ୍କାର ଓ କର୍ମଠ ନ ହେଲେ ଦୃଢ଼ର ସାଧାନା କରିବା ସମ୍ଭବ ନୁହେଁ ।

ମନୁଷ୍ୟ ନିଜର ଦେହକୁ ଆୟତ୍ତାଧୀନ କରିବାର ପନ୍ଥା ହେଉଛି ତାକୁ ନିଜର ଏକ ଅଙ୍ଗ ବା ବାହନ ବୋଲି ଧରି, ନିଜେ ତାହାଠାରୁ ପୃଥକ୍ ବୋଲି ବିଚାରିବା । ବାରମ୍ବାର ଅଭ୍ୟାସ କଲେ ଏପରି ଦୃଷ୍ଟିକୋଣ ଜାଗରିତ ହୁଏ ଏବଂ ଦେହ ସ୍ୱଭାବର ବଶ ନହୋଇ ମନୁଷ୍ୟର ନିର୍ଦ୍ଦେଶ ଅନୁଯାୟୀ ଚାଲେ । କ୍ରମେ କ୍ରମେ ଭୂଲୋକର ସମସ୍ତ ସ୍ପନ୍ଦନ ଛଡା ଭୁବଲୋକ ଓ ସ୍ୱର୍ଗ ଲୋକ ଇତ୍ୟାଦି ସୁକ୍ଷ୍ମ ଲୋକର ସ୍ପନ୍ଦନ ଗ୍ରହଣ କରିବାକୁ ସକ୍ଷମ ହୁଏ । ସ୍ଥୂଳ ଶରୀରର ବିକାଶ ପଥରେ ସ୍ନାୟୁ ବିଭାଗ ବା ନର୍ଭ ପ୍ରଣାଳୀର ବିଶେଷ ଉପଯୋଗିତା ରହିଅଛି । ଏହି ନରଭାସ୍ ପ୍ରଣାଳୀର ଦକ୍ଷତା ବଢାଇଲେ ଦେହ ସୂକ୍ଷ୍ମ ସ୍ପନ୍ଦନଗୁଡ଼ିକର ସ୍ପର୍ଶ କରିପାରେ । ନଚେତ୍ ଏହି ସୂକ୍ଷ୍ମ ସ୍ପନ୍ଦନ ପ୍ରତି ସେ ଅଚେତନ ରହେ । କେବଳ ଧ୍ୟାନ ଧାରଣା ଦ୍ୱାରାହିଁ ଏହି ନରଭାସ୍ ପ୍ରଣାଳୀର ବିକାଶ ସମ୍ଭବ । ଧ୍ୟାନ ଧାରଣା ଅଭ୍ୟାସ ଯୋଗୁଁ ପିଟ୍ୟୁଟରି ବଡି ଓ ପିନିଅଲ୍ ଗ୍ଲାଣ୍ଡର ଉନ୍ନତି ଘଟେ । ଦ୍ୱିତୀୟତଃ ସ୍ନାୟୁ ପ୍ରଣାଳୀରେ ଯେଉଁ ଶକ୍ତିର ପ୍ରବାହ ଚାଲିଛି, ତହିଁର ଶୁଭ ପରିବର୍ତ୍ତନ ହୁଏ ।

Digitized by srujanika@gmail.com

ବ୍ରହ୍ମବିଦ୍ୟାବିତ୍‌ମାନେ ଜାଣନ୍ତି ଯେ, ଇହଜଗତର ପ୍ରତ୍ୟେକ ପରମାଣୁର ସାତଗୋଟି ମୋଡ ରହିଛି ଏବଂ ବର୍ତ୍ତମାନ କାଳରେ ସେଥିରୁ କେବଳ ଚାରିଗୋଟି ମୋଡ କାର୍ଯ୍ୟକାରୀ ହେଉଅଛି । ଅବଶିଷ୍ଟ ତିନିଗୋଟି ମୋଡ କାର୍ଯ୍ୟକାରୀ ହୋଇ ପାରୁନାହିଁ । ଭବିଷ୍ୟତ୍ କାଳରେ ମନୁଷ୍ୟର ଦେହ ଯେତେବେଳେ ସ୍ୱର୍ଣ୍ଣତର ହୋଇ ଦକ୍ଷତାଶୀଳ ହେବ, ସେତେବେଳେ ଏହି ତିନିଗୋଟି ମୋଡ କାର୍ଯ୍ୟରେ ଲାଗିବ ଏବଂ ମନୁଷ୍ୟର ବାହ୍ୟଜଗତ ବିଷୟରେ ଜ୍ଞାନ ଉତ୍କର୍ଷ ଲାଭ କରି ପାରିବ ।

ପ୍ରଗାଢ଼ ଧ୍ୟାନ ଅଭ୍ୟାସ କଲେ ସୂକ୍ଷ୍ମ ଲୋକରୁ ଶକ୍ତି ପ୍ରବାହିତ ହୋଇ ଆମ ଦେହରେ ଅବସ୍ଥିତ ପରମାଣୁଗୁଡିକ ମଧ୍ୟରେ ଚଞ୍ଚଳତା ଜାତ କରାଏ ଏବଂ ତଦ୍ୱାରା ନୂତନ ମୋଡଗୁଡିକର କ୍ରିୟା ମନୁଷ୍ୟର ଜ୍ଞାନଶକ୍ତିକୁ ବଢ଼ାଏ । କିନ୍ତୁ ଧ୍ୟାନ ଅଭ୍ୟାସ ସାବଧାନ ହୋଇ କରିବା ଦରକାର । ହଠାତ୍ ଅତିରିକ୍ତ ମାତ୍ରାରେ ଅଭ୍ୟାସ କଲେ ବା ଦେହ ଅସୁସ୍ଥ ଅବସ୍ଥାରେ ଅଭ୍ୟାସ କଲେ ବା ମସ୍ତିଷ୍କ ଉପରେ ଅତିଶୟ ପରିଶ୍ରମ ପଡିଲେ ବିପଦର ଆଶଙ୍କା ଜନ୍ମେ । ତା' ବ୍ୟତୀତ ଭରା ଉଦରରେ ଏବଂ ଅସୁସ୍ଥ ଅବସ୍ଥାରେ ଧ୍ୟାନ ଅଭ୍ୟାସ ନିଷେଧ । ଦେହକୁ ପବିତ୍ର ଓ ସ୍ୱର୍ଣ୍ଣତର କରି ଜୀବାତ୍ମାର ପ୍ରକାଶ କରିବା ସାଧାରଣ କଥା ନୁହେଁ । ଶରୀରର ଅଣୁ ପରମାଣୁରେ ପରିବର୍ତ୍ତନ ଆବଶ୍ୟକ । ତେଣୁ ବହୁକାଳ ପ୍ରଗାଢ ଅଭ୍ୟାସ କରିବା ଦରକାର । ସହିଷ୍ଣୁତା ଓ ଧୈର୍ଯ୍ୟ ମଧ୍ୟ ଦରକାର ।

Digitized by srujanika@gmail.com

ମନୁଷ୍ୟ ପ୍ରତି ପ୍ରକୃତିର ଯାତର ଅନ୍ତର ନାହିଁ । କର୍ମ ଅଭ୍ୟାସ ଓ ଅନୁଶୀଳନ ଦ୍ୱାର ପ୍ରଗାଢ ଇଚ୍ଛାଶକ୍ତି, ଦୃଢ ଆତ୍ମବିଶ୍ୱାସ ଏବଂ ଆଦର୍ଶ ଆତ୍ମ ନିବେଦନ ଦ୍ୱାର ମନୁଷ୍ୟ ଏହି ଦେହ ଯନ୍ତ୍ରକୁ ଈଶ୍ୱରଙ୍କ ପବିତ୍ର ମନ୍ଦିରରେ ପରିଣତ କରିପାରେ । ସେଥିପାଇଁ ସତ୍ ଓ ସାଧୁସଙ୍ଗ, ସଦାଗ୍ୱର, ସଦ୍ ଅଭ୍ୟାସ, ଯଜନ ଓ ଯାଜନ, ଅଧ୍ୟୟନ ଓ ଅଧ୍ୟାପନା, ଧ୍ୟାନ ଓ ଧାରଣା ନିତ୍ୟ ପ୍ରୟୋଜନ ।

Digitized by srujanika@gmail.com

କାମନା ଶରୀର

ମନୁଷ୍ୟ ପଶୁ ପକ୍ଷୀ କୀଟ ପତଙ୍ଗ ସମସ୍ତେ ନିଦ୍ରାଭିଳାଷୀ । ନିଦ୍ରା ଆମ୍ଭମାନଙ୍କ ପକ୍ଷରେ ଆନନ୍ଦଦାୟକ ବୋଧ ହୁଏ । ଅନିଦ୍ରା କ୍ଳେଶଯୁକ୍ତ ବୋଲି ଆମ୍ଭେମାନେ ମନେକରୁ । କାରଣ ସ୍ଥୂଳ ଶରୀର ପକ୍ଷରେ ଅନିଦ୍ରା ଅସ୍ୱାସ୍ଥ୍ୟକର । ପ୍ରତ୍ୟେକ ମନୁଷ୍ୟ ଗାଢ଼ ନିଦ୍ରା ଭଲ ପାଏ । ଗାଢ଼ ନିଦ୍ରା ପରେ ସ୍ଥୂଳ ଶରୀର ଆରାମ ଅନୁଭବ କରେ । ଏହି ଗାଢ଼ ନିଦ୍ରିତ ଅବସ୍ଥାରେ ଆମ୍ଭମାନଙ୍କର ଶାରୀରିକ ଚେତନା ନଥାଏ । ରାଗ ଦ୍ୱେଷ ଅଭିନିବେଶ ନଥାଏ । ପିତା ମାତା, ଭାଇ ବନ୍ଧୁ, ସ୍ୱାମୀ ସ୍ତ୍ରୀ, ସନ୍ତାନ ସନ୍ତତି, ଧନ ସମ୍ପତ୍ତି ଲୋଭ ମୋହ, ଆତ୍ମଗାରିମା ଓ ଭୂଲୋକର ନାନାଦି ଆକର୍ଷଣୀୟ ଓ ଅନାକର୍ଷଣୀୟ ବସ୍ତୁ ସମୂହରୁ ଆମ୍ଭେମାନେ ଗାଢ଼ ନିଦ୍ରିତ ଅବସ୍ଥାରେ ବିଚ୍ଛିନ୍ନ ହୋଇଗଲା ପରି ମନେହୁଏ । ସେହି ଅବସ୍ଥାରେ ଆମ୍ଭେମାନେ କେଉଁଠି ରହୁ, କ'ଣ କରୁ ଓ କେଉଁ ସମାବେଶର ଅନୁଭୂତି ଅର୍ଜନ କରୁ ତାହା ଆମ୍ଭମାନଙ୍କ ସ୍ଥୂଳ ଦେହର ଚେତନା ଶକ୍ତି ପ୍ରସ୍ଫୁଟିତ କରିପାରେ ନାହିଁ । ଗାଢ଼ନିଦ୍ରାରୁ ଉଠି ଆମ୍ଭେମାନେ ଅନୁଭବ କରୁ ଏକ ପ୍ରକାର ଆନନ୍ଦ ଯାହା ବିଶ୍ଳେଷଣ କରିହୁଏ ନାହିଁ । କିନ୍ତୁ ପିତା ମାତା, ଭାଇ ବନ୍ଧୁ, ସ୍ୱାମୀ ସ୍ତ୍ରୀ, ସନ୍ତାନସନ୍ତତି, ଧନ ସମ୍ପତ୍ତି ଓ ଅହଂ ଭାବ ସମ୍ପର୍କରେ ଆମ୍ଭେମାନେ ଯେଉଁ ଆନନ୍ଦ ଅନୁଭବ କରୁ, ତାହା 'ଗାଢ଼ନିଦ୍ରା'

Digitized by srujanika@gmail.com

ଅବସ୍ଥାର ଆନନ୍ଦ ସହିତ ତୁଳନୀୟ ନୁହେଁ । କେତେଗୁଡ଼ିଏ ବଡ଼ ବଡ଼ ଦାୟିତ୍ୱ ମୁଣ୍ଡେଇ ସେହି ସବୁ ଦାୟିତ୍ୱ ପରିପୂର୍ଣ୍ଣ ଭବରେ ସମ୍ପାଦନ କଲାପରେ, ଆମ୍ଭେମାନେ ଯେଉଁ ପ୍ରକାର ଆରାମ ଓ ଶାନ୍ତିଯୁକ୍ତ ଆନନ୍ଦ ଅନୁଭବ କରୁ ସେହି ପ୍ରକାରର ଆନନ୍ଦ ସହିତ ଗାଢ଼ନିଦ୍ରା ଯୁକ୍ତ ଆନନ୍ଦ କିଞ୍ଚିତ ମାତ୍ରାରେ ତୁଳନୀୟ । ଗାଢ଼ ନିଦ୍ରାରେ ଆମ୍ଭେମାନେ ମୃତତୁଲ୍ୟ ରହୁ । ଭୂଲୋକ ଓ ତତ୍ ସମ୍ପର୍କୀୟ ପଞ୍ଚ ଇନ୍ଦ୍ରିୟଠାରୁ ଆମ୍ଭମାନଙ୍କ ଚେତନା କିଛି ସମୟ ବର୍ଚ୍ଛିନ୍ନ ହୋଇଯାଏ । ସେହି କିଛି ସମୟ ପାଇଁ ଆମ୍ଭେମାନେ ଆମ୍ଭମାନଙ୍କ କାମନା ଶରୀରରେ ଅତିବାହିତ କରୁ ।

ଏହି କାମନା ଶରୀର ଭୁବଲୋକର ତତ୍ତ୍ୱଦ୍ୱାରା ଗଠିତ । ଭୂଲୋକ ପରି ଭୂବଲୋକ ମଧ୍ୟ ସାତ ଭାଗରେ ବିଭକ୍ତ ଏବଂ ଏହି ସମସ୍ତ ଭଗର ତତ୍ତ୍ୱକୁ ଧରି କାମନା ଶରୀର ଗଠିତ । ପ୍ରାଣମୟ କୋଷରେ ଥିବା ଷଡଚକ୍ର ଭେଦ କଲେ କାମନା ଶରୀର ବିଷୟରେ ସଠିକ୍ ଜ୍ଞାନ ପାଇବା ସମ୍ଭବ । ଭୂଲୋକର ପଦାର୍ଥ ସମୂହ ଯେପରି ଅଣୁ ପରମାଣୁ ଦ୍ୱାରା ଗଠିତ, ଭୂବଲୋକର ସକଳ ପଦାର୍ଥ ମଧ୍ୟ ସେହିପରି ଭୂବଲୋକର ଅଣୁ ପରମାଣୁ ଦ୍ୱାରା ଗଠିତ । ଭୁବଲୋକର ପରମାଣୁ ଭୁଲୋକର ପରମାଣୁ ଅପେକ୍ଷା ସୂକ୍ଷ୍ମତର । ଏପରି ସୂକ୍ଷ୍ମ ପଦାର୍ଥରେ ଗଠିତ ଶରୀର ସ୍ଥୂଳ ଶରୀରଠାରୁ ସୂକ୍ଷ୍ମ ହେବା ଅନିବାର୍ଯ୍ୟ । ଏପରି ଏକ

Digitized by srujanika@gmail.com

ସୂକ୍ଷ୍ମ ଶରୀର ପ୍ରତ୍ୟେକ ମନୁଷ୍ୟଠାରେ ଅନ୍ତର୍ନିହିତ । ଏହି ଶରୀରର ପ୍ରକୃତିଗତ ସ୍ୱଭବ ହେଉଛି ଇଚ୍ଛାମୟତା । ଏହା ଅନନ୍ତ ଭାବ-ମଣ୍ଡଳୀର ଆବର୍ତ୍ତନରେ ଆତ୍ମଗୋପନ କରିଥାଏ । ଏହି ଶରୀରକୁ ଆୟତ୍ତ କରିବା ଅତି କଷ୍ଟକର । କେବଳ ଜୀବନ୍ମୁକ୍ତ ଅବସ୍ଥାରେ ପହଞ୍ଚିଲେ ଏହି ଶରୀରର ବୃତ୍ତି ସମ୍ପୂର୍ଣ୍ଣ ନିରୋଧ କରି ପାରିବା ସମ୍ଭବ । ଏହି ଶରୀରର ବୃତ୍ତି ଆୟତ୍ତ କରି ନ ପାରିଲେ, ଜୀବ ନାନା ଭବ ଓ ପ୍ରଭବରେ ରଙ୍ଗୀନ ହୋଇ କେତେବେଳେ ସୁଖ, କେତେବେଳେ ଦୁଃଖ, ବୋଧ କରେ । ଏହି ସୁଖଦୁଃଖ ଭବର ବାହାରେ ଅଭ୍ୟସ୍ତ ହୋଇ ରହିବାଟା ଆଧ୍ୟାତ୍ମ ସାଧନା ।

ଆମ୍ଭମାନଙ୍କ ଜୀବନରେ କାମନାର ପ୍ରଭବ କିପରି ପଡ଼େ, ତାହା ଜାଣିବା ନିମିତ୍ତ ତାହାର ପ୍ରାଥମିକ ପ୍ରକ୍ରିୟା ଅବଗତ ହେବା ଆବଶ୍ୟକ । ବାହ୍ୟଜଗତରୁ ଯେଉଁସବୁ ସ୍ପନ୍ଦନଗୁଡ଼ିକ ଇନ୍ଦ୍ରିୟ ଦ୍ୱାର ଦେଇ ଅନ୍ତରକୁ ଗତିକରେ, ସେଗୁଡ଼ିକ ପରିବର୍ତ୍ତନ କରିବା ତାହାର ପ୍ରଥମ କର୍ମ । ଯେଉଁସବୁ ସ୍ପନ୍ଦନ ଇନ୍ଦ୍ରିୟଗୁଡ଼ିକ ସ୍ପର୍ଶ କରନ୍ତି, ସେଗୁଡ଼ିକ ସ୍ନାୟୁ ପ୍ରଣାଳୀ ଦେଇ ମସ୍ତିଷ୍କର ବିଭିନ୍ନ ବିଭଗକୁ ଗତିକରେ ଏବଂ ସେଠାରେ ଅଦ୍ଭୁତ ପ୍ରକାର ପରିବର୍ତ୍ତନ ସାଧିତ ହୋଇ ସେଗୁଡ଼ିକ ଚିଦାକାଶରେ ଏକପ୍ରକାର ସ୍ପନ୍ଦନ ବାର୍ତ୍ତା ରୂପେ ପରିଣତ ହୁଏ । ମନୁଷ୍ୟ ସ୍ପନ୍ଦନ ଦ୍ୱାରାହିଁ ବାହ୍ୟଜଗତର ଜ୍ଞାନ ଲଭ କରେ । ଯେ କୌଣସି ଗୋଟିଏ ବସ୍ତୁ ଆଖି ଆଗରେ ରହିଲେ ଆଲୋକ ସାହାଯ୍ୟରେ ସେହି ବସ୍ତୁଠାରୁ

Digitized by srujanika@gmail.com

ଆଲୋକ ସ୍ପନ୍ଦନଗୁଡ଼ିଏ ପ୍ରବାହିତ ହୁଏ ଏବଂ ଆମ୍ଭମାନଙ୍କ ଚକ୍ଷୁ ଉପରେ ପଡ଼େ । ଚକ୍ଷୁଠାରୁ ସ୍ନାୟୁ ପ୍ରଣାଳୀ ଦେଇ ମସ୍ତିଷ୍କର ଚକ୍ଷୁ ସମ୍ପର୍କୀୟ ବିଭାଗରେ ସ୍ପନ୍ଦନଗୁଡ଼ିକ ପହଞ୍ଚେ ଏବଂ ସେଠାରେ ମଧ୍ୟ ତାହା ସ୍ପନ୍ଦନ ରୂପେ ପରିଲକ୍ଷିତ ହୁଏ । ସେଗୁଡ଼ିକ ସ୍ଥୂଳ ମସ୍ତିଷ୍କଠାରୁ ଇଥେରିକ୍ ବ୍ରେନ୍ ବା ସୂକ୍ଷ୍ମ ମସ୍ତିଷ୍କକୁ ପ୍ରବାହିତ ହୁଏ । ସେଠାରେ ପହଞ୍ଚିବା ପରେ ସେହି ସ୍ପନ୍ଦନଗୁଡ଼ିକ ବିଦ୍ୟୁତ୍ ସ୍ପନ୍ଦନ ରୂପେ ପରିବର୍ତ୍ତିତ ହୁଏ । ଏଗୁଡ଼ିକ ଆଗେଇ ଯାଇ ଯେତେବେଳେ କାମନା ଶରୀରର କେନ୍ଦ୍ରରେ ପହଞ୍ଚେ, ସେତେବେଳେ ସେନ୍‌ସେସନ୍ ବା ଅନୁଭୂତି ରୂପେ ପ୍ରକାଶ ପାଏ । ଏହିପରି ବାହ୍ୟଜଗତର ସ୍ପନ୍ଦନଗୁଡ଼ିକ ସେନ୍‌ସେସନ୍ (ଅନୁଭୂତି) ରୂପରେ ପରିବର୍ତ୍ତନ କରାଇବା କାମନା ଶରୀରର ଏକ କାର୍ଯ୍ୟ । ରୂପ ସ୍ପନ୍ଦନଗୁଡ଼ିକ ମନୁଷ୍ୟର ଅନ୍ତଃକରଣରେ ପହଞ୍ଚିବା ପୂର୍ବରୁ ତିନିଭାଗରେ ବିଭକ୍ତ ହୁଏ । କେତେକ ସେନ୍‌ସେସନ୍ (ଅନୁଭୂତି) ସୁଖଦାୟକ ଓ କେତେକ ଘୃଣାଯୁକ୍ତ ବା ଦୁଃଖ-ଦାୟକ ଏବଂ ଅନ୍ୟଗୁଡ଼ିକରେ ସୁଖ ବା ଦୁଃଖ ଭାବ ନ ଥାଏ । ଯେଉଁସବୁ ସେନସେସନ୍ ବା ଅନୁଭୂତି ଗୁଡ଼ିକ ସୁଖ ବା ଦୁଃଖ ଗୁଣଯୁକ୍ତ ହୁଅନ୍ତି ସେଗୁଡ଼ିକ ଅନୁରୂପ ଭାବପ୍ରବଣ ହୁଅନ୍ତି । ଏହିପରି କାମନା ଶରୀରର ଦ୍ୱିତୀୟ କାର୍ଯ୍ୟ ହେଉଛି ଏହି ସେନ୍‌ସେସନ୍ ବା ଅନୁଭୂତି ଗୁଡ଼ିକୁ ଭାବ ଯୁକ୍ତ କରାଇବା । ବାହ୍ୟ ଜଗତରୁ ପ୍ରବାହିତ ସ୍ପନ୍ଦନଗୁଡ଼ିକ ପ୍ରଥମେ ସେନ୍‌ସେସନ୍ (ଅନୁଭୂତି) ରୂପେ ଓ ପରେ ଭାବଯୁକ୍ତ ହେବା ପରେ ଆମ୍ଭମାନଙ୍କ ଅନ୍ତରରେ ଏକପ୍ରକାର

Digitized by srujanika@gmail.com

ମୌଳିକ ପରିବର୍ତ୍ତନ ଜାଗରିତ ହୁଏ । ସୁଖଦାୟକ ସ୍ପନ୍ଦନ-ଗୁଡ଼ିକର ପୁନରାବୃତ୍ତି ବାରମ୍ବାର ଅନୁଭବ କରିବା ପାଇଁ ଅଭିଳାଷ ଜାତ ହୁଏ । ଦୁଃଖଦାୟକ ସ୍ପନ୍ଦନଗୁଡ଼ିକର ପୁନରାବୃତ୍ତି ନହେବା ପାଇଁ ମଧ୍ୟ ଅଭିଳାଷ ଜନ୍ମେ । ଏପରି ଉଭୟ ପ୍ରକାର ଅଭିଳାଷକୁ ଇଚ୍ଛା ବା କାମନା ବୋଲି ଆମ୍ଭେମାନେ ମନେ କରୁ । ଯେଉଁ ସବୁ ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଆମ୍ଭମାନଙ୍କୁ ସୁଖଦାୟକ ତାହା ବାରମ୍ବାର ଅନୁଭବ କରିବା ପାଇଁ ପ୍ରତ୍ୟେକ ମନୁଷ୍ୟର ପ୍ରାକୃତିକ ବୃତ୍ତି । ଯେଉଁଗୁଡ଼ିକ ସୁଖ ବା ଦୁଃଖଦାୟକ ନୁହେଁ, ସେଗୁଡ଼ିକ ପ୍ରତି ଉଦାସୀନତା ମଧ୍ୟ କାମନାର ପ୍ରକୃତି । ଆମ୍ଭମାନଙ୍କ ଅନ୍ତରରେ କାମନା କିପରି ଜାତହୁଏ ଓ କେଉଁଠାରେ ତାହାର ନିବୃତ୍ତି ପ୍ରୟୋଗ କରାଯାଇ ପାରିବ, ତାହା ଅବଗତ ହେବା ପାଇଁ କାମନାର ବିଶେଷ ବିବରଣୀ ଆବଶ୍ୟକ ।

ବିଷୟଟି ପ୍ରାଞ୍ଜଳ କରିବା ପାଇଁ କେତେଗୁଡ଼ିଏ ଉଦାହରଣ ଆବଶ୍ୟକ । ଯଥା ମୁଁ ଭୋଜନ କରିବାକୁ ବସିଲି । ମୋ ସମ୍ମୁଖରେ ଭତ ଡାଲି ଓ ନାନା ପ୍ରକାର ତରକାରି ରଖାଯାଇଛି । ସେଥିରୁ-ଗୋଟିଏ ତରକାରିର ରୂପ, ରସ ଓ ଗନ୍ଧ ମୋର ଇନ୍ଦ୍ରିୟ-ଗୁଡିକୁ ସୁଖ ବୋଧ ହେଲା । ଭୋଜନ କରିବା ସମୟରେ ଯେଉଁ ସୁଖଦାୟକ ସ୍ପନ୍ଦନଗୁଡ଼ିକ ପ୍ରବାହିତ ହେଉଥିଲା ଭୋଜନ ଶେଷରେ ବନ୍ଦ ହୋଇଗଲା । କିନ୍ତୁ ସେହି ସ୍ୱାଦ ଭବର ସ୍ମୃତି ମୋର

Digitized by srujanika@gmail.com

ଅନ୍ତରରେ ରହିଗଲା । ସେହି ତରକାରିର ରୂପ ବା ଗନ୍ଧ ପରେ ପାଇଲେ ବା ତତ୍ ସମ୍ପର୍କୀୟ ଭାବନା ଜାତହେଲେ ସେହି ସ୍ୱାଦର ସ୍ମୃତି ଜାଗରିତ ହୁଏ ଏବଂ ପୁନରାୟ ଭୋଗ କରିବାକୁ ଇଚ୍ଛା ଜାତହୁଏ । ମୁଁ ଗୋଟିଏ ସ୍ଥାନକୁ ଚାଲି ଚାଲି ଗଲାବେଳେ ନିକଟର ଗୋଟିଏ ଫୁଲ ବଗିଚାରୁ ସୁମଧୁର ଗନ୍ଧ ପ୍ରାପ୍ତ ହେଲି । ସେହି ଫୁଲର ସୌନ୍ଦର୍ଯ୍ୟ ଓ ସୁବାସ ବାରମ୍ବାର ଭୋଗ କରିବା ପାଇଁ ଅଭିଳାଷ ଜାତ ହେଲା । ତେଣୁ ବଗିଚା ଭିତରକୁ ଯାଇ ଫୁଲଗଛଟି ଦେଖିଲି ଏବଂ ସେହିପରି ଫୁଲଗଛଟିଏ ମୋର ବଗିଚାରେ ରୋପିଲି ।

ଇହ ଜଗତରେ ଜୀବନ ଅତିବାହିତ କଲାବେଳେ ଆମ୍ଭେମାନେ ଚତୁର୍ଦ୍ଦିଗରୁ ଏପରି ସ୍ପନ୍ଦନ ଗୁଡ଼ିକର ସମ୍ମୁଖୀନ ହେଉ ଓ ସେଥିରୁ କେତେକ ଭଲମନ୍ଦ ଭାବ ପ୍ରତି ଆକୃଷ୍ଟ ହେଉ ବା ଏଡାଇବାକୁ ଚାହୁଁ । ଭଲମନ୍ଦ ଗୁଣ ବିବର୍ଜିତ ସ୍ପନ୍ଦନ ଗୁଡ଼ିକ ପ୍ରତି ଆମେ ହୁଏତ ଆକୃଷ୍ଟ ହେଉ ନତୁବା ଏଡିଦେବାକୁ ଚାହୁଁ । ଆମ୍ଭେମାନେ ସ୍ପର୍ଶ କରୁଥିବା ରୂପ ଓ ଶବ୍ଦ ସ୍ପନ୍ଦନ ମଧ୍ୟରୁ ଅଧିକାଂଶ ଏପରି ନିରପେକ୍ଷ ବା ଭଲମନ୍ଦ ଭାବ ବିହୀନ । ଏଗୁଡ଼ିକ ପ୍ରତି ମନୁଷ୍ୟ ଆକୃଷ୍ଟ ବା ବିରକ୍ତ ହୁଏନାହିଁ । ମନୁଷ୍ୟର ଅନ୍ତରରେ ଯେଉଁ ପ୍ରକୃତି ସୁଖଦାୟକ ବସ୍ତୁ ପ୍ରତି ଆକର୍ଷଣ ଏବଂ ଦୁଃଖଦାୟକ ପ୍ରତି ଅନିଚ୍ଛା ଜନ୍ମାଏ, ତାହାକୁ ଆୟତ୍ତ କରି ପାରିଲେ ମନୁଷ୍ୟର ବିଷୟ ଲାଳସା ପ୍ରତି ବୈରାଗ୍ୟ ଜନ୍ମେ । ସୁଖଦାୟକ ସ୍ପନ୍ଦନ ଅନୁଭବ କରିବା ଖରାପ ନୁହେଁ ! କିନ୍ତୁ ସେଥିପ୍ରତି ଆସକ୍ତିଯୁକ୍ତ

Digitized by srujanika@gmail.com

ଏବଂ ତହିଁରେ ଆବଦ୍ଧ ହୋଇ ରହିବା ଝଗଡ଼ । ଏହି ଆକୃଷ୍ଟ ହୋଇ ରହିବା ଭାବର ନିବୃତ୍ତି ଜନ୍ମିଲେ ମନୁଷ୍ୟ ସୁଖୀ ହେବା ନିଶ୍ଚିତ । ଏହି ଆକର୍ଷଣ ଯୁକ୍ତ କାରଣର ପ୍ରକୃତ ଜ୍ଞାନର ସଞ୍ଚାର ହେଲେ ଦୁଃଖର କାରଣ ଦୂରହୁଏ । ମନୁଷ୍ୟ ମଧ୍ୟରେ ଏହି ଆକର୍ଷଣ ପ୍ରକୃତିକୁ ଆସକ୍ତି ବୋଲଯାଏ । ଯେତେବେଳେ ଆମ୍ଭ-ମାନଙ୍କର ବୈରାଗ୍ୟ ଜନ୍ମେ, ସେତେବେଳେ ସୁଖ ଦୁଃଖ ଉଭୟ ଅବସ୍ଥା ଭୋଗକରି ମଧ୍ୟ ସେଥିପ୍ରତି ଆସକ୍ତି ବା ଅନାସକ୍ତି ନ ଥାଏ । ଅର୍ଥାତ୍ ପୁନରପି ସେହି ଅବସ୍ଥା ଭୋଗ କରିବା ପାଇଁ ଅବା ଏଡ଼ାଇବା ପାଇଁ ତୃଷ୍ଣା ବା ବିତୃଷ୍ଣା ନ ଥାଏ । ଯଦି କୌଣସି ଭୋଗ ବା ଉପଭୋଗର କାମନା ବା ଆସକ୍ତି ରହେ ଏବଂ ତାହା ଭୋଗ କରିବାରେ କୌଣସି ପ୍ରତିବନ୍ଧକ ଜାତ ହୁଏ, ତେବେ ସେତେବେଳେ କାମନା ବ୍ୟାହତ ହୋଇ ନାନା ପ୍ରକାର ନୀଚ ପ୍ରବୃତ୍ତିର ଉଦ୍ଭବ ହୁଏ: ଯଥା ଅହଂକାର, ହୀନମନ୍ୟତା, କ୍ରୋଧ, ଦ୍ୱେଷ, ସ୍ୱାର୍ଥପରତା, ହିଂସା, ଶତ୍ରୁତା ଇତ୍ୟାଦି ।

ସୁଖଦାୟକ କାମନାର ପୁନରାବୃତ୍ତି ପାଇଁ ମନୁଷ୍ୟଠାରେ ଯେଉଁ ଆକର୍ଷଣ ଓ ଦୁଃଖଦାୟକ କାମନା ପ୍ରତି ଯେଉଁ ଅନିଚ୍ଛା ଭାବ ଜନ୍ମେ ତାହା ଏକ ପ୍ରକାର ଶକ୍ତିଦ୍ୱାରା ପରିଚାଳିତ । ବିନାଶକ୍ତିରେ ଆକର୍ଷଣ ହୁଏ ନାହି ବା ଏଡାଇ ହୁଏ ନାହିଁ । ଏହି ଶକ୍ତିକୁ ଇଚ୍ଛାଶକ୍ତି ବୋଲି ସାଧାରଣତଃ ଧରାଯାଏ । ତାହା ନିଜ ଅନ୍ତରର ଶକ୍ତି ବିଶିଷ୍ଟ । କାମନା ବାହ୍ୟଜଗତର ବିଷୟବସ୍ତୁଦ୍ୱାରା

Digitized by srujanika@gmail.com

ପ୍ରଭବିତ ହେଲେ ମଧ୍ୟ ସମ୍ପୂର୍ଣ୍ଣ ଭବରେ ଶକ୍ତି ବିହୀନ ବୋଲି କହିବା ଠିକ୍ ନୁହେଁ । କାରଣ କାମନା (ଡିଜାୟାର) ଓ ଇଚ୍ଛାଶକ୍ତି (ଉଇଲ୍) ଉଭୟ ଫଳଦାୟକ । ମନୁଷ୍ୟ ଯାହା କାମନା କରେ, ସେ ତାହା ଯଥାକାଳରେ ପ୍ରାପ୍ତହୁଏ । ଆମ୍ଭେମାନେ ଯେ କୌଣସି କାମନା ପ୍ରବଳଭବେ ପରିପୋଷଣ କଲେ ତାହା ଆକୃଷ୍ଟ ହୋଇ ଆମ୍ଭମାନଙ୍କର ନିକଟବର୍ତ୍ତୀ ହୁଏ । କାମନା ଯଦି ବଳବତ୍ତର ହୁଏ, ତେବେ ଫଳ ସଙ୍ଗେ ସଙ୍ଗେ ପ୍ରାପ୍ତ ହୁଏ । ଯଦି କାମନାଟି ନିଜର ପରିବେଷ୍ଟିତ ପରିସ୍ଥିତି ପ୍ରତି ଅନୁପଯୁକ୍ତ ବା ତାହା ପ୍ରାପ୍ତ ହେବା ପାଇଁ ଅବିଚ୍ଛିନ୍ନ ଚେଷ୍ଟା ଆବଶ୍ୟକ, ତେବେ କାଳକ୍ରମେ ତାହା ପ୍ରାପ୍ତହେବ । ମୁଁ ଯଦି ସୁମଧୁର ସଙ୍ଗୀତ ଶୁଣିବାକୁ ଇଚ୍ଛାକରେ, ତେବେ କେବଳ ମୋର ରେଡ଼ିଓଟି ବ୍ୟବହାର କଲେ ସଙ୍ଗେ ସଙ୍ଗେ ସଙ୍ଗୀତ ଶୁଣିପାରିବି । କିନ୍ତୁ ମୁଁ ଯଦି ଧନୀ ହେବାକୁ ଇଚ୍ଛାକରେ, ତେବେ ମୋତେ ସେହି ଦିଗରେ କାମ କରିବାକୁ ପଡିବ । କେତେଗୁଡ଼ିଏ ମଉଜ ତ୍ୟାଗ କରିବାକୁ ପଡିବ ଏବଂ ଧନ ଉପାର୍ଜନ କରିବା ପାଇଁ ମନପ୍ରାଣ ଦେଇ ଲାଗି ପଡ଼ିବାକୁ ହେବ । ଏପରି ଅଗ୍ରସର ହେବାକୁ ମୁଁ ଯଦି ସମର୍ଥ ହେବି, ତେବେ ଆସ୍ତେ ଆସ୍ତେ ମୁଁ ଧନ ସଞ୍ଚୟ କରି ପାରିବି । ଯଦି ମୋର କାମନା ଫଳ ପ୍ରାପ୍ତ ହୋଇ ପାରିଲା ନାହିଁ କିନ୍ତୁ କାମନାଟି ପୂର୍ବପରି ପ୍ରବଳ ରହିଛି, ତେବେ ପରଜନ୍ମରେ ଏପରି ପରିସ୍ଥିତିରେ ମୁଁ ଜନ୍ମଗ୍ରହଣ କରିବି ଯାହାକି କାମନା ହାସଲ ପାଇଁ ଉପଯୁକ୍ତ ପରିସ୍ଥିତି ଯୁକ୍ତ ହୋଇଥିବ । କିନ୍ତୁ ମୁଁ ଯଦି ନିର୍ବାଣ କାମନା

Digitized by srujanika@gmail.com

କରେ , ତେବେ ମୋତେ ଜୀବନ ପରେ ଜୀବନ ସେହି ଦିଗରେ ଅଗ୍ରସର ହେବାକୁ ପଡିବ ଏବଂ ମୋର ଅନ୍ତରରେ ସୁପ୍ତ ଐଶ୍ୱରିକ-ଶକ୍ତିର ଉନ୍ମେଷ ଆସ୍ତେ ଆସ୍ତେ ଘଟିବ । ଏପରି କାମନା ଏକ ଜୀବନରେ ପୂର୍ଣ୍ଣ ସଫଳ ହେବା ସମ୍ଭାବନା କେବଳ ନିଜର ସଂସ୍କାର ଓ ସାଧନ ଉପରେ ନିର୍ଭର କରେ । ପୂର୍ବ ଜନ୍ମରେ ଏହି ଦିଗରେ ସାଧନା ହୋଇଥିଲେ ଇହଜନ୍ମରେ ତାହା ପୂର୍ଣ୍ଣ ଅଭ୍ୟାସ କରିବାକୁ ସୁବିଧା ହୁଏ । ଇହ ଜନ୍ମରେ ଅଭ୍ୟାସ ଆରମ୍ଭ କରିଲେ ପରଜନ୍ମରେ ସେହିପରି ସୁବିଧା ହୁଏ ।

କାମନାରେ ସ୍ୱାର୍ଥପର ଭାବ ରହିଲେ ବା ପରିବେଷ୍ଟିତ ବାସ୍ତବ ପରିସ୍ଥିତିର ପ୍ରଭାବ ଉଦ୍ଭବ ହେଲେ, ତାହା ସାଧାରଣତଃ ବିଶେଷ ଶକ୍ତିଶାଳୀ ହୋଇପାରେ ନାହିଁ । ତାହା ଯଦି ନିଃସ୍ୱାର୍ଥ ହୁଏ ବା ଈଶ୍ୱରଙ୍କ କାର୍ଯ୍ୟରେ ବିନିଯୋଗ କରାଯାଏ, ତେବେ ତାହା କ୍ରମେ କ୍ରମେ ପରିମାର୍ଜିତ ହୋଇ ଐଶ୍ୱରିକ ଶକ୍ତି ରୂପେ ଅତ୍ୟନ୍ତ ଶକ୍ତିଶାଳୀ ହୁଏ ଏବଂ ଜୀବନ ବିସ୍ତାରମୁଖୀ ହୋଇ ଐଶୀ ଚେତନା ଲଭ କରେ ।

କାମଯୁକ୍ତ କାମନା ଅତ୍ୟଧିକ ସ୍ୱାର୍ଥପର । ନିଜର କୁଟୁମ୍ବଙ୍କୁ ସୁଖ ଶାନ୍ତିରେ ରଖିବା କାମନା ମଧ୍ୟ ସ୍ୱାର୍ଥପର କାମନା । ନିଜ ଦେଶର୍ ସେବା କରିବା କାମନା ସାମାନ୍ୟ ସ୍ୱାର୍ଥପର । ମାନବ-ଜାତିର ସେବା କରିବା କାମନା ନିଃସ୍ୱାର୍ଥ କାମନା । ଈଶ୍ୱରଙ୍କ

Digitized by srujanika@gmail.com

କାର୍ଯ୍ୟରେ ସେବା କରିବା ଅତ୍ୟଧିକ ନିଃସ୍ୱାର୍ଥ କାମନା । କାମନା କିପରି କ୍ରମେ କ୍ରମେ ପରିମାର୍ଜିତ ହୋଇ ନିଃସ୍ୱାର୍ଥ ହୋଇ ଉଠେ, ଉକ୍ତ ଉଦାହରଣଗୁଡ଼ିକରୁ ଜଣାଯାଏ । ମନୁଷ୍ୟ ଯେତେବେଳେ ଈଶ୍ୱରଙ୍କ କାର୍ଯ୍ୟରେ ସେବାରତ ହୁଏ, ସେ ଅତିଶୟ ଶକ୍ତିଶାଳୀ ହୁଏ ଏବଂ ଯେତେବେଳେ ସ୍ୱାର୍ଥପର କାମନା କରେ ସେତେ-ବେଳେ ଶକ୍ତିବିହୀନ ହୁଏ । ବସ୍ତୁତ ସ୍ୱାର୍ଥପର କାମନା ଐଶ୍ୱରିକ ଶକ୍ତିକୁ ଏକପ୍ରକାର ଆବରଣ କରି ରଖେ ଏବଂ ଏହି ଆବରଣର ବିନାଶ ଘଟିଲେ, ଐଶ୍ୱରିକ ଶକ୍ତି ପ୍ରକାଶ ପାଏ । ବାସ୍ତବିକ ଯେଉଁ ବ୍ୟକ୍ତି ଅହରହ ସ୍ୱାର୍ଥପର କାମନା ଦ୍ୱାରା ମଗ୍ନରହେ, ସେ ନିଜକୁ ଦୁର୍ବଳ ମନେକରେ । ସମାଜ ମଧ୍ୟ ତାହାକୁ ଦୁର୍ବଳ ବୋଲି ଗଣନା କରେ । ତାହାଠାରେ ପ୍ରବଳ ସକ୍ରିୟ ଶକ୍ତି ନ ଥାଏ । ଲୋକେ ସେହିପରି ବ୍ୟକ୍ତିକୁ ଭଲ ପାଆନ୍ତି ନାହିଁ । ତାହାର କାମନାଗୁଡ଼ିକ ଦୁର୍ବଳ ରହିଥାଏ । ଯେଉଁ ବ୍ୟକ୍ତିଙ୍କ କାମନା ସବଳ, ସେମାନେ ସୁଦକ୍ଷ ଓ ସାହସୀ ହୁଅନ୍ତି । ତେଣୁ ମନୁଷ୍ୟର କାମନାଗୁଡ଼ିକରୁ ସ୍ୱାର୍ଥପରତା କ୍ରମେ କ୍ରମେ ହ୍ରାସ ପାଇଲେ ପବିତ୍ରତା ବୃଦ୍ଧି ହୁଏ ।

ପ୍ରଥମେ ମନୁଷ୍ୟ କାମନା ଦ୍ୱାରା ପରିଚାଳିତ ହୁଏ । ଯେତେବେଳେ କୌଣସି ପଦାର୍ଥ ପ୍ରତି କାମନା ଜାତ ହୁଏ, ତାହା ସଙ୍ଗେ ସଙ୍ଗେ ମନୁଷ୍ୟକୁ ଅନୁରୂପ ଚିନ୍ତାଧାରାରେ ପ୍ରବୃତ୍ତ କରାଏ । କାମନା ଯଦି ପ୍ରବଳ ହୁଏ, ତାହା ସଙ୍ଗେ ସଙ୍ଗେ

Digitized by srujanika@gmail.com

କାର୍ଯ୍ୟରେ ପରିଣତ କରାଏ । ଏହିପରି କାମନା କରି ଓ ଅନୁରୂପ ଫଳ ପାଇ ମନୁଷ୍ୟ ଅଭିଜ୍ଞତା ଅର୍ଜନ କରେ ଓ ତାହାର ମାନସ ଶକ୍ତିର ବିକାଶ ଘଟେ । ପରେ ବିବେକ ଉଦୟ ହୁଏ ଏବଂ ସ୍ୱାର୍ଥପରତା କ୍ରମେ କ୍ରମେ ବିଶୁଦ୍ଧ ହୋଇ ବିରାଟ ସ୍ୱାର୍ଥରେ ସଂଜୀବିତ ହୋଇ ଇଚ୍ଛାଶକ୍ତିର ଉନ୍ମେଷ ହୁଏ । ପରିଶେଷରେ ଜୀବନରେ ପରମ ବିସ୍ତାର ଲାଭ କରି ଈଶ୍ୱରଙ୍କ ଇଚ୍ଛାହିଁ ନିଜର ଇଚ୍ଛାରେ ରୂପାନ୍ତରିତ ହୁଏ ।

କାମନାଗୁଡ଼ିକ ଭାବନାଯୁକ୍ତ ହେଲେ ଭାବପ୍ରବଣତା ବା ଇମୋସନ୍ ଜାତ ହୁଏ । ସାଧାରଣତଃ କବି, ଚିତ୍ରକାର, ନାଟ୍ୟକାର, ସଙ୍ଗୀତଜ୍ଞ, ରସିକ ଏମାନେ ଭାବପ୍ରବଣ । ସେମାନଙ୍କ ଭାବନା କାମନାଯୁକ୍ତ ହୋଇ ପ୍ରକାଶ ପାଏ । କାମନା ଓ ଭାବନା ମଧ୍ୟରେ ପ୍ରଭେଦ ଏତେ ସୂକ୍ଷ୍ମ ଯେ, ତାହା ଜାଣିହୁଏ ନାହିଁ । ତେଣୁ ବେଦରେ କାମନା ଓ ଭାବନାକୁ ପୃଥକ୍ କରା ନ ଯାଇ ଉଭୟ ମନୋମୟ କୋଷର ସ୍ୱଭାବ ବୋଲି ଧରାଯାଇଛି । ଭାବ-ପ୍ରବଣତା ନାନା ରୂପରେ ପ୍ରକାଶ ପାଏ । କିନ୍ତୁ ଏଗୁଡ଼ିକ କେବଳ ଦୁଇଗୋଟି ମୂଳ ଭାବ ଉପରେ ନିର୍ଭର କରେ । ଏହି ଦୁଇଟି ହେଲା ପ୍ରେମ ବା ଭକ୍ତି ଓ ଘୃଣା ବା ଦ୍ୱେଷ । ଏହି ଦୁଇଟି ଭାବର ବିଭିନ୍ନ ମାତ୍ରାରେ ଦେଶ-କାଳ-ପାତ୍ର ଅନୁରୂପେ ସଂଯୋଗ ଦ୍ୱାରା ଅନ୍ୟାନ୍ୟ ସବୁ ପ୍ରକାର ଭାବପ୍ରବଣତା ଜାତ ହୁଏ ।

Digitized by srujanika@gmail.com

ବିଭିନ୍ନ ଲୋକରେ ଜୀବ ନାନାପ୍ରକାର ରୂପ ଧାରଣ କଲେ ମଧ୍ୟ ତାହାର ସାରାଂଶ ଏକ ଓ ଅଭିନ୍ନ ଏବଂ ଏପରି ବିକାଶ ସୂତ୍ରରେ ହିଁ ବ୍ରହ୍ମର ସ୍ୱପ୍ରକାଶ ପ୍ରତିଷ୍ଠିତ । ବିଭିନ୍ନ ରୂପର ଜୀବ ମଧ୍ୟରେ ଅନ୍ତର୍ନିହିତ ଏକତା ଭାବ ଆମ୍ଭମାନଙ୍କ ପକ୍ଷରେ ଅଦୃଶ୍ୟ । କିନ୍ତୁ ସମସ୍ତ ଜୀବ ଏକରୁ ଜାତ ହୋଇ କାଳ କ୍ରମେ ଅନେକ ରୂପରେ ଓ ସଂଖ୍ୟାରେ ପହଞ୍ଚିଛନ୍ତି, ଏହା ଉପଲବ୍ଧି କଲେ ବିଶ୍ୱ ବ୍ରହ୍ମାଣ୍ଡରେ ଯେତେକ ଜୀବ ଅଛନ୍ତି ସମସ୍ତେ ଏକ ଭାତୃ ଭାବରେ ଆବଦ୍ଧ ବୋଲି ବୁଝାଯାଏ । ସେମାନେ ଏକ ବିରାଟ ପରିବାର ବିଚ୍ଛିନ୍ନ ଅଂଶ । ଏପରି ଏକ ମୌଳିକ ତତ୍ତ୍ୱ ବାସ୍ତବ ଦୃଷ୍ଟିକୋଣରୁ ଅନୁଧ୍ୟାନ କରି ପରିବେଷ୍ଟିତ ପରିସ୍ଥିତି ସହିତ ଏକତା ରକ୍ଷା କରି ଜୀବନ ଯାତ୍ରା କଲେ ମନୁଷ୍ୟ ସୁଖୀ ହୁଏ । ପରସ୍ଥିତି ସହିତ ଖାପଛଡ଼ା ହେଲେ ନତୁବା ସଂଘର୍ଷ ଉପୁଜିଲେ ଦୁଃଖ କଷ୍ଟ ଭୋଗ କରିବାକୁ ପଡ଼େ । ତେଣୁ ପରିବେଷ୍ଟିତ ପରିସ୍ଥିତି ଓ ବିଭିନ୍ନ ରୂପର ଜୀବମାନଙ୍କ ସହିତ ସ୍ନେହାପନ୍ନ ଓ ପରସ୍ପରର ସମ୍ବନ୍ଧ ରକ୍ଷା କରି ଚଳିଲେ ସୁଖ ଶାନ୍ତି ମିଳେ । ଅନ୍ୟଥା ସଂଘର୍ଷ ଓ ଦୁଃଖ କଷ୍ଟ ଉପୁଜେ । ଭକ୍ତି, ସ୍ନେହ ବା ଆଦର ଦ୍ୱାରା ଯେ କୌଣସି ରୂପର ଜୀବକୁ ଆୟତ୍ତ କରି ହେବ । ଏହା ଏକ ବିରାଟ ପ୍ରାକୃତିକ ନିୟମ । ଏହା କୌଣସି ଏକ ଧର୍ମ ସମ୍ବଳିତ ନୀତି ନୁହେଁ । ଏହି ନିୟମର ଅନୁସନ୍ଧାନ ଓ ପରୀକ୍ଷା ପ୍ରତ୍ୟେକ ବ୍ୟକ୍ତି କରି ପାରିବେ । ଜଣକୁ ଭକ୍ତି ବା ସ୍ନେହ କଲାବେଳେ ଆମ୍ଭେମାନେ ଯଦି

Digitized by srujanika@gmail.com

ଆମ୍ଭମାନଙ୍କ ମନକୁ ନିରୀକ୍ଷଣ କରି ଦେଖିଁ ଏବଂ ଘୃଣା କଲ ବେଳେ ମଧ୍ୟ ତଦ୍ରୂପ ଦେଖୁ, ତେବେ ଜଣାଯାଏ ଯେ, ସ୍ନେହ ଓ ଭକ୍ତି କଲାବେଳେ ମନରେ ଆନନ୍ଦ ଜନ୍ମେ ଏବଂ ଘୃଣା କଲା-ବେଳେ ମନରେ କ୍ଳେଶ ଭାବ ଜନ୍ମେ । ତେଣୁ ସ୍ନେହ ସହିତ ଏକାତ୍ମବୋଧ ବା ଆନନ୍ଦ ଓ ଘୃଣା ସହିତ ବିଭେଦ ବୋଧ ବା ଦୁଃଖ ଜଡ଼ିତ ରହେ । ବିଭିନ୍ନ ମହାପୁରୁଷମାନେ ସ୍ନେହ ଭବର ଯେଉଁ ବାର୍ତ୍ତା ମାନବଜାତିକୁ ଦେଇ ଯାଇଅଛନ୍ତି, ତାହା ସେମାନଙ୍କ ସୁଦୃଢ଼ ଅନୁଭୂତିର ସାରାଂଶ ଏବଂ ତାହା ଶାଶ୍ୱତ । ଆମ୍ଭେମାନେ ଯଦି ସୁଖ ଶାନ୍ତି ଚାହୁଁ, ତେବେ ନିଜ ଭିତରୁ ଦ୍ୱେଷଜାତୀୟ ଭବଗୁଡ଼ିକୁ ବିତାଡ଼ିତ କରି ତାହା ପରିବର୍ତ୍ତେ ସ୍ନେହଜାତୀୟ ଭବଗୁଡ଼ିକୁ ପରିପୋଷଣ କରିବାକୁ ପଡ଼ିବ । ମନୁଷ୍ୟର କାର୍ଯ୍ୟ କଳାପ ଓ ଚରିତ୍ର ଯେପରି ଅଭ୍ୟାସ ଗତ, କାମନା ଓ ଭବନା ମଧ୍ୟ ସେହିପରି ଅଭ୍ୟାସଯୁକ୍ତ । ଆମ୍ଭମାନଙ୍କ ପାରିପାର୍ଶ୍ୱିକ ପରିସ୍ଥିତି ଦୃଷ୍ଟିକୋଣରୁ ଯେଉଁ ସବୁ ଅଭ୍ୟାସ ଆମ୍ଭେମାନେ ଅବଲମ୍ବନ କରୁ, ଆମ୍ଭମାନଙ୍କର ସେହି-ପରି ଆଚରଣ ହୁଏ । ନିଜର ଅଭ୍ୟାସ ଦ୍ୱାରା ଆମ୍ଭେମାନେ ସାଧାରଣତଃ ପରିଚାଳିତ । ଏକ ପ୍ରକାର ଅଭ୍ୟାସ ପରିତ୍ୟାଗ କରି ଅନ୍ୟପ୍ରକାର ଅଭ୍ୟାସ ଅବଲମ୍ବନ କରିବା କଷ୍ଟକର ହୁଏ । ତେଣୁ ସଠିକ୍ ଭାବାପନ୍ନ ଭାବନାଗୁଡ଼ିକ ଆମେ ନିଜେ ବାଛି ଜୀବନରେ ଅବଲମ୍ବନ କରିବାକୁ ହେବ । ପ୍ରକୃତରେ ପ୍ରତ୍ୟେକ ମନୁଷ୍ୟର ସୁଗୁଣ ଓ ଦୁର୍ଗୁଣଗୁଡ଼ିକ ଏପରି ଅଭ୍ୟାସ ସାହାଯ୍ୟରେ

Digitized by srujanika@gmail.com

ପ୍ରତିଷ୍ଠିତ । ସୁଗୁଣଗୁଡ଼ିକର ଅଭ୍ୟାସ ଅଭାବ ଯୋଗୁଁ ଦୁର୍ଗୁଣ-ଗୁଡ଼ିକ ସ୍ଥାନ ପ୍ରାପ୍ତ ହୁଅନ୍ତି । କେବଳ ଅଭ୍ୟାସ ଦ୍ୱାରାହିଁ ଦୁର୍ଗୁଣ-ଗୁଡ଼ିକୁ ବିତାଡ଼ିତ କରି ସୁଗୁଣ ପ୍ରତିଷ୍ଠିତ କରାଯାଇପାରେ । ଜ୍ଞାନ ଅର୍ଜନ କରିବା ଅଥବା ଈଶ୍ୱରତ୍ୱ ଉପଲବ୍ଧି କରିବା ଦିଗରେ ଏଇ ସୁଗୁଣଗୁଡ଼ିକର ଅତ୍ୟନ୍ତ ପ୍ରୟୋଜନ ରହିଛି ।

କାମନା ଶରୀରକୁ ଆୟତ୍ତାଧୀନ କରିବା ଉପାୟ ହେଉଛି ଏହି ଶରୀରଟିକୁ ଆମ୍ଭମାନଙ୍କ ସ୍ଥୂଳ ଶରୀର ପରି ଅନ୍ୟ ଏକ ଅଙ୍ଗ ବୋଲି ଦୃଢ ଧାରଣା କରିବା । ଯେତେବେଳେ ଆମ୍ଭେମାନେ କାମନା ରତ ହେଉ ସାଧାରଣତଃ କାମନା ଶରୀରଟି ଆମ୍ଭମାନଙ୍କ ଠାରୁ ବିଛିନ୍ନ ବୋଲି ମନେ କରିବା କଷ୍ଟକର ହୋଇପଡେ । କାମନା ଶରୀର ଗ୍ୱହେଁ ଆମ୍ଭେମାନେ କ୍ରୋଧୀ ହେଉ, କଟୁକଥା କହୁ ବା ହିଂସ୍ରକ, ଅର୍ଥଲୋଭୀ, କୃପଣ, ପରଶ୍ରୀକାତର ହେଉ । ଏପରି ନାନା ପ୍ରକାର ଇଚ୍ଛା ଏହି କାମମୟ ଶରୀରରୁ ଜନ୍ମେ । ସେ ଯେ ଆମ୍ଭମାନଙ୍କ ଅନିଷ୍ଟ ଗ୍ୱହେଁ ତାହା ନୁହେଁ, ସେ ସ୍ୱଭାବତ ପ୍ରବଳ ସ୍ପନ୍ଦନମାନଙ୍କରୁ ଆନନ୍ଦ ପାଏ । ତେଣୁ ଏପରି ଇଚ୍ଛା ସେ କରେ । ଏହି କାମମୟ ଶରୀର ମଧ୍ୟ ଗ୍ୱହେଁ, ସ୍ପନ୍ଦନଗୁଡିକର ଘନ ଘନ ପରିବର୍ତ୍ତନ ଓ ଭିନ୍ନ ଭିନ୍ନ ଆନନ୍ଦର ସ୍ୱାଦ । ପ୍ରକୃତରେ ମନୁଷ୍ୟ ଏଗୁଡାକ ଗ୍ୱହେଁ ନାହିଁ । ସୁତରାଂ ଏହି ଶରୀର ଆମ୍ଭମାନଙ୍କର ଅନ୍ତର ଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଏହି ଶରୀରଟିକୁ ଏପରି ପୃଥକ କରିବା ଅଭ୍ୟାସ ଅନୁସରଣ କଲେ, ସେ ଆସ୍ତେ

Digitized by srujanika@gmail.com

ଆସ୍ତେ ଆୟତ୍ତାଧୀନ ହୁଏ ଓ ନିଜର ଆଚରଣ ପରିତ୍ୟାଗ କରି ମନୁଷ୍ୟର ଅଧୀନ ହୁଏ । ପ୍ରଥମେ ଏହାର ସ୍ୱଭାବଗତ ବୃତ୍ତି ପ୍ରତି ଅହରହ ଲକ୍ଷ୍ୟ ରଖିବା ଆବଶ୍ୟକ । ଦ୍ୱିତୀୟରେ ସେହି ବୃତ୍ତିଗୁଡ଼ିକର ଅନୁଧ୍ୟାନ କରିବା ଦରକାର । ଏହାର ବୃତ୍ତି-ଗୁଡ଼ିକ ଆମ୍ଭମାନଙ୍କୁ ସାଧାରଣତଃ ଦୃଷ୍ଟିଗୋଚର ହୁଏ ନାହିଁ । କେବଳ ଆମ୍ଭେମାନେ ଯେତେବେଳେ ଅତିଶୟ କ୍ରୋଧାନ୍ୱିତ ବା ବିହ୍ୱଳ ହୋଇପଡ଼ୁ, ସେତେବେଳେ ତାହାର ସ୍ୱଭାବ ଆମ୍ଭେମାନେ ଅନୁଭବ କରୁ । ଅନ୍ୟ ସମୟରେ ସେଥିପ୍ରତି ଆମ୍ଭମାନଙ୍କ ନଜର ନଥାଏ ଓ ସେ ତାହାର ସ୍ୱଇଚ୍ଛାରେ ବୃତ୍ତି ଅବଲମ୍ବନ କରେ । ତେଣୁ ଅହରହ ତାର ସ୍ୱଭାବଗତ ବୃତ୍ତି ପ୍ରତି ଜାଗ୍ରତ ରହିବା ଦରକାର । ଯେତେବେଳେ ଆମ୍ଭମାନଙ୍କ ଭିତରେ ବିରକ୍ତି ଭାବ ଓ କ୍ରୋଧଭାବ ଇତ୍ୟାଦି ଜାତ ହୁଏ, ସେହି ଭାବର ସ୍ପନ୍ଦନ ଲହରୀ ଆମ୍ଭମାନଙ୍କ ଭିତରେ କିପରି ସଞ୍ଚରେ, ସେଥିପ୍ରତି ବରାବର ଲକ୍ଷ୍ୟ ରଖିବା ଦରକାର । ଅଭ୍ୟାସ କଲାବେଳେ ପ୍ରଥମ ଅବସ୍ଥାରେ ଆମ୍ଭେମାନେ କିପରି ଭାବପ୍ରବଣ ହୋଇପଡ଼ୁ ତାହା ଜଣାଯାଏ ନାହିଁ । କିନ୍ତୁ ବାରମ୍ବାର ଅଭ୍ୟାସ ଓ ସବୁବେଳେ ଜାଗ୍ରତ ରହିଲେ ଆମ୍ଭମାନଙ୍କର ଯେଉଁ ଚେତନାଶକ୍ତି ଜାତ ହୁଏ, ତଦ୍ୱାରା ଆମ୍ଭ-ମାନଙ୍କ ଅନ୍ତରରେ ଯେଉଁ ନାନା ପ୍ରକାର ସ୍ପନ୍ଦନ ଲହରୀ ଅହରହ ପ୍ରଭାବିତ ହେଉଅଛି, ତହିଁର ସମସ୍ତ ସନ୍ଦେଶ ଉପଲବ୍ଧି କରି ପାରିବା । ଏହାହିଁ ଆମ୍ଭମାନଙ୍କ ଅନ୍ତରରେ ଅବସ୍ଥିତ ଦ୍ରଷ୍ଟାଙ୍କ ସହିତ ସାକ୍ଷାତ କରିବାର ମାର୍ଗ । ଏପରି ଅଭ୍ୟାସ ଆରମ୍ଭ

Digitized by srujanika@gmail.com

କଲପରେ, ନିଃଷ୍ପ୍ରୟୋଜନ ଭାବଗୁଡିକର ପ୍ରତ୍ୟାହାର ଓ କେବଳ ପ୍ରୟୋଜନ ଜାତୀୟ ଭାବଗୁଡିକ ଯେପରି ପ୍ରକାଶ ପାଇବ ସେଥିପ୍ରତି ସଚେଷ୍ଟ ରହିବା ଦରକାର । କେବଳ କାମମୟ ଶରୀରର ସ୍ୱାଭାବିକ ବୃତ୍ତି ପ୍ରତି ସଜାଗ ରହିଲେ, ନିଷ୍ପ୍ରୟୋଜନ ଭାବଗୁଡିକର ଆପେ ଆପେ ବିଳୟ ଘଟେ । ଅଭ୍ୟାସ ପ୍ରାୟ ଗ୍ୱରିପ୍ରକାର—ମୃଦୁ, ମଧ୍ୟମ, ଅତ୍ୟନ୍ତ ଓ ପ୍ରବଳ । ଆମ୍ଭମାନଙ୍କ ସଂସ୍କାର ଓ ଶ୍ରଦ୍ଧା ଉପରେ ଅଭ୍ୟାସର ଗତି ଓ ପରିମାଣର ମାତ୍ରା ନିର୍ଭର କରେ । ଆମ୍ଭମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି-ମାନଙ୍କର ବିବେକ ବୁଦ୍ଧି ଓ ଆଧାତ୍ମିକ ଭାବ ଉନ୍ନତ ଅବସ୍ଥାରେ ପହଞ୍ଚିଛି, ସେମାନେ ସହିଷ୍ଣୁ, ଧୈର୍ଯ୍ୟଶାଳୀ ଓ ପାରଙ୍ଗମ । ସେମାନେ ନିଜର ଭାଗ୍ୟ ନିଜେ ଗଢିପାରିବେ । ଅନ୍ୟମାନଙ୍କ ପକ୍ଷରେ ଏପରି ଅଭ୍ୟାସ କ୍ଳାନ୍ତିଯୁକ୍ତ ଓ ସେମାନେ ଏହାକୁ ଅପ୍ରାପ୍ୟ ବୋଲି ଧରି ସେଥିରୁ ବିରତ ହୁଅନ୍ତି । ବସ୍ତୁତ କାମନା-ଗୁଡିକୁ ଆୟତ୍ତାଧୀନ କରିବା ବା ନିଷ୍ପ୍ରୟୋଜନ କାମନା ବର୍ଗର ନିୟନ୍ତ୍ରଣ ଘଟାଇ ପ୍ରୟୋଜନ ବର୍ଗକୁ ପ୍ରବଳ କରାଇବା ଏକ ଖେଳ କୌତୁକର ବିଷୟ ନୁହେଁ । ଏହା ନିରନ୍ତର ପ୍ରଗାଢ ଚେଷ୍ଟା ଓ ସାଧନାର ଫଳ । ଆୟତ୍ତାଧୀନ କରି ସାରିବା ପରେ ଚେଷ୍ଟା ଓ ସାଧନାର ଆବଶ୍ୟକତା ରହେ ନାହିଁ ।

କାମନା ଶରୀରଟିକୁ ନିଜର ଅଧୀନସ୍ଥ କରିବା ଦିଗରେ କେତେଗୋଟି ପ୍ରୟୋଜନୀୟ ବିଷୟ ଜାଣିବା ବିଧେୟ ।

Digitized by srujanika@gmail.com

ପ୍ରଥମତଃ ଯେଉଁ ପରିସ୍ଥିତି ସମ୍ମୁଖୀନ ହେବାକୁ ଆମ୍ଭମାନଙ୍କୁ ଅତୁଆ ଲଗେ ବା କୌଣସି ଏକ ପରିସ୍ଥିତିଠାରୁ ଆମେ ଦୂରରେ ରହିବାକୁ ଚାହୁଁ, ସେହି ପରିସ୍ଥିତି ସାହସର ସହିତ ସମ୍ମୁଖୀନ ହେବାହିଁ ଭାବପ୍ରବଣତାକୁ ଜୟ କରିବା ଉପାୟ । ଦୁଃଖ କଷ୍ଟ ପରିସ୍ଥିତି ଦେଇ ଗତି କରିବା ଦ୍ୱାରାହିଁ ମନୁଷ୍ୟ ନିଜର ଦୁର୍ଗୁଣ-ଗୁଡିକ ସଂଶୋଧନ କରିପାରେ ଓ ସେଥିପ୍ରତି ଚେତନା ଜାଗ୍ରତ ହୁଏ । ମନୁଷ୍ୟ ଯଦି ଦ୍ୱେଷଭାବ ମାର୍ଜନା କରିବାକୁ ଉଦ୍ୟତ, ତେବେ ଯେଉଁ ପରିସ୍ଥିତି ଦେଇ ଗତିକଲେ ସେହି ଭାବ ସାଧାରଣତଃ ଜାତ ହୁଏ, ସେହି ପରିସ୍ଥିତିର ସମ୍ମୁଖୀନ ହେଲେ ନିଜର ଦ୍ୱେଷଭାବ ଜାତ ହେବା ନିଜେ ଅନୁଭବ କରି ତାହାର ସଂଶୋଧନ କରିବା ପାଇଁ ସୁବିଧା ମିଳିବ । ଗୃହସ୍ଥ କର୍ମର ଦାୟିତ୍ୱକୁ ଡରି ସନ୍ନ୍ୟାସୀ ବେଶ ଧରି ବଣରେ ବାସ କଲେ ବୈରାଗ୍ୟ ଜାତ ହୁଏ ନାହିଁ । ନିଜର କ୍ରୋଧଭାବ ଦମନ କରିବାକୁ ଦରକାର ହେଲେ ନିଜଠାରୁ ଅଧିକ କ୍ରୋଧୀ ଲୋକଙ୍କ ସହିତ ସଂସର୍ଗ ଦ୍ୱାରାହିଁ ତାହା ହାସଲ କରାଯାଇ ପାରେ । ଯେଉଁ ବ୍ୟକ୍ତି ଆମକୁ ଭଲ ପାଏ ନାହିଁ ବା ଘୃଣାକରେ, ସେହି ବ୍ୟକ୍ତି ସହିତ ବାରମ୍ବାର ସମ୍ମୁଖୀନ ହେବା ଦ୍ୱାରାହିଁ ଆମର ସହିଷ୍ଣୁ ଶକ୍ତି ଜାଗ୍ରତ ହୁଏ । ଯେଉଁ ସମାଜରେ ଅଧର୍ମ ଓ ଅନ୍ୟାୟ ଲେଶମାତ୍ର ଦେଖଯାଏ ନାହିଁ, ସେଠାରେ ମନୁଷ୍ୟକୁ ଧାର୍ମିକ ଓ ନ୍ୟାୟବନ୍ତ ହେବା ଅତି ସହଜ । ଦୁଶ୍ଚରିତ୍ର ହେବା ସୁବିଧା ନ ପାଇଲେ ସହଜରେ ଜଣେ ଚରିତ୍ରବାନ ହୋଇପାରେ । କିନ୍ତୁ ଯେଉଁ

Digitized by srujanika@gmail.com

ବ୍ୟକ୍ତି ଅଧର୍ମ, ଅନ୍ୟାୟ ଓ ଦୂଷ୍ଚରିତ୍ର ପରିସ୍ଥିତି ଦେଇ ଗତିକରି ଧାର୍ମିକ ନ୍ୟାୟବନ୍ତ ଓ ସତ୍ ଚରିତ୍ରବାନ ହୋଇ ରହେ, ସେ ନିଜର କାମମୟ ଶରୀର ଓ ଭାବପ୍ରବଣତା ପୂର୍ଣ୍ଣମାତ୍ରାରେ ଜୟ କରେ । ତେଣୁ ଦୁଃଖ କଷ୍ଟ ପରିସ୍ଥିତି ଉପୁଜିଲେ ସେଥିରୁ ଦୂରେଇ ଯିବା ପରିବର୍ତ୍ତେ ତହିଁର ସଦ୍‌ବ୍ୟବହାର କରଗଲେ ଆମ୍ଭମାନଙ୍କ ଆନ୍ତରିକ ଉନ୍ନତି ହୁଏ ଓ ସାହସ ବଢ଼େ । ଗୁରୁକୁଳ ଆଶ୍ରମ-ମାନଙ୍କରେ ଶିଷ୍ୟମାନଙ୍କୁ ଏପରି ଶିକ୍ଷା . ଦିଆଯାଏ । ସାଧକ-ମାନେ ଜାଣିଶୁଣି ବିପରୀତ ପରିସ୍ଥିତି ଖୋଜି ବୁଲନ୍ତି ଓ ତହିର ସଦ୍‌ବ୍ୟବହାର କରି ନିଜର ଦୁର୍ଗୁଣଗୁଡିକୁ ଦମନ କରନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର କର୍ମ ଅନୁଯାୟୀ ଉପଯୁକ୍ତ ପରିବେଷ୍ଟିତ ପରିସ୍ଥିତିରେ ଜନ୍ମଗ୍ରହଣ କରିଛନ୍ତି ଏବଂ ଏହି ପରିସ୍ଥିତି ନିଜର ଉନ୍ନତି ସାଧନ ପାଇଁ ମଧ୍ୟ ଉପଯୁକ୍ତ । କାମମୟ ଶରୀରର ସ୍ୱଭାବଗତ ବୃତ୍ତିଗୁଡିକୁ ଆୟତ୍ତାଧୀନ କରିବା ପାଇଁ ଆମ୍ଭମାନଙ୍କ ଦୈନନ୍ଦିନ ଜୀବନରେ ଅନେକ ସୁବିଧା ମିଳେ ଏବଂ ଏଥିପ୍ରତି ଆମ୍ଭେମାନେ ସଜାଗ ଓ ପ୍ରସ୍ତୁତ ହେବା ଦରକାର ।

କାମମୟ ବୃତ୍ତିଗୁଡ଼ିକର ଦମନ କରିବା ଦ୍ୱାରା ସମୟେ ସମୟେ ବିପଦର ସମ୍ମୁଖୀନ ହେବାକୁ ପଡ଼େ । ମନସ୍ତତ୍ତ୍ୱ–ବିଶେଷଜ୍ଞମାନେ କହିଛନ୍ତି ଯେ ଅଶୁଦ୍ଧମାର୍ଗରେ କାମନା ଦମନ କରାଗଲେ ତାହା ମନର ଅଚେତନ ସ୍ତରକୁ ଠେଲି ହୋଇଯାଏ ଏବଂ ତଦ୍ୱାରା ମାନସିକ ରୋଗ ଜନ୍ମେ ! ମନୁଷ୍ୟ ନିଜେ

Digitized by srujanika@gmail.com

ସେଥିପ୍ରତି ଅଚେତନ ରହେ କିନ୍ତୁ ମନୁଷ୍ୟର ସ୍ୱଭବ ଉପରେ ତାହା ପ୍ରବଳ ଆଧିପତ୍ୟ ବିସ୍ତାର କରେ । ହିଷ୍ଟିରିୟା ଏହିପରି ଏକ ରୋଗ ।

ମନେ ରଖିବାକୁ ହେବ ଯେ, ମନୁଷ୍ୟ ଭିତରେ ଭାବପ୍ରବଣତା ଓ କାମନା ଜାତ ହେଲେ, ତାହା ଏକ-ପ୍ରକାର ସୂକ୍ଷ୍ମଶକ୍ତି ପରି ସଞ୍ଚରେ । ପ୍ରାକୃତିକ ନିୟମ ଅନୁଯାୟୀ ଶକ୍ତି ଥରେ ଜାଗ୍ରତ ହେଲେ, ତାହା ଦମନ କରାଯାଇ ନ ପାରେ । କିନ୍ତୁ ତାହାକୁ ଏକ ଦିଗରୁ ଅନ୍ୟ ଏକ ଦିଗକୁ ନିୟୋଜନ କରାଯାଇପାରେ । ତେଣୁ ମନୁଷ୍ୟ କାମନାଗୁଡ଼ିକୁ ଦମନ କରିବା ଦ୍ୱାରା ସେଗୁଡ଼ିକ ଅନ୍ୟ ଦିଗରେ ଗତି କରି ଚେତନା ମାନସର ଅନ୍ତରାଳରେ ରହେ ଏବଂ ସେଠାରେ ଦୁର୍ଗମ ଗତି କରିବାର ସମ୍ଭାବନା ଜନ୍ମେ । ଗୋଟିଏ ପାଣିକଳକୁ ବନ୍ଦ କରିବା ଉଦ୍ଦେଶ୍ୟରେ କଳର ମୁହଁଟି ଯଦି ମାଟିରେ ପୋତାଯାଏ, ତାହା'ହେଲେ କଳର ପାଣି ମାଟି ଭିତରେ ଝରି ସ୍ଥାନଟି ସନ୍ତସନ୍ତିଆ ହୁଏ ଓ ସେଥିରୁ ନାନା ପ୍ରକାର ଜୀବାଣୁ ଜାତ ହୋଇ ମନୁଷ୍ୟର ଅନିଷ୍ଟ କରନ୍ତି । ତେଣୁ କଳର ମୁହଁଟି ବନ୍ଦ କରିବା ଉଚିତ ନତୁବା ପାଣି ବଗିଚ୍ଚରେ ଛାଡ଼ିଲେ ପାଣିର ସଦ୍‌ବ୍ୟବହାର ହୁଏ ଭାବପ୍ରବଣତା ଓ କାମନା ଅଜାଗ୍ରତ ଭାବରେ ଦମନ କଲେ ସେହିପରି ନାନାପ୍ରକାର ପ୍ରମାଦପୂର୍ଣ୍ଣ ଫଳ ହୁଏ । ତେଣୁ କୌଣସି ଏକପ୍ରକାର କାମନା ଯଦି ଦରକାର

Digitized by srujanika@gmail.com

ନ ହୁଏ, ତେବେ ସେହିପରି କାମନା ନିଜ ଭିତରେ ଜାଗ୍ରତ ନ କରିବା ଉଚିତ୍ । କାମମୟ କୋଷର ସ୍ୱଭାବ ଓ ତହିଁର କାମନାଗୁଡ଼ିକ କିପରି ଜାଗ୍ରତ ହୁଏ, ସେଥିପ୍ରତି ସମ୍ପୂର୍ଣ୍ଣ ଲକ୍ଷ୍ୟ ରଖିଲେ ତହିଁର ନିବୃତ୍ତି ଘଟେ ।

ସ୍ପନ୍ଦନ ମାଧ୍ୟମରେ କାମନା ଜାତ ହୁଏ । କାମନା ଶରୀରରେ ସ୍ପନ୍ଦନ ସଞ୍ଚରିଲେ ତାହାର ପ୍ରଭାବ ନିଜର ଚତୁର୍ଦ୍ଦିଗରେ ପଡେ ଏବଂ ସମପରିମାଣ ସ୍ପନ୍ଦନ ମନୁଷ୍ୟ ଚତୁର୍ଦ୍ଦିଗରୁ ଗ୍ରହଣ କରେ । ଏକପ୍ରକାର କାମନା ବାରମ୍ବାର ସଞ୍ଚରିଲେ ଅନ୍ୟପ୍ରକାରର କାମନା-ଗୁଡ଼ିକର ବିଲୟ ଘଟେ । ମନୁଷ୍ୟ ଆନନ୍ଦଦାୟକ କାମନା-ଗୁଡ଼ିକରେ ସଦାସର୍ବଦା ଆବୃତ୍ତ ରହିଲେ, ସେ ଦୁଃଖଦାୟକ କାମନା କବଳରୁ ମୁକ୍ତି ପାଏ ଏବଂ ସେହିପରି ପ୍ରଭାବ ନିଜର ଚତୁର୍ଦ୍ଦିଗରେ ପଡେ । ନିଜର କୁଟୁମ୍ବ ଓ ପ୍ରତିବେଶୀ ତାହା ଦ୍ୱାରା ପ୍ରଭାବିତ ହୁଅନ୍ତି । ସତ୍‌କାମନା ଅଭାବରୁ ଦୁଷ୍ଟ କାମନା ସ୍ଥାନ ପାଏ ଏବଂ ଦୁଷ୍ଟ କାମନା ଅଭାବରୁ ସତ୍‌କାମନା ସ୍ଥାନ ପାଏ । ମନୁଷ୍ୟ ଉଚ୍ଚକୋଟିର କାମନା ରତ ରହିଲେ ନୀଚକାମନାଗୁଡ଼ିକର ବିଲୟ ଘଟେ । ଭକ୍ତି, ସ୍ନେହ, ଦୟା, ଅନୁକମ୍ପା, କରୁଣା, ସେବା ଏପରି କାମନା-ଗୁଡ଼ିକ ଅଭ୍ୟାସ କଲେ କାମମୟ କୋଷ ପବିତ୍ର ହୁଏ ଏବଂ ସୂକ୍ଷ୍ମଲୋକର ସ୍ପନ୍ଦନ ଆଭାସ ପ୍ରାପ୍ତ ହୁଏ, ବିବେକ ଓ ବୁଦ୍ଧିର ବିକାଶ ହୁଏ ଏବଂ ଅନ୍ତରର ନୀରବ ବାଣୀ ନିଜର ଶ୍ରୁତିଗୋଚର ହୁଏ । ଧ୍ୟାନ ସାଧନା ଦ୍ୱାରା ଏସବୁ ସମ୍ଭବ ।

Digitized by srujanika@gmail.com

ମାନସ ଶରୀର

ଈଶ୍ୱରଙ୍କ ସୃଷ୍ଟିରେ ମନଟି ଏକ ଅଦ୍ଭୁତ ବସ୍ତୁ ଏବଂ ମନୁଷ୍ୟ ପକ୍ଷରେ ଅତିଶୟ ତାତ୍ପର୍ଯ୍ୟପୂର୍ଣ୍ଣ । ତାହା ଯୋଗୁ ମନୁଷ୍ୟ ଅନ୍ୟ ମନୁଷ୍ୟଠାରୁ ଓ ପରିବେଷ୍ଟିତ ପରିସ୍ଥିତିଠାରୁ ଭିନ୍ନ ବୋଲି ଉପଲବ୍ଧି କରେ । ଏହା ଆମ୍ଭମାନଙ୍କ ଅହଂକାରର ମୂଳଭିତ୍ତି ଏବଂ ଭ୍ରାନ୍ତିକାରକ ମଧ୍ୟ । ଏହି ମନର ସ୍ୱଭାବ ଯୋଗୁଁ ନାନା ପ୍ରକାର ଭ୍ରାନ୍ତିପୂର୍ଣ୍ଣ ସନ୍ଦେଶ ଆମ୍ଭମାନଙ୍କ ଚିଦାକାଶରେ ପଡ଼େ ଏବଂ ଅନିତ୍ୟକୁ ନିତ୍ୟ ଓ ଅସତ୍ୟକୁ ସତ୍ୟ ପରି ବିଦ୍ରୂପ କରେ । ତେଣୁ ମନର ବଳ ଓ ସ୍ୱଭାବ ବିଷୟରେ ବିଶେଷ ଆଲୋଚନା ଆବଶ୍ୟକ ।

ଆଧୁନିକ ଯୁଗର ବୈଜ୍ଞାନିକ ଗଣ ମନୁଷ୍ୟର ଭବପ୍ରବଣତା, ବାସ୍ତବ ଚିନ୍ତା, ସୂକ୍ଷ୍ମ ଚିନ୍ତା ଓ ବୃଦ୍ଧି ସମୂହକୁ ମନ ବୋଲି ଦର୍ଶାଇଛନ୍ତି । ମନୁଷ୍ୟର ମସ୍ତିଷ୍କର କ୍ରିୟା ପ୍ରକ୍ରିୟାକୁ ମନର ସ୍ୱଭାବ ବୋଲି ସେମାନଙ୍କ ମତ । ମସ୍ତିଷ୍କର ଅନ୍ତରାଳରେ ଯେଉଁ କ୍ରିୟା ପ୍ରକ୍ରିୟା ପ୍ରବାହିତ ହୁଏ, ତାହା ଅନୁସନ୍ଧାନ କରିବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ଏହି ବିଷୟରେ ଓକାଲ୍‌ଟିଜମ୍ ବା ବ୍ରହ୍ମବିଦ୍ୟାର ଅବଦାନ ଅତି ମହାନ୍ । ବ୍ରହ୍ମବିଦ୍ୟା ସାହାଯ୍ୟରେ ମନର ସମୂହ ପ୍ରକୃତି ଛିନ୍ନ ବିଚ୍ଛିନ୍ନ ଭାବେ ଅନୁଧ୍ୟାନ କରି ସେଗୁଡ଼ିକର ମୂଳ କାରଣ ନିରୀକ୍ଷଣ କରାଯାଇ ବିଭିନ୍ନ ବିଭାଗର କି କି ପ୍ରକୃତି ଏବଂ

Digitized by srujanika@gmail.com

ତହିଁର ମୂଳ କେଉଁଠି, ତାହାର ସବିଶେଷ ବିଚାର କରାଯାଇଅଛି । ବ୍ରହ୍ମବିଦ୍ୟାବିତ୍‌ମାନେ ଅଧ୍ୟାତ୍ମିକ ସ୍ତରରୁ ମନର ସକଳ ଗୁଣ ଓ ସ୍ୱଭାବଗୁଡ଼ିକୁ ତନ୍ନତନ୍ନ ଅନୁକ୍ଷଣ କରି ଦର୍ଶାଇ ଅଛନ୍ତି ଯେ, ମନୁଷ୍ୟର ଭାବନା, ବାସ୍ତବ ଚିନ୍ତା ଏବଂ ସୂକ୍ଷ୍ମଚିନ୍ତା ତିନିଗୋଟି ବିଭିନ୍ନ ସୂତ୍ରରୁ ଜାତ ହୁଏ ଏବଂ ଏଗୁଡିକୁ ମନୁଷ୍ୟର ଚୈତନ୍ୟ ଶକ୍ତିର ତିନିଗୋଟି ଯାନ ବୋଲି ଧରାଯାଏ । ସ୍ଥୂଳଶରୀରର ମସ୍ତିଷ୍କ ଓ ସ୍ନାୟୁ ବିଭାଗ କେବଳ ଏହି ଚେତନା ସ୍ପନ୍ଦନର ବାହକ ପ୍ରଣାଳୀ ମାତ୍ର ।

ମେଣ୍ଟାଲ ପ୍ଲେନ୍ ବା ସ୍ୱର୍ଗଲୋକର ତତ୍ତ୍ୱଦ୍ୱାରା ମାନସ ଶରୀର ଗଠିତ । ଭୂଲୋକ ଓ ଭୁବଲୋକ ପ୍ରତ୍ୟେକ ଯେପରି ସାତ ଭାଗରେ ବିଭକ୍ତ, ସ୍ୱର୍ଗଲୋକ ମଧ୍ୟ ସେହିପରି ସାତ ଭାଗରେ ବିଭକ୍ତ । ନିମ୍ନ ଚାରି ଭାଗକୁ ଧରି ମାନସ ଶରୀର ଗଠିତ ଓ ତାହାକୁ ନିମ୍ନମାନସ ଶରୀର ବୋଲାଯାଏ । ବେଦ-ବେଦାନ୍ତରେ ଯେଉଁ ମନୋମୟ କୋଷର ବର୍ଣ୍ଣନା ରହିଛି, ତାହା କାମମୟ ଓ ଏହି ନିମ୍ନମାନସ ଶରୀରକୁ ମିଶାଇ ମନୋମୟ କୋଷ ବୋଲି ବର୍ଣ୍ଣିତ । ସ୍ୱର୍ଗଲୋକର (ମେଣ୍ଟଲ ପ୍ଲେନ) ଊର୍ଦ୍ଧ୍ୱ ତିନି ଭାଗର ତତ୍ତ୍ୱକୁ ଧରି ଯେଉଁ ଶରୀର ଗଠିତ, ତାହାକୁ ବିଜ୍ଞାନମୟ କୋଷ ବୋଲାଯାଏ । ଏହାକୁ ବ୍ରହ୍ମବିଦ୍ୟାରେ ଊର୍ଦ୍ଧ୍ୱ ମାନସ ଶରୀର ବା କାରଣ ଶରୀର' ବୋଲି ବର୍ଣ୍ଣିତ ହୋଇଅଛି । ବ୍ରହ୍ମବିଦ୍ୟାବିତ୍‌ମାନେ ସୂକ୍ଷ୍ମ ଅନୁସନ୍ଧାନ କରି ଉପଲବ୍ଧି କରିଛନ୍ତି ଯେ, ମନୁଷ୍ୟର

Digitized by srujanika@gmail.com

ଚେତନାଶକ୍ତି ଏହି ଉଭୟ ଶରୀର ଭିତରେ ପ୍ରବାହିତ ହେଲେ ମନୁଷ୍ୟ ସମ୍ପୂର୍ଣ୍ଣ ଭିନ୍ନ ପ୍ରକାର ଚିନ୍ତାମଗ୍ନ ହୁଏ । ନିମ୍ନମାନସ ଶରୀର ଅସ୍ଥାୟୀ ଓ ମରଣଶୀଳ ମନୁଷ୍ୟର ସୂକ୍ଷ୍ମତମ ଶରୀର । ଊର୍ଦ୍ଧ୍ୱମାନସ ଶରୀର ଅମର । ତାହା ଜୀବାତ୍ମାର ସୂକ୍ଷ୍ମରୂପ ବାହ୍ୟ ଅଙ୍ଗ ଏବଂ ଆଂଶିକ ଭାବେ ଜନ୍ମ ଜନ୍ମାନ୍ତର କ୍ରମେ ଅନ୍ୟ ତିନିଗୋଟି ଶରୀର (ନିମ୍ନମାନସ, କାମନା ଓ ସ୍ଥୂଳ ଶରୀର) ସହିତ ଜଡିତ ହୋଇ ପ୍ରକାଶ ହୁଏ । ତେଣୁ ଆମ୍ଭମାନଙ୍କ ମନ ବାସ୍ତବ ଓ ଆଧ୍ୟାତ୍ମିକ ମନୁଷ୍ୟର ସଂଗମ ସ୍ଥଳ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ନିମ୍ନମାନସ ଶରୀରର କର୍ମ ଓ କାମନା ଶରୀରର କର୍ମ ମଧ୍ୟରେ ଅତି ତୀକ୍ଷ୍ଣ ପ୍ରଭେଦ ରହିଅଛି । ଉଭୟେ ଏକ ସଙ୍ଗେ ପ୍ରାୟ କର୍ମରତ ହୁଅନ୍ତି । କାମନା କିପରି ଜାତ ହୁଏ ପୂର୍ବରୁ ବର୍ଣ୍ଣନା କରାଯାଇଛି । ବାହ୍ୟଜଗତରୁ ସ୍ପନ୍ଦନଗୁଡ଼ିକ ଇନ୍ଦ୍ରିୟ, ସ୍ନାୟୁ ପ୍ରଣାଳୀ, ସ୍ଥୂଳ ମସ୍ତିଷ୍କ, ସୂକ୍ଷ୍ମ ମସ୍ତିଷ୍କ ଦେଇ ଯେତେବେଳେ କାମନା ଶରୀରରେ କେନ୍ଦ୍ରୀଭୂତ ହୁଅନ୍ତି ସେତେବେଳେ ସ୍ପନ୍ଦନ ଗୁଡ଼ିକ ସେନ୍‌ସେସନ୍ ବା ଅନୁଭୂତି ରୂପେ କାମନା ଶରୀରରେ ସ୍ପର୍ଶ କରାଯାଏ । ଏହି ସେନ୍‌ସେସନ୍ ସଂଶ୍ଳିଷ୍ଟ ସ୍ପନ୍ଦନଗୁଡ଼ିକ ସେଠାରୁ ନିମ୍ନମାନସ ଶରୀରକୁ ପ୍ରବାହିତ ହୁଅନ୍ତି ଏବଂ ସେଠାରେ ସେଗୁଡ଼ିକ ରୂପରେ ପରିଣତ ହୁଅନ୍ତି । ଫୋଟୋ କେମେରାର ଲେନ୍‌ସ ସମ୍ମୁଖରେ ଯେପରି ଭୂପୃଷ୍ଠର ଛବିଗୁଡ଼ିକ ସ୍ପନ୍ଦନ ଦ୍ୱାରା

Digitized by srujanika@gmail.com

ପ୍ରତିବିମ୍ବିତ ହୁଏ, ମନୁଷ୍ୟର ମାନସ ଶରୀରରେ ସେହିପରି ନାନାପ୍ରକାର ଛବି ଅହରହ ପଡେ । ଇନ୍ଦ୍ରିୟ ମାଧ୍ୟମରେ ପ୍ରବାହିତ ସ୍ପନ୍ଦନଗୁଡ଼ିକୁ ପରିଶେଷରେ ଛବି ରୂପରେ ପରିବର୍ତ୍ତନ କରିବା ମାନସ ଶରୀରର ପ୍ରଥମ କାର୍ଯ୍ୟ । ଦ୍ଵିତୀୟରେ ପଞ୍ଚ-ଇନ୍ଦ୍ରିୟ ଦ୍ଵାରା ଜାତ ହେବା ରୂପଗୁଡ଼ିକୁ ମିଶ୍ରଣ କରାଇ ଏକ ସମଷ୍ଟି ଓ ପରିପୂର୍ଣ୍ଣ ରୂପ ଜାତ କରାଏ । ଯଥା ଗୋଟିଏ କମଳା ଲେମ୍ବୁର ରୂପ, ରସ, ଗନ୍ଧ ଓ ସ୍ପର୍ଶ ମାଧ୍ୟମରେ ଯେପରି ଗୋଟିଏ ସମ୍ପୂର୍ଣ୍ଣ-ରୂପ ସମ୍ପନ୍ନ ଛବି ମନରେ ପଡେ, ସେହିପରି ପଞ୍ଚଇନ୍ଦ୍ରିୟ ଜାତ ରୂପଗୁଡ଼ିକୁ ମିଶ୍ରଣ କରାଇ ଯେଉଁ ରୂପ ଜାତହୁଏ, ତାହା ମଧ୍ୟ ମାନସ ଶରୀରର କାର୍ଯ୍ୟ । ତୃତୀୟରେ ଏପରି ବିଭିନ୍ନ ଇନ୍ଦ୍ରିୟ ଜାତ ରୂପ ଓ ସମଷ୍ଟି ରୂପର ଛବିଗୁଡ଼ିକ ଅତି ଯତ୍ନ କରି ସ୍ମୃତିରୂପେ ସଜାଡି ରଖିବା ମଧ୍ୟ ଏହି ମାନସ ଶରୀରର କାର୍ଯ୍ୟ । ଯେତେବେଳେ ଆମ୍ଭେମାନେ ଗୋଟିଏ କମଳା ଦୂରରୁ ଦେଖୁଁ ତାହାର କେବଳ ଆକାର ଓ ବର୍ଣ୍ଣ ଆମକୁ ଦେଖାଯାଏ । ଏହି ପରିସ୍ଥିତିରେ ସ୍ମୃତି ଅନ୍ୟ ରୂପଗୁଡ଼ିଏ ଯୋଗାଏ । ଯଦି ମନରେ ସ୍ମୃତି ବିଭାଗ ନ ଥାନ୍ତା, ତେବେ ମନୁଷ୍ୟ ପକ୍ଷରେ ଇହଜଗତରେ ଚଳିବା କଷ୍ଟକର ହୋଇଥାନ୍ତା ।

ପଞ୍ଚ ଇନ୍ଦ୍ରିୟ ଦ୍ଵାରା ପ୍ରବାହିତ ପଞ୍ଚରୂପ ଗୁଡିକର ମିଶ୍ରଣ କରାଇ ଏକ ରୂପକୁ ପରିବର୍ତ୍ତନ କରିବା ସଙ୍ଗେ ସଙ୍ଗେ ପୁନରାୟ ବିଭାଗ କରି ପଞ୍ଚକର୍ମେନ୍ଦ୍ରିୟ ଗୁଡ଼ିକୁ କାର୍ଯ୍ୟରତ କରାଇବା ମଧ୍ୟ

Digitized by srujanika@gmail.com

ମାନସ ଶରୀରର କର୍ମ । ମନୁଷ୍ୟର ଦୈନନ୍ଦିନ ଜୀବନରେ ବାହ୍ୟ ଜଗତ ସହିତ ସଂଘର୍ଷ ଉପୁଜିବା ଯୋଗୁଁ ଯେଉଁ ସବୁ ପରିସ୍ଥିତି ଉପୁଜେ ତହିଁର ଗ୍ରହଣକାରୀ ଓ ନିର୍ଦ୍ଦେଶକାରୀ ରୂପେ ମାନସ ଶରୀର କର୍ମକରେ । ବାହ୍ୟଜଗତରୁ ଶରୀର ପ୍ରତି କୌଣସି ଆଘାତ ହେବା ଆଶଙ୍କା ଦେଖାଦେଲେ ମାନସ ଶରୀର କର୍ମେନ୍ଦ୍ରିୟଗୁଡ଼ିକୁ ନିଜ ନିଜର କର୍ତ୍ତବ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଏ ଏବଂ ସେମାନେ ସେହିକାର୍ଯ୍ୟରେ ମୁହୂର୍ତ୍ତକେ ରତ ହୁଅନ୍ତି । ମନୁଷ୍ୟର ଦେହ ହାତ ଗୋଡ଼ ଓ ମାଂସପେଶୀଗୁଡ଼ିକ ଏହି ନିର୍ଦ୍ଦେଶ ଅନୁରୂପେ ଆଘାତରୁ ରକ୍ଷାପାଇବା ନିମିତ୍ତ ନିଜ ନିଜର ଉପଯୁକ୍ତ ପ୍ରତିରୋଧ ଅବସ୍ଥା ଅବଲମ୍ବନ କରନ୍ତି । ମୁହୂର୍ତ୍ତକ ମଧ୍ୟରେ ବାହ୍ୟ ଅବସ୍ଥା ନିର୍ଣ୍ଣୟ କରି ସଙ୍ଗେ ସଙ୍ଗେ କର୍ମେନ୍ଦ୍ରିୟଗୁଡ଼ିକୁ ନିର୍ଦ୍ଦେଶ ଦେଇ ସେଗୁଡ଼ିକୁ ସ୍ୱ ସ୍ୱ କାର୍ଯ୍ୟରେ ନିୟୋଜିତ କରାଇବା ମାନସ ଶରୀରର କର୍ତ୍ତବ୍ୟ । ଏହି ସମୁଦାୟ କାର୍ଯ୍ୟ ଏତେ ଅଳ୍ପ ସମୟ ମଧ୍ୟରେ ସମାହିତ ହୁଏ ଯେ ତାହା ସାଧାରଣତଃ ଆମ୍ଭମାନଙ୍କର ଦୃଷ୍ଟିଗୋଚର ହୁଏ ନାହିଁ ।

ପ୍ରତ୍ୟେକ ମନୁଷ୍ୟ ଏପରି ଅହରହ ରୂପ ସଂଗ୍ରହ କରେ ଏବଂ ସେଗୁଡ଼ିକ ସ୍ମୃତି ଆକାରରେ ସଜାଡ଼ି ରଖେ । ଦରକାର ସମୟରେ ଏହି ଛବିଗୁଡ଼ିକୁ ସ୍ମୃତି ଭଣ୍ଡାରରୁ ବାହାର କରି ନୂତନ ଛବି ବା ରୂପ ସହିତ ତୁଳନା କରେ । ମନୁଷ୍ୟ ଦିନକୁ ଦିନ ଯେତେ ଅଭିଜ୍ଞତା ଅର୍ଜନ କରେ ଏପରି ଛବିଗୁଡ଼ିକର ସଂଖ୍ୟା

Digitized by srujanika@gmail.com

ବହୁଗୁଣରେ ବଢ଼େ ଏବଂ ସ୍ମୃତି ଭଣ୍ଡାରରେ ସଜାଡି ହୋଇ ରହେ। ଏହି ଛବିଗୁଡ଼ିକ ଭଗ ବିଭଗ କରି ସଜାଡ଼ିବା ଓ ପୁନଃପୁନଃ ସେଗୁଡ଼ିକର ଅଦଳ ବଦଳ କରି ତୁଳନାତ୍ମକ ବିଗ୍ଭର କରିବା ଆମ୍ଭମାନଙ୍କ ମନର କର୍ମ । ଏପରି କରିବା ଦ୍ୱାରା ଆସ୍ତେ ଆସ୍ତେ ବିଗ୍ଭର ଶକ୍ତିର ବିକାଶ ହୁଏ ଏବଂ ଆମ୍ଭମାନଙ୍କ ଚିନ୍ତାଶକ୍ତି ବଢ଼େ । ପ୍ରକୃତରେ କହିବାକୁ ଗଲେ ଏହି ସଞ୍ଚିତ ଛବିଗୁଡ଼ିକ ମଧ୍ୟରେ ସମ୍ପର୍କ ସ୍ଥାପନ କରିବାହିଁ ଚିନ୍ତା. ଛବିଗୁଡ଼ିକ ସ୍ପଷ୍ଟ ଓ ପ୍ରାଞ୍ଜଳ ହେଲେ ପରିଷ୍କାର ଚିନ୍ତାଧାରା ଜନ୍ମେ । ଛବିଗୁଡ଼ିକ ଅସ୍ପଷ୍ଟ ହେଲେ ଚିନ୍ତାଧାରା ଦୁର୍ବଳ ହୁଏ ଏବଂ ମନେ ପଡ଼େ ନାହିଁ । କେବଳ ଛବିଗୁଡ଼ିକର ସଂଖ୍ୟା ବହୁଗୁଣରେ ବଢ଼ିଗଲେ ଯେ ଚିନ୍ତାଧାରା ଶ୍ରେୟଙ୍କର ହୁଏ, ତାହା ନୁହେଁ । ସେଗୁଡ଼ିକ ମଧ୍ୟରେ ସୁରମ୍ୟ ଓ ମନୋହର ସମ୍ପର୍କ ସ୍ଥାପନ କରି ସୁନ୍ଦର ଚିନ୍ତାଧାରା ଜାତ କରାଇବା ସକାଶେ କଳାକାରର ଆବଶ୍ୟକତା ମଧ୍ୟ ରହିଛି । ଯେପରି ବିଭିନ୍ନ ରଙ୍ଗ ଦେଇ ଚିତ୍ରକାର ମନୋହର ଛବି ଅଙ୍କନ କରେ ବା ବିଭିନ୍ନ ସ୍ୱର ଭେଦ କରି ସଙ୍ଗୀତଜ୍ଞ ସୁମଧୁର ସୁରଝଙ୍କାର ସୃଷ୍ଟି କରିପାରେ, ସେହିପରି ମନର ଛବିଗୁଡ଼ିକ ମଧ୍ୟରେ ସୁରମ୍ୟ ବିନିଯୋଗ କରି ଚିନ୍ତାଧାରା ସୁଭୋଗ୍ୟ ଓ ଆନନ୍ଦଦାୟକ କରାଯାଇପାରେ ।

ମାନସ ଶରୀର ଯେଉଁସବୁ ଛବି ସଂଗ୍ରହ କରେ ସେ ଗୁଡ଼ିକ ରୂପ ଓ ନାମ ବ୍ୟବଧାନରେ ପ୍ରକାଶିତ । ସେଗୁଡ଼ିକ

Digitized by srujanika@gmail.com

ପ୍ରକୃତରେ ବାହ୍ୟଜଗତର ବସ୍ତୁ ନୁହେଁ, ବସ୍ତୁର ପ୍ରତିବିମ୍ବ ମାତ୍ର । ତେଣୁ ବାହ୍ୟ ଜଗତର ଜ୍ଞାନ ଅର୍ଜନ କଲାବେଳେ ମନୁଷ୍ୟକୁ ସତର୍କତା ସହିତ ଅନୁଧ୍ୟାନ କରିବା ଆବଶ୍ୟକ । ପ୍ରତିବିମ୍ବ-ଗୁଡ଼ିକରେ ବସ୍ତୁର ସମ୍ପୂର୍ଣ୍ଣ ଭାଗ ରହେ ନାହିଁ । କେବଳ ଆଂଶିକ ଭାଗ ଛବିରେ ଅଙ୍କିତ ହୁଏ । ତେଣୁ ବାସ୍ତବ ଜଗତର ସମ୍ପୂର୍ଣ୍ଣ ଜ୍ଞାନ ମନଦ୍ୱାରା ପାଇବା କଷ୍ଟକର ହୋଇପଡ଼େ । ମନକୁ ଅତିକ୍ରମ ନ କଲେ ପ୍ରକୃତ ତଥ୍ୟ ଜଣାପଡେ ନାହିଁ ।

ଏହି ମାନସ ଶରୀରର ମଧ୍ୟ, ଅନ୍ୟ ଶରୀରମାନଙ୍କ ପରି, ସ୍ୱଭାବ ଓ ପ୍ରକୃତି ରହିଛି । ତାହା ଗର୍ବର ସହିତ ଅନ୍ୟ ଶରୀର-ମାନଙ୍କଠାରୁ ନିଜକୁ ସମ୍ପୂର୍ଣ୍ଣ ପୃଥକ୍ ମନେକରେ । ସେ ଅନ୍ୟମାନଙ୍କୁ ହେୟଜ୍ଞାନ କରେ ଓ ନିଜକୁ ଖୁବ୍ ବଡ଼ ମନେକରେ । ସବୁବେଳେ ସ୍ୱାର୍ଥର ହିସାବ କରିବାକୁ ଅଗ୍ରସର ହୁଏ । ଈଶ୍ୱରଙ୍କ କାର୍ଯ୍ୟ ବା ଅପରକୁ ସାହାଯ୍ୟ କରିବା କଥା ଚିନ୍ତା ନ କରି କେବଳ ନିଜର ଉନ୍ନତି ବିଷୟ ଚିନ୍ତା କରିବାକୁ ମନୁଷ୍ୟକୁ ବାଧ୍ୟ କରେ । ଯେତେବେଳେ ଆମ୍ଭେମାନେ ଧ୍ୟାନ କରିବାକୁ ବସୁ ସେତେବେଳେ ଧ୍ୟାନର ଲକ୍ଷ୍ୟ ପରିବର୍ତ୍ତେ ସେ ନିଜର ଅନ୍ୟାନ୍ୟ ବିଷୟ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥାପିତ କରେ । ସେ ସ୍ୱଭବତ କ୍ଷିପ୍ତ ବିକ୍ଷିପ୍ତ । ନିଜର ସ୍ୱଭାବ ପରିବର୍ତ୍ତନ କରାଇବା ଦିଗରେ ସେ ପ୍ରତିରୋଧ କରେ । ଏକ ବସ୍ତୁ ଓ ଭାବ ଉପରେ ସେ ବେଶୀ ସମୟ ରହିବାକୁ ଇଚ୍ଛା କରେ ନାହିଁ । ତାହାର ଗତି ଅତି ଚଞ୍ଚଳ ।

Digitized by srujanika@gmail.com

ପାଗଳ ହାତୀ ପରି ଏଣେ ତେଣେ ଘୂରିବା ତାହାର ପ୍ରକୃତି । କାମନାର ପ୍ରକୃତି ସହିତ ଜଡ଼ିତ ହୋଇ ରହିବାରେ ପ୍ରତିରୋଧ କରେ ନାହିଁ । ଅସ୍ଥିରତା ମୁଖ୍ୟତଃ ତାହାର ସ୍ୱଭାବ ।

ଏପରି ସ୍ୱଭାବ-ଅବଲମ୍ବୀ ମାନସ ଶରୀରର ଉନ୍ନତି ସାଧନ ଦିଗରେ ପ୍ରଥମ ପଦକ୍ଷେପ ହେଉଛି ତାହାକୁ ନିଜଠାରୁ ସମ୍ପୂର୍ଣ୍ଣ ପୃଥକ କରି ତାହାର ସ୍ୱଭାବ ଅନୁଧ୍ୟାନ କରିବା । କିନ୍ତୁ ଆଧୁନିକ ଜଗତରେ ମନକୁ ନିଜଠାରୁ ପୃଥକ କରି ରଖିବା ବ୍ୟକ୍ତି ବହୁତ କମ୍ । ସାଧାରଣତଃ ମନ ଯାହା ଚାହେଁ ଆମ୍ଭେମାନେ ତାହା ଚାହୁଁ ବୋଲି ମନେକରୁ । ଦୈନନ୍ଦିନ ଜୀବନରେ ଅଧିକାଂଶ ସମୟ ମନୁଷ୍ୟକୁ ମନର କବଳରେ ରହିବାକୁ ପଡ଼େ । ମନଟିକୁ ପୃଥକ କରିଦେଲେ ନିଜ ଭିତରେ ଅନ୍ୟ କିଛି ନ ରହିଲା ପରି ମନେ ହୁଏ । ମନୁଷ୍ୟର ଚେତନା ଓ ମନ ମଧ୍ୟରେ ଏତେ ସୂକ୍ଷ୍ମ ସମ୍ବନ୍ଧ ରହିଛି ଯଦ୍ୱାରା ଏହି ଦୁହିଁଙ୍କୁ ପୃଥକ କରିବା କଷ୍ଟକର ହୋଇପଡ଼େ । କିନ୍ତୁ ମନୁଷ୍ୟ ଆଧ୍ୟାତ୍ମିକ ଦିଗରେ ଗତି କରିବାକୁ ଉଦ୍ୟତ ହେଲେ ମନକୁ ଆୟତ୍ତ କରିବା ଅତିଶୟ ଆବଶ୍ୟକ । ପ୍ରଥମେ ତାହାକୁ ନିଜଠାରୁ ପୃଥକ କରି ନିୟମିତ ଅଭ୍ୟାସ ବଳରେ କ୍ରମେ କ୍ରମେ ମନଟିକୁ ସୁସ୍ଥ ସବଳ ଓ ନିର୍ମଳ କଲେ ମନ ଓ ନିଜ ମଧ୍ୟରେ ପାର୍ଥକ୍ୟ ଦୃଢ଼ିଭୂତ ହୁଏ । ଅନ୍ତରର ଚେତନା ସାହାଯ୍ୟରେ ମନର ସ୍ୱଭାବ ପ୍ରତି ଅନବରତ ଲକ୍ଷ୍ୟ ରଖିଲେ ତାହା ପୃଥକ ପ୍ରତ୍ୟୟମାନ ହୁଏ । ଏହି ଦିଗରେ ସାମାନ୍ୟ

Digitized by srujanika@gmail.com

ଅଗ୍ରଗତି ପ୍ରାପ୍ତ ହେବା ପରେ ମାନସ ଶରୀରର ସ୍ୱଭବ ନିୟତ କାର୍ଯ୍ୟ ଉପରେ ଅଭ୍ୟାସ କରିବା ଆବଶ୍ୟକ । ଦୈନନ୍ଦିନ ଜୀବନରେ ଯେଉଁ କାର୍ଯ୍ୟ ଆମେ କରୁ, ପ୍ରତ୍ୟେକ କାର୍ଯ୍ୟରେ ଏକାଗ୍ରତା ଅବଲମ୍ବନ କରି ମନପ୍ରାଣ ନିୟୋଗ କରି ପରିପୂର୍ଣ୍ଣଭବେ ସମ୍ପୂର୍ଣ୍ଣ କରିବା ଉଦ୍ୟମ ଦରକାର ଏବଂ ଏପରି ଅଭ୍ୟାସ କଲେ ମନ ସଂଯତ ହୁଏ । ଗୋଟିଏ କାର୍ଯ୍ୟ କରିବା ସମୟରେ ସାଧାରଣତଃ ଅନ୍ୟାନ୍ୟ ଚିନ୍ତା ଦ୍ୱାରା ମନ ପ୍ରଭବିତ ହୁଏ । ଏକାଗ୍ରତା ବିପନ୍ନ ହୁଏ । ଫଳରେ କରିବା କାର୍ଯ୍ୟଟି ପୂରାପୂରି ଉତ୍କୃଷ୍ଟ ନ ହୋଇ ସେଥିରେ ତ୍ରୁଟି ରହିଯିବା ବହୁତ ସମ୍ଭାବନା ରହେ । କେବଳ ଧ୍ୟାନ କଲାବେଳେ ଏକାଗ୍ରତା ଅବଲମ୍ବନ କରି ଅନ୍ୟ ସମୟରେ ମନକୁ ଇତସ୍ତତଃ ଘୁରିବା ପାଇଁ ସୁଯୋଗ ଦେଲେ ମନକୁ ଆୟତ କରିବା କଷ୍ଟକର ହୋଇପଡ଼େ । ଅଧିକାଂଶ ସାଧକ ଜାଣିପାରନ୍ତି ନାହିଁ ଯେ, ଏଥିଯୋଗୁ ସାଧନା ଫଳପ୍ରାପ୍ତି ହୁଏ ନାହିଁ । ଯେଉଁ ବ୍ୟକ୍ତିର ନିଜ ଦୈନନ୍ଦିନ କାର୍ଯ୍ୟ କରିବା ସମୟରେ ଏକାଗ୍ରତା ଅଭବ ହୁଏ ତାହା ପକ୍ଷରେ ଧ୍ୟାନ ସମୟରେ ମଧ୍ୟ ମନର ଏକଗ୍ରତା ସାଧାରଣତଃ ରହେ ନାହିଁ । କାରଣ ଇତସ୍ତତଃ ଘୁରିବା ମନର ଅଭ୍ୟାସ ହୋଇଯାଏ । ଏପରି ଅଭ୍ୟାସ ଧ୍ୟାନ ବେଳରେ ହଠାତ୍ ନିରୋଧ କରିବା ଅସମ୍ଭବ ହୁଏ । ତେଣୁ ଦୈନନ୍ଦିନ ଜୀବନରେ ପ୍ରତ୍ୟେକ କାର୍ଯ୍ୟ ପୂରାପୂରି ମନଦେଇ (ଏକାଗ୍ରମନରେ) ପ୍ରତିପାଦନ କରିବା ଅଭ୍ୟାସ କଲେ ଧ୍ୟାନ କଲାବେଳେ ମନକୁ ଏକାଗ୍ର କରିବା ସୁଲଭ ହୁଏ । କେବଳ ବଡ଼ ବଡ଼ କାର୍ଯ୍ୟ

Digitized by srujanika@gmail.com

କଲାବେଳେ ଏକାଗ୍ରତା ଅବଲମ୍ବନ କରି ଛୋଟ ଛୋଟ କାର୍ଯ୍ୟରେ ସେଥିରୁ ବିରତ ହେଲେ ସାଧନା ତ୍ରୁଟିଯୁକ୍ତ ହୁଏ । ଆମ୍ଭେମାନେ ବହି ପଢିବା ବେଳେ ବା ପତ୍ର ଲେଖିବା ବେଳେ ବା କଥୋପ-କଥନ କଲାବେଳେ ଆମ୍ଭମାନଙ୍କ ମନଟିକୁ ଇତସ୍ତତଃ ଘୁରିବାକୁ ପ୍ରଶ୍ରୟ ନ ଦେଇ ଏକ ଲକ୍ଷ୍ୟରେ ନିୟୋଜିତ କରିବା ଦରକାର । ଯେକୌଣସି କାର୍ଯ୍ୟ କଲାବେଳେ ମନଟିକୁ ସେଥିରେ ସମ୍ପୂର୍ଣ୍ଣ ନିୟୋଗ କରିବା ମନୁଷ୍ୟ ପକ୍ଷରେ ଏକାନ୍ତ ଆବଶ୍ୟକ । ଏପରି ଅଭ୍ୟାସ ବଳରେ ଆମ୍ଭେମାନେ କରିବା କାର୍ଯ୍ୟ ଉନ୍ନତ ଧରଣର ହେବା ସଙ୍ଗେ ସଙ୍ଗେ ନିଜର ମନକୁ ଆୟତ୍ତ କରିବା ସୁଲଭ ହୋଇପାରିବ ।

ଆଧୁନିକ ଯୁଗର ମନୁଷ୍ୟ ପକ୍ଷରେ ସଦାସର୍ବଦା ଏକାଗ୍ର ହୋଇ କାର୍ଯ୍ୟ କରିବା ଏକ ପ୍ରକାର ଅଯଥା ମାନସିକ ପରିଶ୍ରମ ବୋଲି ଅଧିକାଂଶ ବ୍ୟକ୍ତିଙ୍କ ଧାରଣା ହୋଇପାରେ । ମନକୁ ଏକାଗ୍ର କରିବା ଅଭ୍ୟାସ ପ୍ରଥମେ ପ୍ରଥମେ କ୍ଲାନ୍ତିଯୁକ୍ତ ହୁଏ ସତ, କିନ୍ତୁ କ୍ରମେ କ୍ରମେ ତାହା ଉଭେଇଯାଏ ଏବଂ ସବୁ କାର୍ଯ୍ୟରେ ଏକାଗ୍ରତା ନିୟୋଗ କରିବା ଅଭ୍ୟାସ ଜାତ ହୁଏ । ଅନ୍ୟାନ୍ୟ ଶରୀର ପରି ମନ ମଧ୍ୟ ସ୍ୱଭାବର ଦାସ । ତେଣୁ ଉପଯୁକ୍ତ ଅଭ୍ୟାସ ଦ୍ୱାରା ତାହାକୁ ସଂଯତ କରାଯାଇପାରିବ । ଆମ୍ଭେମାନେ ଯେତେବେଳେ ମନଟିକୁ କୋଣସି କାର୍ଯ୍ୟରେ ନିୟୋଜିତ ନ କରୁ, ଆମ୍ଭମାନଙ୍କ ଚତୁର୍ଦ୍ଦିଗରେ ଅନବରତ ପ୍ରଭାବିତ ଚିନ୍ତାଧାରା

Digitized by srujanika@gmail.com

ମନଭିତରେ ପ୍ରବେଶ କରି ଅନୁରୂପ ଚିନ୍ତା ଜାତ କରଏ । ଚିନ୍ତା ଗୁଡ଼ିକ ଆମ୍ଭମାନଙ୍କ ସ୍ଥୂଳ ଶରୀରକୁ ଯେପରି ହେୟ ଓ ଅଦୃଶ୍ୟ ପ୍ରତୀୟମାନ ହୁଏ, ମାନସ ସଶୀରକୁ ସେହିପରି ହୁଏ ନାହିଁ । ପ୍ରତ୍ୟେକ ଚିନ୍ତା ମାନସ ଶରୀରରେ ରୂପ ଧାରଣ କରେ । ଏହି ରୂପଗୁଡ଼ିକ ସ୍ଥୂଳ ଲୋକରେ ଅଦୃଶ୍ୟ କିନ୍ତୁ ସ୍ୱର୍ଗଲୋକ ବା ମେଣ୍ଟଲ ପ୍ଲେନ୍‌ରେ ତହିଁର ଆକାର ରୂପ ଓ ବର୍ଣ୍ଣ ସ୍ପଷ୍ଟ ଦେଖାଯାଏ । ପ୍ରତ୍ୟେକ ଚିନ୍ତାର ସ୍ପନ୍ଦନ କ୍ରିୟାଶକ୍ତି ରହିଛି । ଏହି ସ୍ପନ୍ଦନ କ୍ରିୟା ଯେତେବେଳେ ଆମ୍ଭମାନଙ୍କ ମାନସ ଶରୀରରେ ପଡ଼େ, ସେଥିରେ ଅନୁରୂପ ସ୍ପନ୍ଦନ ଜାତ ହୁଏ । ଏହି ସ୍ପନ୍ଦନ ଗୁଡ଼ିକ ମାନସ ଶରୀରରୁ କାମନା ଶରୀର ଓ ସୂକ୍ଷ୍ମ ମସ୍ତିଷ୍କ ଦେଇ ଯେତେବେଳେ ସ୍ଥୂଳ ମସ୍ତିଷ୍କରେ ପ୍ରବେଶ କରେ, ଆମ୍ଭେମାନେ ସେତେବେଳେ ତାହା ଅବଗତ ହେଉ । ଅବଶ୍ୟ ମନୁଷ୍ୟର ସବୁ ଚିନ୍ତା ଏପରି ବାହ୍ୟରୁ ଜାତ ହୁଏନାହିଁ । କେତେ କେତେ ନିଜର ମାନସ ଶରୀରରୁ ମଧ୍ୟ ଆପେ ଜାତ ହୁଏ, କେଉଁ ଚିନ୍ତା ବାହ୍ୟରୁ ପ୍ରଭବିତ କେଉଁଟା ନିଜ ଭିତରୁ ଜାତ ସାଧାରଣତଃ ଭେଦ କରିବା କଷ୍ଟକର । କେବଳ ସାଧନା ଦ୍ୱାରା ଏହା ସମ୍ଭବ । ବାହ୍ୟରୁ ଆସୁ ବା ନିଜଭିତରୁ ଜାତ ହେଉ, ନୀଚ ଓ କୁତ୍ସିତ ପ୍ରକୃତିର ଚିନ୍ତା ଗୁଡ଼ିକୁ ପ୍ରଶ୍ରୟ ନ ଦେବା ପାଇଁ ସଦାସର୍ବଦା ଜାଗ୍ରତ ରହିବା ଆବଶ୍ୟକ । ଦ୍ୱେଷ, ପ୍ରତିଶୋଧ, ପରଶ୍ରୀକାତରତା ଓ ଗର୍ବ ଏପରି ଗୁଣଯୁକ୍ତ ଚିନ୍ତା ଆମ୍ଭମାନଙ୍କ ଚତୁର୍ଦ୍ଦିଗରେ ସମୁଦ୍ର ଲହରୀ ପରି ଅନବରତ ପ୍ରବାହିତ ହେଉଅଛି । ମାନସିକ ଶକ୍ତିର ବିକାଶ ଲାଗି

Digitized by srujanika@gmail.com

ଆମ୍ଭମାନଙ୍କ ପକ୍ଷରେ ଦୁଶ୍ଚିନ୍ତା ଗୁଡ଼ିକ ପ୍ରତି ନିଷ୍କ୍ରିୟ ଏବଂ ସତ୍‌ଚିନ୍ତା ଗୁଡ଼ିକ ପ୍ରତି ସକ୍ରିୟ ରହିବା ଅତିଶୟ ଆବଶ୍ୟକ । ଦୁଶ୍ଚିନ୍ତା ଗୁଡ଼ିକୁ ମନରୁ ବହିଷ୍କାର କରିବା ଉପାୟ ହେଉଛି ସତ୍‌ଚିନ୍ତା ଜାଗ୍ରତ କରାଇବା । ଏକ ମହତ୍ ଚିନ୍ତାଧାରରେ ଜଡ଼ିତ ରହିଲେ ଦୁଶ୍ଚିନ୍ତା ମନରେ ପ୍ରବେଶ କରିପାରେ ନାହିଁ । ମନ ଏକ ସମୟରେ କେବଳ ଏକ ବିଷୟରେ ଚିନ୍ତାକରେ । ଦୁଇଟି ବିଷୟରେ ଏକ ସମୟରେ ମନ ମଧ୍ୟରେ ଚିନ୍ତା ହୋଇ ପାରେ ନାହିଁ । ତେଣୁ ଗୋଟିଏ ବିଷୟ ମନରୁ ବିତାଡ଼ିତ କରିବା ଦରକାର ପଡ଼ିଲେ ତହିଁର ବିପରୀତ ଚିନ୍ତା ମନରେ ଧାରଣ କଲେ ପୂର୍ବ ଚିନ୍ତାଟି ଆପେ ନିବୃତ୍ତି ହୁଏ । କୌଣସି ଚିନ୍ତାକୁ ବହିଷ୍କାର କରିବାକୁ ବଳ ପ୍ରୟୋଗ କଲେ ସେହି ଚିନ୍ତାର ନିବୃତି ନ ହୋଇ ବେଳକୁ ବେଳ ପ୍ରବଳ ହୁଏ । କେବଳ ଚିନ୍ତାଧାରା ପରିବର୍ତ୍ତନ କଲେ ତହିଁର ନିବୃତ୍ତି ହୁଏ । ଏପରି ଅଭ୍ୟାସ କଲେ ଆସ୍ତେ ଆସ୍ତେ ଅନାବଶ୍ୟକ ଚିନ୍ତାଧାରା ମନରୁ ଲୋପ ହୁଏ ଏବଂ ନୂତନ ପ୍ରକାର ସ୍ପନ୍ଦନ ମାନସ ଶରୀରରେ ଉପୁଜି ହୁଏ । ପରିଶେଷରେ ଦୁଶ୍ଚିନ୍ତା ସମ୍ପର୍କୀୟ ସ୍ପନ୍ଦନ ଆଉ ଜାଗରିତ ହୋଇପାରେ ନାହିଁ । ମନ ପବିତ୍ର ହୁଏ । ମାନସ ଶରୀରର ସ୍ପନ୍ଦନ କ୍ରିୟାର ପରିବର୍ତ୍ତନ ଘଟିଲେ, ନୀଚ ଚିନ୍ତା ମନରେ ଆଉ ପ୍ରବେଶ କରିପାରେ ନାହିଁ । ଆମ୍ଭମାନଙ୍କ ମନରେ ମନ୍ଦଗୁଣ ନ ରହିଲେ ବାହ୍ୟ ଜଗତରୁ ମନ୍ଦଯୁକ୍ତ ଚିନ୍ତାର ସ୍ପନ୍ଦନ ଆମ୍ଭମାନଙ୍କ ମନରେ ପ୍ରଭାବ ପକାଇ ପାରେ ନାହିଁ । ଇହଜଗତରେ ନିଜର ଇଚ୍ଛା ଅନୁଯାୟୀ ପରିବେଷ୍ଟିତ

Digitized by srujanika@gmail.com

ପରିସ୍ଥିତି ବା ସାଙ୍ଗସାଥୀ ସମସ୍ତଙ୍କ ପକ୍ଷରେ ମିଳେ ନାହିଁ ଏବଂ ଜଣେ ଅନ୍ୟଜଣଙ୍କ ଆୟତ୍ତରେ ରହେ ନାହିଁ । ସୁଖ ଶାନ୍ତିରେ ଚଳିବା ପାଇଁ ପ୍ରତ୍ୟେକ ମନୁଷ୍ୟ ନିଜେ ଜାଗ୍ରତ ଓ ସଚେଷ୍ଟ ରହିବା ଦରକାର । ଏପରି ସର୍ବଦା ଜାଗ୍ରତ ଓ ସଚେଷ୍ଟ ରହିବା ଦ୍ୱାରା ମନର ବଳ ବଢ଼େ ଏବଂ ଧ୍ୟାନ କରିବା ସୁଲଭ ହୁଏ । ବାହ୍ୟ ଜଗତରେ ପ୍ରବାହିତ ହେଉଥିବା ସ୍ପନ୍ଦନ କ୍ରିୟା ସାଧାରଣତଃ ସ୍ପର୍ଶ କରି ପାରେ ନାହିଁ । ତେଣୁ ଯେଉଁ ବ୍ୟକ୍ତି ସାଧନା କରିବାକୁ ଉଦ୍ୟତ, ତାହା ପକ୍ଷରେ ସଦାସର୍ବଦା ଜାଗ୍ରତ ହୋଇ ରହିବା ଆବଶ୍ୟକ ।

ସାଧାରଣ ଗୃହସ୍ଥ ପକ୍ଷରେ ମଧ୍ୟ ଏହି ସାଧନା ପ୍ରଯୁଜ୍ୟ । ଉର୍ଦ୍ଧ୍ୱଲିଖିତ ସାଧନା ସାହାଯ୍ୟରେ ଯେ କୌଣସି ବ୍ୟକ୍ତି ନିଜର କର୍ତ୍ତବ୍ୟ ସୁଦକ୍ଷ ଭବରେ କରିପାରିବ ଏବଂ ସମନସ୍କ ହୋଇ ଜୀବନର ସମସ୍ତ ପରୀକ୍ଷା ଓ ଅସୁବିଧା ଉତ୍କୃଷ୍ଟଭବରେ ସମ୍ମୁଖୀନ ହୋଇ ପାରିବ । କିନ୍ତୁ ଯେଉଁ କେତେ ଜଣ ମୁକ୍ତି ଲଭ କରିବା ପାଇଁ ଉଦ୍ୟତ, ସେମାନଙ୍କ ପକ୍ଷରେ ପ୍ରବଳ ମାନସିକ ସାଧନା ଆବଶ୍ୟକ । ଦ୍ୱିତୀୟରେ ମନରୁ ସବୁ ପ୍ରକାର କଳୁଷ ଦୂର କରି ମନଟିକୁ ନିର୍ମଳ କରିବା ଦରକାର । ମନ ନିର୍ମଳ ନ ହେଲେ ସୂକ୍ଷ୍ମ ଜଗତର ସ୍ପନ୍ଦନଗୁଡ଼ିକ ମନକୁ ସ୍ପର୍ଶ କରି ପାରେ ନାହିଁ । ପୂର୍ବରୁ କୁହାଯାଇଛି ଯେ, ମନକୁ ସଂଯତ କରିବା ପ୍ରଥମ ଉପାୟ ହେଉଛି ଦୈନ୍ୟନ୍ଦିନ ଜୀବନରେ

Digitized by srujanika@gmail.com

ସବୁ କାର୍ଯ୍ୟ ପୂରା ମନଦେଇ କରି ଶିଖିବା । ତଦ୍ୱାରା ମନର ଚଞ୍ଚଳ ପ୍ରକୃତି ନିବୃତ୍ତି ହୁଏ ଏବଂ ମନୋଯୋଗ କରିବା ଅଭ୍ୟାସ ହୁଏ । ମନୋଯୋଗ ଓ ଧ୍ୟାନ କରିବାର ପରିମାଣ ଆସ୍ତେ ଆସ୍ତେ ଗଭୀରରୁ ଗଭୀରତର କରିଲେ ପରିଶେଷରେ ଧ୍ୟାତା, ଧ୍ୟାନ ଓ ଧେୟ ଏକ ଅବସ୍ଥା ପ୍ରାପ୍ତ ହୁଏ । ଏପରି ମନର ଅବସ୍ଥା କାଳରେ ନିଜ ପ୍ରତି ଓ ପାରିପାର୍ଶ୍ୱିକ ପରିସ୍ଥିତି ପ୍ରତି ନଜର ନ ଥାଏ । ଏହି ଦୁନିଆରେ ଯେଉଁ କେତେ ବ୍ୟକ୍ତି ବଡ଼ ହୋଇଥିଲେ ବା ବର୍ତ୍ତମାନ ଅଛନ୍ତି, ସେମାନେ କେବଳ ଏପରି ସାଧନାମାର୍ଗ ଅନୁସରଣ କରି ତାହା ପ୍ରାପ୍ତ ହୋଇ ଅଛନ୍ତି । ଏମାନେ ଏକାଗ୍ରତା ଅଭ୍ୟାସ କରି ନିଜ ମନକୁ ଆୟତ୍ତ କରି ପାରିଛନ୍ତି । ପ୍ରତିଦିନ କିଛି ସମୟ ଏକାଗ୍ରତା ଅଭ୍ୟାସ କଲେ ଅଭ୍ୟାସ କ୍ରମେ କ୍ରମେ ଦୃଢ଼ ହୁଏ । ଏକ ପ୍ରକାର ପ୍ରଣାଳୀ ଅବଲମ୍ବନ କରି ଅଭ୍ୟାସ କରିବା ଦ୍ୱାରା ମନକୁ ଏକ ଲକ୍ଷ କରିବା ଶୀଘ୍ର ହାସଲ ହୁଏ । ତଦ୍ୱାରା ମନବଳ ବଢ଼େ । ଆମର ମନକୁ ଏପରି ଅଭ୍ୟାସ କରିବା ଉଚିତ୍ ଯାହାକି ଯେ କୌଣସି ବିଷୟରେ ଯଥା ସମୟ ନିୟୋଜିତ ହୋଇ ରହି ପାରିବ । ଆମ୍ଭେମାନେ ନିଜର ମନକୁ ସ୍ୱଇଚ୍ଛାରେ କିପରି ନିୟୋଗ କରୁ, ତାହାହିଁ ଆମ୍ଭମାନଙ୍କ ଅଗ୍ରଗତିର ମାପକାଠି । ଧ୍ୟାନ କରିବା ଅଭ୍ୟାସ ମଧ୍ୟ ଆବଶ୍ୟକ । ଅବିଚ୍ଛିନ୍ନ ଭବନା ବା ଚିନ୍ତା ଧ୍ୟାନ ନୁହେଁ । ଧ୍ୟାନ କରିବା ଉଦ୍ଦେଶ୍ୟରେ ବସି ମନଟିକୁ ଏକ ଚିନ୍ତାଧାରାରେ କିଛିକାଳ ପ୍ରବୃତ୍ତ କରାଇଲେ ଧ୍ୟାନ ହୁଏ

Digitized by srujanika@gmail.com

ନାହିଁ । ଆଧ୍ୟାତ୍ମିକ ଦିଗରେ ଏପରି ଅଭ୍ୟାସର କିଛି ଉପକାର ହୁଏ ନାହିଁ । ଧ୍ୟାନ କରିବା ପାଇଁ ଏକାଗ୍ରତା ଏକାନ୍ତ ଆବଶ୍ୟକ । ଧ୍ୟାନ କଲାବେଳେ ଧେୟ' ବିଷୟର ଅନ୍ତର ଏବଂ ମୂଳ ଦେଶରେ ପ୍ରବେଶ କରି ତହିଁର ସାରାଂଶ ଉପଲବ୍ଧି କରିବା ଦରକାର । ମନର ଉପକୂଳ ପରିତ୍ୟାଗ କରି ଗଭୀର ସ୍ତରକୁ ଗତି କରିବା ଧ୍ୟାନ ବୋଲାଯାଏ । ଆଧୁନିକ ଯୁଗର ମନସ୍ତତ୍ୱବିତ୍‌ଗଣଙ୍କ ମତାନୁଯାୟୀ ମନକୁ ଏକ ବସ୍ତୁ ଉପରେ କିଛିକାଳ ଏକାଗ୍ରତା କରାଇ ରଖିବା ସମ୍ଭବପର ନୁହେଁ । କିନ୍ତୁ ମନଟିକୁ ଏକ ନିର୍ଦ୍ଦିଷ୍ଟ ପରିସର ଭିତରେ ପରିକ୍ରମା କରାଯାଇପାରେ । ଏହିପରି ପରିସର ମଧ୍ୟରେ ମନ ସୀମିତ ହୋଇ ରହେ କିନ୍ତୁ ନିଶ୍ଚଳ ହୋଇ ରହିପାରେ ନାହିଁ । ଏପରି ଏକ ସୀମା ମଧ୍ୟରେ ମନକୁ ଗ୍ଣଜନ କରିବା ସେମାନଙ୍କ ମତରେ ଧାରଣା ବୋଲାଯାଏ । ଏପରି ଅଭ୍ୟାସ ଦ୍ୱାରା ମନକୁ ଅତିକ୍ରମ କରି ଅତିମାନସ ସ୍ତରକୁ ଗତି କରିବା ଅସାଧ୍ୟ । ମନକୁ ଏକ ଛବି ଉପରେ ନିଶ୍ଚଳଭବରେ ନିଯୋଗ କରା ନ ଗଲେ, ମନକୁ ଅତିକ୍ରମ କରି ହୁଏ ନାହିଁ । ଏକ ସୀମା ମଧ୍ୟରେ ମନକୁ ଗ୍ଣଜନ କଲେ ମନ ନିଶ୍ଚଳ ହୁଏ ନାହିଁ । ମନ ନିଶ୍ଚଳ ରହିଲେ ଏକାଗ୍ରତା ଲଭ ହୁଏ । ଯେତେବେଳେ ମନ ଏକ ବସ୍ତୁ ବା ମାନସିକ ଛବି ଉପରେ ନିଶ୍ଚଳ ଭବରେ କିଛିକାଳ ନିୟୋଜିତ ରହେ ଏବଂ ବାହ୍ୟ ଜଗତର କୌଣସି ପ୍ରଭବ ଭେଦ କରେ ନାହିଁ, ସେତେବେଳେ ଧାରଣା ସଫଳ ହେଲା ବୋଲି ଧରିବାକୁ ହେବ ।

Digitized by srujanika@gmail.com

ମନକୁ ସେହି ଅବସ୍ଥାରେ ରଖି କେବଳ ଛବିଟିକୁ ବାଦ୍ ଦେଲେ ସାଧକ ସାଧନାର ପରପାଦରେ ପହଞ୍ଚେ । ଏହି ପାଦରେ ମନର ସମ୍ପୂର୍ଣ୍ଣ ନିଶ୍ଚଳ ଏକାଗ୍ରତା ରହେ କିନ୍ତୁ ମନ ଭିତରେ ଛବିଟି ନ ଥାଏ । ଏପରି ଅଭ୍ୟାସ ଦ୍ୱାରା ମନ ରୂପରୁ ଅରୂପ ସ୍ତରକୁ ଗତି କରେ । ମାନବିକ ଚୈତନ୍ୟ ମନକୁ ଅତିକ୍ରମ କରି ଅତି ମାନସ ସ୍ତରକୁ ଗତି କରେ । ସେତେବେଳେ ମନୁଷ୍ୟ ନିଜର ସ୍ୱରୂପ ଉପଲବ୍ଧି କରେ ଓ ନିଜର ଅମର ଆତ୍ମା ବିଷୟରେ ଜ୍ଞାନ ଅର୍ଜନ କରେ । ଥରେ ଏପରି ଅନୁଭୂତି ପ୍ରାପ୍ତ ହେଲେ ମନୁଷ୍ୟର ଦିବ୍ୟ ଦୃଷ୍ଟି ଜାତ ହୁଏ । ମାୟାଜାଲ ଉଭେଇଯାଏ । ସ୍ୱାର୍ଥପରତା ଓ ସଂକୀର୍ଣ୍ଣ ମନୋଭବ ଦୂର ହୁଏ । ପରିବେଷ୍ଟିତ ପରିସ୍ଥିତି ଆଉ ପୂର୍ବପରି ଦେଖାଯାଏ ନାହିଁ ଏବଂ ମନୁଷ୍ୟର ଦୃଷ୍ଟିକୋଣ ବଦଳିଯାଏ । ଈଶ୍ୱରଙ୍କ ଲୀଳା ଚତୁର୍ଦ୍ଦିଗରେ ପ୍ରାଞ୍ଜଳଭବେ ଦେଖାଯାଏ ଏବଂ ଏକ ଦୁଃଖଯନ୍ତ୍ରଣାଦାୟକ ଦୁନିଆଁ ସୁଖକର ଓ ଆନନ୍ଦଦାୟକ ରୂପେ ପରିବର୍ତ୍ତନ ହୁଏ । ଅବଶ୍ୟ ସାଧନା ମାର୍ଗରେ ଆହୁରି ଅନେକ ପାଦ ଅତିକ୍ରମ କରିବାକୁ ରହିଛି; କିନ୍ତୁ ସାଧାରଣ ଲୋକଙ୍କ ପାଇଁ ମାନସିକ ଅଭ୍ୟାସ ଏଠାରେ ଶେଷ । ଅନ୍ୟପାଦ ସବୁ କେବଳ ଯୋଗୀଙ୍କ ପକ୍ଷରେ ପ୍ରଯୁଜ୍ୟ । ପ୍ରଥମେ ମନକୁ ନିଶ୍ଚଳଭବେ ଏକ ମାନସିକ ଛବି ଉପରେ ନିଯୋଗ କରି ପରେ ଛବିଟିକୁ ବାଦଦେଇ ମନକୁ ପୂର୍ବପରି ଏକାଗ୍ର କରି ରଖିବା ଅଭ୍ୟାସ ଯୋଗୀଙ୍କ ପକ୍ଷରେ ବିଭିନ୍ନ ପ୍ରକାର ସମାଧି ଉପଲବ୍ଧି କରିବା ଦିଗରେ ଅତିଶୟ ସୁଲଭ ହୁଏ ।

Digitized by srujanika@gmail.com

ସାଧନା ମାର୍ଗରେ ପରପାଦ ଗୁଡ଼ିକ କେବଳ ଯୋଗୀଙ୍କ ପାଇଁ ପ୍ରଯୁଜ୍ୟ ହେବାରୁ ସେଗୁଡ଼ିକ ଯୌଗିକପାଦ ବୋଲଯାଏ । ଏହି ପାଦରେ ପ୍ରଥମେ ମନକୁ ସମ୍ପୂର୍ଣ୍ଣ ନିର୍ମଳ କରଯାଏ । ପୂର୍ବରୁ କୁହାଯାଇଛି ଯେ, ମନକୁ ସବୁବେଳେ ଜାଗ୍ରତ ଅବସ୍ଥାରେ ରଖିବା ଏବଂ ଦୁଃଶ୍ଚିନ୍ତା ବା ଅମଙ୍ଗଳ ଚିନ୍ତା ଗୁଡ଼ିକୁ ଦୂର କରିବା ଅଭ୍ୟାସ କଲେ ମନ ନିର୍ମଳ ହୁଏ । ଧ୍ୟାନ ଅଭ୍ୟାସ ଦ୍ୱାରା ମନ ଅତି ଶୀଘ୍ର ନିର୍ମଳ ହୁଏ । ଆଧ୍ୟାତ୍ମିକ ବିଷୟରେ ଧ୍ୟାନ କଲାବେଳେ ମାନସ ଶରୀରରେ ଅତି ସୂକ୍ଷ୍ମ ସ୍ପନ୍ଦନକ୍ରିୟା ଜାତ ହୁଏ । ଆଧ୍ୟାତ୍ମିକ ଲୋକରୁ ଶକ୍ତିଶାଳୀ ସ୍ପନ୍ଦନ ମଧ୍ୟ ମାନସ ଶରୀରକୁ ପ୍ରବାହିତ ହୁଏ । ଏପରି ଦୁଇପ୍ରକାର ପ୍ରଭବ ଫଳରେ ମାନସ ଶରୀର ନୀଚ ଧରଣର ସ୍ପନ୍ଦନ କ୍ରିୟା ପରିତ୍ୟାଗ କରି ସୂକ୍ଷ୍ମ ଧରଣର ସ୍ପନ୍ଦନ କ୍ରିୟାରେ ଜଡ଼ିତ ରହେ । ତେଣୁ ଧ୍ୟାନ ଅଭ୍ୟାସ କଲେ ମନ ନିର୍ମଳ ଓ ବଳୀୟାନ ହୁଏ ।

ଆମ୍ଭମାନଙ୍କ ମନରେ ଥିବା ନାନାପ୍ରକାର ଭ୍ରାନ୍ତ ଧାରଣା ଏହି ଦିଗରେ ପ୍ରତିବନ୍ଧକ ହୁଏ । ଦିବ୍ୟ ଦୃଷ୍ଟି ଦ୍ୱାରା ଅନୁଧ୍ୟାନ କରି ଦେଖାଯାଇଛି ଯେ ମନୁଷ୍ୟର ଯେତେବେଳେ କୌଣସି ବିଷୟରେ ଭ୍ରାନ୍ତ ଧାରଣା ଜନ୍ମେ, ମାନସ ଶରୀରର ତଦ୍-ସଂପର୍କୀୟ କେନ୍ଦ୍ରରେ ଏକ ବିଚିତ୍ର ପରିବର୍ତ୍ତନ ଦେଖାଯାଏ । ଭିନ୍ନ ଭିନ୍ନ ଭବନା ସକାଶେ ମାନସ ଶରୀରରେ ବିଭିନ୍ନ ସ୍ଥାନ ନିରୂପଣ ହୋଇ ରହିଛି । ବିଭିନ୍ନ ଇନ୍ଦ୍ରିୟ ପାଇଁ ଯେପରି

Digitized by srujanika@gmail.com

ମସ୍ତିଷ୍କରେ ଭିନ୍ନ ଭିନ୍ନ ସ୍ଥାନ ରହିଛି ସେହିପରି ମାନସ ଶରୀରରେ ମଧ୍ୟ ଭିନ୍ନ ଭିନ୍ନ ଧରଣର ଚିନ୍ତା ପାଇଁ ବିଭିନ୍ନ କେନ୍ଦ୍ର ନିୟନ୍ତ୍ରିତ ରହିଅଛି । ଯେତେବେଳେ କୌଣସି ବିଷୟରେ ଭ୍ରାନ୍ତ ଧରଣା ସ୍ଥାନ ପାଏ, ମାନସ ଶରୀରରେ ଥିବା ତତ୍ ସଂପର୍କୀୟ କେନ୍ଦ୍ରଟି ରୋଗଗ୍ରସ୍ତ ହୋଇଯାଏ । ଫଳରେ ସେହି ଭଗଟି ଭଲରୂପେ କାମ କରିପାରେ ନାହିଁ । ଯଦି ମାନସ ଶରୀରର ଅନେକ ଭଗ ଏପରି ରୋଗାକ୍ରାନ୍ତ ହୁଏ, ତେବେ ମାନସ ଶରୀର ଦୁର୍ବଳ ଓ ଅନିର୍ମଳ ହୁଏ । ଯେ ବ୍ରହ୍ମଜ୍ଞାନ ଅଭିଳାଷୀ, ତାହା ପକ୍ଷରେ ଏପରି ଭ୍ରାନ୍ତି ଗୁଡିକର ମୂଳୋତ୍ପାଟନ କରି ମାନସ ଶରୀରକୁ ନିର୍ମଳ କରିବା ଏକାନ୍ତ ଆବଶ୍ୟକ । ଭ୍ରାନ୍ତ ଧାରଣା ଆମ୍ଭମାନଙ୍କ ମନକୁ କିପରି ପ୍ରଭବିତ କରେ ଆମ୍ଭେମାନେ ପ୍ରତ୍ୟେକ ଅବଗତ ଅଛୁ । ତେଣୁ ଭ୍ରାନ୍ତି ଗୁଡ଼ିକ ଦୂର ହୋଇ ମନ ନିର୍ମଳ ନ ରହିଲେ ବିବେକ ଓ ବୁଦ୍ଧିର ସନ୍ଦେଶ ଅବଗତ ହେବା କଠିନ ।

ପ୍ରତ୍ୟେକ ମନୁଷ୍ୟର ମାନସ ଶରୀର ତାହାର ପୂର୍ବ ଜନ୍ମର ସଂସ୍କାର ବିଶିଷ୍ଟ ଏବଂ ଇହଜନ୍ମର ଅଭ୍ୟାସଯୁକ୍ତ ସ୍ପନ୍ଦନ କ୍ରିୟା ଦ୍ୱାରା ପ୍ରଭବିତ । ଯେତେବେଳେ ଏକ ଚିନ୍ତାଧାରା ମନରେ ପ୍ରବେଶ କରେ ତାହା ପୂର୍ବ ସଂସ୍କାର ଓ ଅଭ୍ୟାସଗତ ପ୍ରକୃତି ଦ୍ୱାରା ପ୍ରଭବିତ ହୋଇ ତଦନୁଯାୟୀ ପରିବର୍ତ୍ତିତ ହୁଏ । ଫଳରେ ପ୍ରଥମେ ପ୍ରବେଶ କରିଥିବା ଚିନ୍ତାଧାରାର ସ୍ୱାଧୀନ

Digitized by srujanika@gmail.com

ସ୍ୱରୂପ ରହେ ନାହିଁ ! ପୂର୍ବ ଜନ୍ମର ସଂସ୍କାର ଓ ଇହଜନ୍ମର ଅଭ୍ୟାସ ପରିତ୍ୟାଗ କରି ନ ପାରିଲେ, ପ୍ରବେଶିତ ଚିନ୍ତାର ସ୍ୱରୂପ ହରାଇବା ଅନିର୍ବାଯ୍ୟ । ଆମ୍ଭମାନଙ୍କ ଚିନ୍ତାଧାରା ସାଧାରଣତଃ ଏହିପରି ଅନିର୍ମଳ ରହେ । ତେଣୁ ଭଲକୁ ମନ୍ଦ ଓ ମନ୍ଦକୁ ଭଲ ବୋଲି ସମୟେ ସମୟେ ବିଗ୍ୱର କରୁ । ଆମ୍ଭମାନଙ୍କ ମନ ଏପରି ଅନିର୍ମଳ ରହିଛି ବୋଲି ଆମ୍ଭେମାନେ ତିଳେହେଲେ ଭବି ପାରୁନାହୁଁ । ହଳଦିଆ କାଚର ଚଷମା ସାହାଯ୍ୟରେ ଯଦି ଆମ୍ଭେମାନେ ଗୋଟିଏ ପତ୍ରବହୁଳ ବୃକ୍ଷଟିକୁ ଦେଖିବା, ତେବେ ବୃକ୍ଷର ପତ୍ର ଗୁଡ଼ିକର ସବୁଜବର୍ଣ୍ଣ ପରିବର୍ତ୍ତେ କଳାବର୍ଣ୍ଣ ପରି ମନେ ହେବ । ଆମ୍ଭମାନଙ୍କ ମନରେ ଥିବା ଭ୍ରାନ୍ତି ଗୁଡ଼ିକ ଅନୁରୂପ କର୍ମ କରନ୍ତି । ତେଣୁ ଯୌଗିକ ଅଭ୍ୟାସ ଆରମ୍ଭ କରିବା ପୂର୍ବରୁ ମନକୁ ସଂପୂର୍ଣ୍ଣ ନିଷ୍କଳଙ୍କ ଓ ନିର୍ମଳ କରିବା ଏକାନ୍ତ ଆବଶ୍ୟକ ।

ମାନସିକ ବିକାଶ ସାଧନା ସମ୍ପର୍କରେ ସାଧାରଣ ବୁଦ୍ଧିଜୀବୀ ମାନଙ୍କ ଅଭିଳାଷ ଓ ଲକ୍ଷ୍ୟ କେତେକ ପରିମାଣରେ ଓକାଲ୍‌ଟିଷ୍ଟ୍ ବା ସାଧକମାନଙ୍କ ଲକ୍ଷ୍ୟଠାରୁ ଭିନ୍ନ । ଆଧୁନିକ ବୈଜ୍ଞାନିକ ଗବେଷଣା ଦ୍ୱାରା ଅଦ୍ଭୁତ ଆବିଷ୍କାର କରାଯାଇଛି ଓ ନୂତନ ବୈଜ୍ଞାନିକ ତଥ୍ୟ ସାହାଯ୍ୟରେ ଜ୍ଞାନ ଭଣ୍ଡାରର ଦ୍ୱାର ଖୋଲା ହୋଇଛି । ଏହା ସାହାଯ୍ୟରେ ଆଧୁନିକ ଯୁଗର ମାନବ ସମାଜ ଭୂଲୋକର କେତେକ ପ୍ରାକୃତିକ ଶକ୍ତି ଆୟତ୍ତାଧୀନ କରିପାରିଛି କିନ୍ତୁ ଏପରି ଜ୍ଞାନ ଅର୍ଜନର ସ୍ରୋତ ଅଣ ବାଟରେ ଗତିକରିବା

Digitized by srujanika@gmail.com

ଯୋଗୁ କେତେକାଂଶରେ ଅନାବଶ୍ୟକ ଜ୍ଞାନ ଅର୍ଜନ ପାଇଁ ମଧ୍ୟ ପିପାସା ଜାତ ହୋଇଛି । ଏହା ଏହିଯୁଗର ପାଠ୍ୟକ୍ରମରେ ପୁରାପୁରି ପରିଲକ୍ଷିତ ହୁଏ । ଆଧୁନିକ ଯୁଗର ଛାତ୍ରଛାତ୍ରୀ ସ୍କୁଲ କଲେଜରେ ଯେଉଁ ବିଦ୍ୟା ଶିକ୍ଷା କରନ୍ତି, ତାହା ଦୈନନ୍ଦିନ ଜୀବନରେ ସେମାନଙ୍କର ବ୍ୟବହାରରେ ଆସେନାହିଁ । ଯେଉଁ ସବୁ ବିଷୟ ସେମାନଙ୍କ ଦୈନନ୍ଦିନ ଜୀବନରେ ଅତି ଆବଶ୍ୟକ ସେହି ବିଷୟର ସ୍ଥାନ ପାଠ୍ୟକ୍ରମରେ ଖୁବ୍ କମ୍ ଅଛି । ତେଣୁ ଆମ୍ଭେମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇ ସାଂସାରିକ ସମୁଦ୍ରରେ ଜୀବନତରୀର ପରିଚାଳନ ସମୟରେ ଦିଗ୍‌ଦର୍ଶନ ପାଇଁ କୌଣସି ଆଦର୍ଶ ବା ଧ୍ରୁବତାରା ସମ୍ମୁଖରେ ନ ଥିବାରୁ ପଦେ ପଦେ ଦିଗ୍‌ଭ୍ରାନ୍ତ ହେଉ ଏବଂ ପରିଣାମରେ ଜୀବନର ଘାତପ୍ରତିଘାତ ଆପଦବିପଦରେ ଧୈର୍ଯ୍ୟହରା ଓ ପଥହରା ହୋଇ ଅନେକ ଅଶାନ୍ତି ଅସୁବିଧାର ସମ୍ମୁଖୀନ ହେଉ ।

କିନ୍ତୁ ଓକାଲ୍‌ଟିଷ୍ଟ୍ ବା ସାଧକଙ୍କ ପକ୍ଷରେ ଏପରି ଦୁର୍ଭାଗ୍ୟ ବିରଳ କାରଣ ସେ ପ୍ରତ୍ୟେକ ମୁହୂର୍ତ୍ତରେ ଜାଗ୍ରତ ରହେ ଏବଂ ଅନାବଶ୍ୟକ ଚିନ୍ତା ଛାଡ଼ି ଆବଶ୍ୟକ ଜ୍ଞାନ ଭଣ୍ଡାରର ଦ୍ୱାର ଉନ୍ମୋଚନ କରି ଦୁର୍ଗମ ଜୀବନ ଯାତ୍ରାର ପଥ ସୁଗମ କରିଦିଏ । ସେ ଜାଣେ ଯେ, ମନଦ୍ୱାରା ଯେଉଁ ଜ୍ଞାନ ଅର୍ଜନ କରଯାଏ, ତାହା କେବଳ ପାରିପାର୍ଶ୍ୱିକ ସଂଶ୍ଳିଷ୍ଟ ଓ ସୀମିତ । ସାଧାରଣ ମନୁଷ୍ୟ ଏପରି ଜ୍ଞାନକୁ ଯେପରି ମୂଲ୍ୟବାନ୍ ମନେକରେ ସାଧକ ତାହା କରେ ନାହିଁ । ଅନାବଶ୍ୟକ ତଥ୍ୟ ତା ମନରେ ସ୍ଥାନ ପାଏନାହିଁ । ଯେଉଁ

Digitized by srujanika@gmail.com

ସବୁ ତଥ୍ୟ ଜୀବାତ୍ମାର ବିକାଶ ପାଇଁ ଆବଶ୍ୟକ ସେ ସେହିପରି ଜ୍ଞାନ ଅର୍ଜନ କରେ । ସେ ଜାଣେ ଯେ ଆଧ୍ୟାତ୍ମିକ ଶକ୍ତି ଜାଗରିତ କରଯାଇପାରେ ଏବଂ ତଦ୍ୱାର ଯେ କୌଣସି ଜ୍ଞାନ ଆବଶ୍ୟକ ସମୟରେ ନିର୍ବିଘ୍ନରେ ସଂଗୃହୀତ ହୁଏ । ବିଜ୍ଞାନମୟ କୋଷ ଓ ଆନନ୍ଦମୟ କୋଷର ବିକାଶ ଘଟିଲେ ସମସ୍ତ ଜ୍ଞାନ ଅନ୍ତରରୁ ଉତ୍ପନ୍ନ ହୋଇ ମନ ଉପରେ ଭସି ଉଠେ । କିନ୍ତୁ ଆଧୁନିକ ଯୁଗର ମାନବ ସମାଜରେ ବିଜ୍ଞାନମୟ କୋଷ ବା ଆନନ୍ଦମୟ କୋଷ ବିକାଶ ପାଇଥିବା ବ୍ୟକ୍ତି କ୍ୱଚିତ୍ । ଯେଉଁ କେତେଜଣ ବ୍ୟକ୍ତି ଏହି ଦିଗରେ ସାଧନା କରୁଛନ୍ତି ସେମାନେ ଇହଜନ୍ମରେ ସେହି ଦୁଇକୋଷର ବିକାଶ ସାଧନ କରିବା ସମ୍ଭବପର ଯେତେବେଳେକି ସେମାନେ କୌଣସି ସଦ୍‌ଗୁରୁଙ୍କ ସଙ୍ଗେ ଯୁକ୍ତ । ସୂକ୍ଷ୍ମଜଗତର ଜ୍ଞାନ ସଠିକ୍‌ଭବେ ସ୍ପର୍ଶ କରିବା ଓ ପରିବେଷଣ କରିବା ପାଇଁ ମାନସ ଶରୀରର ସମ୍ପୂର୍ଣ୍ଣ ବିକାଶ ଏକାନ୍ତ ଆବଶ୍ୟକ । ତେଣୁ ସାଧକ ନିଜର ମାନସ ଶରୀରର ବିକାଶ ଉଚିତ ମାର୍ଗରେ ସମ୍ପାଦନ କରେ । ମନୁଷ୍ୟର ଗୋଚରାର୍ଥେ ଏତେ ବିଷୟ ରହିଅଛି, ଯାହା ଏକ ଜୀବନରେ ସମ୍ପାଦନ କରି ହୁଏ ନାହିଁ, ତେଣୁ ଇହଜୀବନରେ କେବଳ ମୂଲ୍ୟବାନ୍ ଓ ଆବଶ୍ୟକ ବିଷୟ ଜାଣିବା ଦିଗରେ ଲକ୍ଷ୍ୟରଖି ଅନାବଶ୍ୟକ ବିଷୟ ପ୍ରତି ବିରତ ହେବା ଅତ୍ୟନ୍ତ ଦରକାର । ଏଥିପ୍ରତି ଅବିରତ ଜାଗ୍ରତ ରହି ବିବେକ ସାହାଯ୍ୟରେ କେଉଁଟା ନିହାତି ଆବଶ୍ୟକ କେଉଁଟା ଅନାବଶ୍ୟକ ଏହାର ପ୍ରଭେଦ ବୁଝିବା ଦରକାର । ଆମ୍ଭମାନଙ୍କ ଜୀବନର ଲକ୍ଷ୍ୟ ଯଦି

Digitized by srujanika@gmail.com

ହୁଏ ଆତ୍ମାକୁ ଖୋଜିବା ବା ଈଶ୍ୱରଙ୍କୁ ଖୋଜିବା, ତେବେ ଅନ୍ୟାନ୍ୟ ବିଷୟରେ ଜ୍ଞାନ ଅର୍ଜନ କରିବା ସେହି ଉଦ୍ଦେଶ୍ୟରେ ହୁଏ । ଯେଉଁ ଚିନ୍ତା ଦ୍ୱାରା ଏହି ଲକ୍ଷ୍ୟ ସାଧିତ ହୋଇପାରେ ନାହିଁ ତାହାହିଁ ଅନାବଶ୍ୟକ । ଯାହା ସତ୍ ବା ନିତ୍ୟ ତାହା ଆବଶ୍ୟକ ଓ ଯାହା ଅସତ୍ ବା ଅନିତ୍ୟ ତାହା ଅନାବଶ୍ୟକ । ସତ୍ ଓ ଅସତ୍ ବହୁତ ପ୍ରକାର ଅଛି ଏବଂ କେଉଁଟି ଠିକ୍ କେଉଁଟି ଭୁଲ, କେଉଁଟି ମୁଖ୍ୟ, କେଉଁଟି ଗୌଣ, କେଉଁଟି ଉପକାରୀ, କେଉଁଟି ଅପକାରୀ, କେଉଁଟି ସତ୍ୟ, କେଉଁଟି ମିଥ୍ୟା, ଏହିପରି ବିଚାର ସବୁବେଳେ କରିବାକୁ ହେବ । ସାଧକ ଓ ତତ୍ତ୍ୱାଭିଳାଷୀ ବ୍ୟକ୍ତିଙ୍କ ମନରେ କେବଳ ଉଚ୍ଚ ଓ ମୂଲ୍ୟବାନ ବିଷୟରେ ପ୍ରାଞ୍ଜଳ ଜ୍ଞାନ ରହେ ଏବଂ ତାହାର ସେମାନେ ସଦ୍‌ବ୍ୟବହାର କରନ୍ତି ।

ନାନାପ୍ରକାର ତଥ୍ୟ ସଂଗ୍ରହ କରି ମନ ଭିତରେ ରଖିଲେ ମାନସିକ ବିକାଶ ଆପେ ହୁଏନାହିଁ । ଯେ କୌଣସି ବିଷୟରେ ଜ୍ଞାନ ଅର୍ଜନ ସଙ୍ଗେ ସଙ୍ଗେ ତହିଁର ଉପଯୁକ୍ତ ସଦବ୍ୟବହାର କରିବା ଏବଂ ଭଗବତ୍ ପ୍ରେମରେ ଜୀବନକୁ ଅଭିଷିକ୍ତ କରିବା ଦ୍ୱାରାହିଁ ମାନସିକ ବିକାଶ ହୁଏ । ମାନସ ଶରୀର ଉତ୍ତମ ବିକାଶ ହେଲେ ତାହା ଏକ ରେଡିଓ ପରି କାମ କରେ । ଆମ୍ଭମାନଙ୍କ ଅନ୍ତରରେ ଓ ଚତୁର୍ଦ୍ଦିଗରେ ସକଳ ପ୍ରକାର ଜ୍ଞାନ ବିକଶିତ ହେଉଛି । ମାନସ ଶରୀର ବିକାଶ ଘଟିଲେ ତାହା ରେଡିଓ ପରି ବ୍ୟବହାର କରି ଯେ କୌଣସି ବିଷୟରେ ଆମ୍ଭେମାନେ ଜ୍ଞାନ ସ୍ପର୍ଶ କରି ପାରିବା ।

Digitized by srujanika@gmail.com

କାରଣ ଶରୀର ବା ବିଜ୍ଞାନମୟ କୋଷ

ଆଧୁନିକ ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ ମନୁଷ୍ୟର ମନ ଏକପ୍ରକାର ଜଟିଳ ପ୍ରାକୃତିକ ପ୍ରଣାଳୀ; ଏବଂ ଚୈତନ୍ୟ ଏହା ସାହାଯ୍ୟରେ ପ୍ରକାଶ ହୁଏ । ଭାବ ଓ ଘଟନା ଠାରୁ ଆରମ୍ଭ-କରି ରୂପଶୂନ୍ୟ ସୂକ୍ଷ୍ମଚିନ୍ତା ଏବଂ ବୁଦ୍ଧି ମଧ୍ୟ ମନର ପ୍ରକୃତିଗତ କର୍ମ ବୋଲି ସେମାନଙ୍କ ମତ । ଚିନ୍ତାଧାରା କେବଳ ମସ୍ତିଷ୍କରୁ ଜାତବୋଲି ଧରାଗଲେ ମନକୁ ଏପରି ବର୍ଣ୍ଣନା କରିବା ସ୍ୱାଭାବିକ । କିନ୍ତୁ ପ୍ରକୃତରେ ମନୁଷ୍ୟର ମସ୍ତିଷ୍କ ଚିନ୍ତାଧାରାର କେବଳ ବାହକ ମାତ୍ର । କାରଣ ତାହା ବାହ୍ୟ ଜଗତରୁ ପ୍ରବାହିତ ସ୍ପନ୍ଦନ ଗୁଡ଼ିକ ଅନ୍ତରକୁ ଟାଣିନିଏ ଏବଂ ସୂକ୍ଷ୍ମ ଜଗତର ସ୍ପନ୍ଦନ ଗୁଡ଼ିକ ମଧ୍ୟ ସ୍ପର୍ଶ କରି ଅସ୍ପଷ୍ଟ ଭାବେ ପ୍ରକାଶ କରେ । ତେଣୁ ମସ୍ତିଷ୍କ ସିନେମା ଗୃହର ପରଦା ପରି କାର୍ଯ୍ୟ କରେ ଏବଂ ପ୍ରତିବିମ୍ବ ଗୁଡ଼ିକ ପ୍ରଦର୍ଶିତ କରେ । ଏହି ପ୍ରତିବିମ୍ବ ଗୁଡ଼ିକର ବିଶିଷ୍ଟତା ଜାଣିବାଲାଗି ଆମ୍ଭମାନଙ୍କୁ ପରଦା ଆରପଟେ ଯାଇ ଅନୁଧ୍ୟାନ କରିବା ଆବଶ୍ୟକ । କାରଣ ପରଦା ଉପରେ ଯେଉଁ ସବୁ ଛବି ଗୁଡ଼ିକ ପଡେ ତାହା ଛବିର କେବଳ ଛାୟା ମାତ୍ର ।

ବ୍ରହ୍ମବିଦ୍ୟାବିତ୍‌ମାନେ ମନୁଷ୍ୟର ମସ୍ତିଷ୍କ ବିଷୟରେ ଅନୁଧ୍ୟାନ କରି ଦର୍ଶାଇଛନ୍ତି ଯେ, ମସ୍ତିଷ୍କରେ ନିହିତ ପ୍ରକୃତିଗତ

Digitized by srujanika@gmail.com

ସ୍ୱଭାବ ମନୁଷ୍ୟର ଅନ୍ତରର ବିଭିନ୍ନ ଅଂଶରୁ ଜାତ । ମନୁଷ୍ୟର ଗଠନ ପ୍ରଣାଳୀ ଅତିଶୟ ଜଟିଳ । ଏକ ପୁଞ୍ଜୀଭୁତ ଶରୀର ଭେଦରେ ମନୁଷ୍ୟ ସୂକ୍ଷ୍ମଲୋକଗୁଡ଼ିକ ସହିତ ସଂଶ୍ଳିଷ୍ଟ । ପ୍ରତ୍ୟେକ ଶରୀର ନିଜର ସ୍ୱାଭାବଗତ ସ୍ପନ୍ଦନ ମସ୍ତିଷ୍କକୁ ପ୍ରବାହିତ କରେ । ଏକପ୍ରକାର ବିଚିତ୍ର ଓ ବହୁବିଧ ସ୍ପନ୍ଦନକ୍ରିୟା ଆମ୍ଭମାନଙ୍କ ସ୍ଥୂଳ ଶରୀରର ଚେତନା ପ୍ରଣାଳୀକୁ ଆବଦ୍ଧ କରେ । କାମନା ଶରୀରରୁ ଜାତ ସ୍ପନ୍ଦନକ୍ରିୟା ସ୍ନାୟୁ ପ୍ରଣାଳୀ ଦେଇ ମସ୍ତିଷ୍କକୁ ପ୍ରବାହିତ ହୁଏ । ମାନସ ଶରୀରରୁ ଜାତ ସ୍ପନ୍ଦନକ୍ରିୟା ମସ୍ତିଷ୍କରେ ଚିନ୍ତା ରୂପରେ ପ୍ରବେଶ କରେ ଏବଂ ଅନ୍ତରରୁ ପ୍ରବାହିତ ସ୍ପନ୍ଦନକ୍ରିୟା ବୁଦ୍ଧି ରୂପରେ ପ୍ରକାଶ ପାଏ । ବ୍ରହ୍ମବିଦ୍ୟାବିତ୍‌ଗଣ ଅନୁସନ୍ଧାନ କରି କହିଛନ୍ତି ଯେ ମୋଟରେ ଚିନ୍ତା ଦୁଇ ପ୍ରକାର । ଏକପ୍ରକାର ଚିନ୍ତା ନାମ ଓ ରୂପବିଶିଷ୍ଟ । ଏଗୁଡ଼ିକୁ ବାସ୍ତବ ଚିନ୍ତା ବୋଲଯାଏ । ଦ୍ୱିତୀୟ ପ୍ରକାର ଚିନ୍ତାଧାରରେ ନାମ ଓ ରୂପ ନଥାଏ ! ସେଗୁଡ଼ିକ ନୀତି ନିୟମ ବିଶିଷ୍ଟ ସୂକ୍ଷ୍ମତର ଓ ଦୃଷ୍ଟାନ୍ତମୂଳକ । ଏହି ଉଭୟ ପ୍ରକାର ଚିନ୍ତାଧାର ମସ୍ତିଷ୍କରେ ପ୍ରବାହିତ ହୁଏ କିନ୍ତୁ ଦୁଇଟି ପୃଥକ ଶରୀରରୁ ଜାତ । ମାନସ ଶରୀର ଓ ବିଜ୍ଞାନମୟ ଶରୀର ଉଭୟ ମେଣ୍ଟଲ ପ୍ଲେନ୍ ବା ସ୍ୱର୍ଗଲୋକର ତତ୍ତ୍ୱରୁ ଗଠିତ । ଏହି ବିଷୟ ପୂର୍ବ ପରିଚ୍ଛେଦରେ ବର୍ଣ୍ଣନା କରଯାଇଛି । ଭୂଲୋକ ପରି ସ୍ୱର୍ଗଲୋକ ମଧ୍ୟ ସାତ ଭାଗରେ ବିଭକ୍ତ । ଉପର ତିନିଭାଗର ତତ୍ତ୍ୱ ଓ ପଦାର୍ଥକୁ ନେଇ ବିଜ୍ଞାନମୟ ଶରୀର ଗଠିତ । ମାନସ ଶରୀର ବାସ୍ତବ ଓ ରୂପ

Digitized by srujanika@gmail.com

ଚିନ୍ତାଧାରର କର୍ମସ୍ଥଳ ଏବଂ ବିଜ୍ଞାନମୟ କୋଷ ଅରୂପ ଚିନ୍ତା-ଧାରର କର୍ମସ୍ଥଳ । କୌଣସି ଅସଙ୍ଗତ ଭାବରେ ଏପରି ବିଭକ୍ତି କରାଯାଇ ନାହିଁ । ଚେତନା ଏହି ଉଭୟ ଶରୀରରେ ପ୍ରବାହିତ ହେଲେ ଯେଉଁ ପୃଥକଭାବେ ପ୍ରକାଶିତ ହୁଏ ତାହା ସଂପୂର୍ଣ୍ଣ ସ୍ୱାଭାବିକ । ମନୁଷ୍ୟ ବା ବ୍ୟକ୍ତିର ସୂକ୍ଷ୍ମତମ ଶରୀର ମାନସ ଶରୀର ଓ ଏହି ଶରୀରର ମୃତ୍ୟୁ ହୁଏ । କିନ୍ତୁ ବିଜ୍ଞାନମୟ ଶରୀର ଅମର ଓ ତାହା ଜୀବାତ୍ମାର ବାହ୍ୟ ଅଙ୍ଗ । ମନୁଷ୍ୟକୁ ଏହି ଦୃଷ୍ଟିକୋଣରୁ ଦୁଇ ଭାଗ କରାଯାଇ ପାରେ । ଗୋଟିଏ ଭାଗ ଅସ୍ଥାୟୀ ଏବଂ ତହିଁରେ ସ୍ଥୂଳ ଶରୀର, କାମନା ଶରୀର ଓ ମାନସ ଶରୀର ଏକତ୍ର ରହେ । ଏହି ତିନି ଶରୀରର କାଳକ୍ରମେ ମୃତ୍ୟୁ ହୁଏ । ତେଣୁ ଅସ୍ଥାୟୀ । ବିଜ୍ଞାନମୟ କୋଷ ଓ ଆନନ୍ଦମୟ କୋଷ ସ୍ଥାୟୀ ଏବଂ ଅମର । ଏହି ଉଭୟ ଶରୀରରେ ମନୁଷ୍ୟ ଅମର ରହେ ।

ଭୂଲୋକରୁ ଆରମ୍ଭ କରି ସତ୍ୟଲୋକ ପର୍ଯ୍ୟନ୍ତ ଯେଉଁ ସୃଷ୍ଟି ହୋଇଛି, ତାହା ପରମେଶ୍ୱରଙ୍କ ତିନିଗୋଟି ପର୍ଯ୍ୟାୟରେ ପ୍ରତିଷ୍ଠିତ । ଏହି ପର୍ଯ୍ୟାୟକୁ ବ୍ରହ୍ମବିଦ୍ୟା ଶାସ୍ତ୍ରରେ 'ଆଉଟ-ପୋରିଂ' ବା ଆବିର୍ଭାବ ବୋଲାଯାଏ । ପ୍ରଥମ ପର୍ଯ୍ୟାୟରେ ସମସ୍ତ ଲୋକର ପଦାର୍ଥ ଗଠିତ ହେଲା । ଦ୍ୱିତୀୟରେ ଜୀବକୁ ସେଥିରେ ଆବିର୍ଭାବ କରାଗଲା । ତୃତୀୟ ପର୍ଯ୍ୟାୟରେ ଜୀବାତ୍ମାର ଆବିର୍ଭାବ ହେଲା । କେବଳ ମନୁଷ୍ୟ ଦେହରେ ଜୀବାତ୍ମାର ଆବିର୍ଭାବ ହୁଏ । ପଶୁ, ପକ୍ଷୀ, ବୃକ୍ଷଲତା

Digitized by srujanika@gmail.com

ଓ ଖଣିଜ ରୂପରେ ଜୀବାତ୍ମା ନ ଥାଏ । ସେଗୁଡ଼ିକର ଜୀବାତ୍ମା ବଦଳରେ ପୁଞ୍ଜି ଆତ୍ମା ରହେ । ଅର୍ଥାତ୍ ସମସ୍ତ ସିଂହଗୁଡ଼ିକର ଏକ ଆତ୍ମା । ପ୍ରତ୍ୟେକର ଅଲଗା ଆତ୍ମା ନ ଥାଏ । କେବଳ ମନୁଷ୍ୟଜନ୍ମରେ ଜୀବାତ୍ମାର ପ୍ରବେଶ ହୁଏ ଓ ପରିଶେଷରେ ପରମାତ୍ମାରେ ମିଶେ । ତେଣୁ ବିଜ୍ଞାନମୟ କୋଷ କେବଳ ପ୍ରତ୍ୟେକ ମନୁଷ୍ୟଠାରେ ବିଦ୍ୟମାନ୍ । ଆମ୍ଭମାନଙ୍କ ଅନ୍ତରରେ ଯେଉଁ ଅହଂକାର ରହିଛି ତାହା ଆତ୍ମା, ବୁଦ୍ଧି, ମାନସ ଏପରି ତ୍ରିବିଧ ସୂତ୍ରରେ ଗଠିତ । ଜୀବାତ୍ମା ବ୍ରହ୍ମର ଅଂଶ ଏବଂ ତାହା ବିଜ୍ଞାନମୟ ଓ ଆନନ୍ଦମୟ କୋଷର ଅନ୍ତରରେ ଅବସ୍ଥାନ କରେ । ତେଣୁ ଅମର ମନୁଷ୍ୟର ବାହ୍ୟ ଅଙ୍ଗ ହେଉଛି ବିଜ୍ଞାନମୟ କୋଷ । ମନୁଷ୍ୟ ଯେଉଁସବୁ ଅନୁଭୂତି ଅର୍ଜନ କରେ, ତାହାର ସାରାଂଶ ଏହି ବିଜ୍ଞାନମୟ କୋଷରେ ରହେ । ଏକ ଜନ୍ମର ଅନୁଭୂତି ପରଜନ୍ମରେ ସଂସ୍କାର ରୂପରେ କାର୍ଯ୍ୟ କରେ ।

ଯେଉଁ ସାଧକମାନେ ଦିବ୍ୟଦୃଷ୍ଟି ଲାଭ କରିଛନ୍ତି, ସେମାନେ କହନ୍ତି ଯେ ବିଜ୍ଞାନମୟ କୋଷ ଏକପ୍ରକାର ବର୍ଣ୍ଣଶୂନ୍ୟ ବର୍ତ୍ତୁଳାକାର ପାଣିଫୋଟକା ପରି ଦେଖାଯାଏ । କ୍ରମେ କ୍ରମେ ମନୁଷ୍ୟ ଯେତେବେଳେ ଅଧିକରୁ ଅଧିକତର ଅନୁଭୂତି ଅର୍ଜନ କରେ ଏବଂ ଶକ୍ତିଶାଳୀ ହୁଏ, ଏହି ପାଣିଫୋଟକାରେ କ୍ରମେ କ୍ରମେ ମନୋହର ବର୍ଣ୍ଣଗୁଡ଼ିକ ପ୍ରକାଶ ପାଏ ଏବଂ ଆକାର ବଢ଼ି ବଢ଼ି ଯାଏ । ବିଜ୍ଞାନମୟ କୋଷ ମନର ଅନ୍ତରାଳରେ ।

Digitized by srujanika@gmail.com

ତେଣୁ ତହିଁର ସମ୍ପୂର୍ଣ୍ଣ ବର୍ଣ୍ଣନା ମନର ସାହାଯ୍ୟରେ କରିବା ଅସୁବିଧ ହୁଏ । ତହିଁର ସୌନ୍ଦର୍ଯ୍ୟ ଓ ଶକ୍ତି ବର୍ଣ୍ଣନାତୀତ ।

ବିଜ୍ଞାନମୟ କୋଷ ସୂକ୍ଷ୍ମ ଚିନ୍ତାର କର୍ମସ୍ଥଳ । ଅନେକର ମଧ୍ୟରେ ସାଧାରଣ ଏକତ୍ୱ କଣ ଅଛି, ତାହା ବିଚାର କରିବା ଏହି ଶରୀରର କାର୍ଯ୍ୟ । ଚୈତନ୍ୟ ଯେତେବେଳେ ଏହି ଶରୀରରେ ପ୍ରବାହିତ ହୁଏ, ତହିଁର ସ୍ପନ୍ଦନକ୍ରିୟା ଏପରି ଚିନ୍ତା-ଧାରା ଜନ୍ମାଏ । ଯେପରି କାମନା ଶରୀରର ସ୍ପନ୍ଦନକ୍ରିୟା ଯୋଗୁଁ ଇଚ୍ଛା ଏବଂ ମାନସ ଶରୀରର ସ୍ପନ୍ଦନକ୍ରିୟା ଯୋଗୁଁ ନାମରୂପ ଚିନ୍ତା ଜାତ ହୁଏ ସେହିପରି ବିଜ୍ଞାନମୟ ଶରୀରର ସ୍ପନ୍ଦନକ୍ରିୟା ଦ୍ୱାରା ରୂପଶୂନ୍ୟ ଚିନ୍ତା ଜାତ ହୁଏ । ଯେଉଁ ଚିନ୍ତା କଲାବେଳେ ନାମ ଓ ଆକାର ବା ରୂପ ଜନ୍ମେ ତାହାର ନାମ-ରୂପଚିନ୍ତା । ସାଧାରଣତଃ ମନୁଷ୍ୟ ଏହି ପ୍ରକାର ଚିନ୍ତା-ଧାରାରେ ରତ ରହେ । ପରିବେଷ୍ଟିତ ବାସ୍ତବ ପରିସ୍ଥିତି ସହିତ ଏହି ଚିନ୍ତାଧାରାଗୁଡ଼ିକର ଘନିଷ୍ଠ ସମ୍ପର୍କ ରହିଥାଏ । ଆମ୍ଭେମାନେ ଏହି ଚିନ୍ତାଧାରା ସାହାଯ୍ୟରେ ପ୍ରଥମେ ଜ୍ଞାନ ଅର୍ଜ୍ଜନ କରୁ । ନାମରୂପ ଓ ରୂପଶୂନ୍ୟ ଚିନ୍ତାଧାରା ମଧ୍ୟରେ ପ୍ରଭେଦ ଉତ୍ତମ ରୂପେ ବୁଝିବା ଆବଶ୍ୟକ । ତେଣୁ କେତେଗୁଡ଼ିଏ ଉଦାହରଣ ଦରକାର ପଡ଼ୁଛି ।

ପ୍ରଥମେ ଧରଯାଉ ଗୋଟିଏ ତ୍ରିକୋଣ (ଟ୍ରାଏାଙ୍ଗଲ) । ଆମ୍ଭେମାନେ ବିଭିନ୍ନ ପ୍ରକାର ଛୋଟବଡ ଅସଂଖ୍ୟ ତ୍ରିକୋଣ

Digitized by srujanika@gmail.com

ମନରେ ଅଙ୍କନ କରିପାରିବା । ଛୋଟ ହେଉ ବା ବଡ ହେଉ ସମସ୍ତ ତ୍ରିକୋଣଗୁଡ଼ିକର ଏକ ସମଭବ ଦେଖିବାକୁ ମିଳେ । ଏହା ହେଉଛି ପ୍ରତ୍ୟେକର ତିନିଗୋଟି କୋଣ । ତେଣୁ ତ୍ରିକୋଣ ବୋଲାଯାଏ । ଏପରି ସମସ୍ତ ତ୍ରିକୋଣଗୁଡ଼ିକର ସମଭବ ବିଗ୍ରହ କରି ତହିଁର ଏକତ୍ୱ ପ୍ରଦର୍ଶନ କରିବା ବିଜ୍ଞାନମୟ କୋଷର କାର୍ଯ୍ୟ । ସେହିପରି ଚକ୍ର ଓ ଚତୁର୍ଭୁଜ ମଧ୍ୟ ବିଗ୍ରହ କରାଯାଇ-ପାରେ । ଯେତେବେଳେ ଆମ୍ଭେମାନେ ଘୋଡା, ଗାଈ ବା କୁକୁର ଶବ୍ଦ ବ୍ୟବହାର କରୁ, ତାହା କୌଣସି ନିର୍ଦ୍ଦିଷ୍ଟ ଗୋଟିଏ ଜନ୍ତୁକୁ ବୁଝାଏ ନାହିଁ । ଯେତେବେଳେ ଏକ ନିର୍ଦ୍ଦିଷ୍ଟ ଜନ୍ତୁ ବା ବସ୍ତୁକୁ ବୁଝାଏ, ସେତେବେଳେ ବିଜ୍ଞାନମୟ କୋଷରୁ ଖସି ଆସି ଚୈତନ୍ୟ ମାନସ ଶରୀରରେ କାର୍ଯ୍ୟ କରେ ।

ଆଉ ଗୋଟିଏ ଉଦାହରଣ ଦେଲେ ବିଷୟଟି ଅତି ପ୍ରାଞ୍ଜଳ ହୋଇଯିବ । ଧରାଯାଉ କୌଣସି ଗୋଟିଏ ସ୍ଥାନରେ ଛୋଟ ବଡ଼ ବିଭିନ୍ନ ଆକାରର ପଥରଗଡ଼ାଏ ଗଦା ହୋଇଅଛି । ଏହି ପଥରସମୂହର ଏକ ହାରାହାରି ପଥରର ପରିମାଣ ଯଦି ବାହାର କରାଯାଏ, ତେବେ ଏପରି ପରିମାଣର ଗୋଟିଏ ପଥର ସେହି ଗଦା ମଧ୍ୟରେ ଦେଖିବାକୁ ମିଳିବ ନାହିଁ । କିନ୍ତୁ ପଥରର ଲମ୍ବ, ଓସାର, ବହଳ ଏବଂ ଓଜନ ହାରାହାରି ଭବରେ ଆମ୍ଭମାନଙ୍କ ଗୋଚର ସାଧ୍ୟ । ହାରାହାରି ଫଳଟି କେବଳ ଏକ ଦୃଷ୍ଟାନ୍ତ-ମୂଳକ । ତାହା ବାସ୍ତବ ନୁହେଁ । ଏପରି ଦୃଷ୍ଟାନ୍ତମୂଳକ ଚିନ୍ତା

Digitized by srujanika@gmail.com

ବିଜ୍ଞାନମୟ କୋଷର କାର୍ଯ୍ୟ । ଏକରୁ ଅନେକ ଏବଂ ଅନେକରୁ ଏକ ଭବ ବିସ୍ତାର ଯଥାକ୍ରମେ ମାନସ ଶରୀର ଓ ବିଜ୍ଞାନମୟ ଶରୀରର କର୍ମ ।

ଏହି ବିଜ୍ଞାନମୟ କୋଷକୁ କାରଣ ଶରୀର ମଧ୍ୟ ବୋଲ-ଯାଏ । କାରଣ ଶରୀରରେ ଯେଉଁସବୁ ସ୍ପନ୍ଦନ ଜାତ ହୁଏ, ତାହାକୁ ସୂକ୍ଷ୍ମଚିନ୍ତା (ଏବ୍‌ଷ୍ଟ୍ରାକ୍ଟ ଥାଟ୍) ବୋଲଯାଏ । ଏହି ସ୍ପନ୍ଦନ-ଗୁଡ଼ିକ ଯେତେବେଳେ ସ୍ଥୂଳ ଶରୀର ମସ୍ତିଷ୍କରେ ପ୍ରବେଶ କରେ, ସେତେବେଳେ ଏହି ଚିନ୍ତାଗୁଡ଼ିକ ପ୍ରତି ଆମ୍ଭମାନଙ୍କ ଚେତନା ଜାଗ୍ରତ ହୁଏ । କିନ୍ତୁ କାରଣ ଶରୀରରେ ଜାଗରିତ ସ୍ପନ୍ଦନ ଲହରୀ-ଗୁଡ଼ିକ ମାନସ ଶରୀର ଓ କାମନା ଶରୀର ଦେଇ ସ୍ଥୂଳ ଶରୀରରେ ପ୍ରବେଶ କଲାବେଳକୁ ସ୍ପନ୍ଦନଗୁଡ଼ିକ ଦୁର୍ବଳ ଓ ଅସ୍ପଷ୍ଟ ହୋଇଯାଏ । ତେଣୁ ସ୍ପନ୍ଦନଗୁଡ଼ିକର ପ୍ରଭବ କାରଣ ଶରୀରରେ ଯେପରି ରହେ, ସ୍ଥୂଳ ଶରୀରରେ ରହିପାରେ ନାହିଁ । କାରଣ ଶରୀରର ସ୍ପନ୍ଦନ ଲହରୀ ଯେତେବେଳେ ମାନସ ଶରୀରରେ ପଡ଼େ, ସେତେ-ବେଳେ ଏକରୁ ଅନେକଭବରେ ଚିନ୍ତାଧାରା ଜାତ ହୁଏ । ତେଣୁ ସାରାଂଶ ଜ୍ଞାନର ଉପକାରିତା ଅତି ମହାନ୍ । ଯେକୌଣସି ବିଷୟର ସାରାଂଶ ଜାଣିଲେ ତହିଁର ଟିକିନିଖି ବିସ୍ତାର ସୁଲଭ ହୁଏ । ପୃଥିବୀରେ ଯେତେପ୍ରକାର ଆବିଷ୍କାର କରାଯାଇଛି, ସବୁ ଏହି ସାରାଂଶ ପ୍ରଣାଳୀ ଦ୍ୱାରା ପ୍ରତିପାଦିତ ହୋଇଅଛି । ଆମ୍ଭେମାନେ ବହୁତ ବିଷୟ ଜାଣିବା ଦ୍ୱାରା କୌଣସି ବିଶେଷ ଉପକାର ହୁଏ

Digitized by srujanika@gmail.com

ନାହିଁ । ସମସ୍ତ ବିଷୟଗୁଡ଼ିକ ମଧ୍ୟରେ ନିହିତ ସମଭବ ଜାଣିଲେ ସମ୍ପୂର୍ଣ୍ଣଜ୍ଞାନ ଲାଭ ହୁଏ । ଭୂଲୋକର ବିଭିନ୍ନ ପ୍ରକାର ପଦାର୍ଥ ମଧ୍ୟରେ ନିହିତ ଭବ ନିର୍ଣ୍ଣୟ କରି ଆଧୁନିକ ଯୁଗର ବୈଜ୍ଞାନିକଗଣ ପ୍ରାକୃତିକ ଶକ୍ତିର ବିନିଯୋଗ ହାସଲ କରିପାରିଛନ୍ତି । ବ୍ରହ୍ମବିଦ୍ୟାବିତ୍ ମାନେ ସେହିପରି ସୂକ୍ଷ୍ମଲୋକର ପ୍ରକୃତିକୁ ଆୟତ୍ତ କରିପାରନ୍ତି । ଜୀବନମୁକ୍ତଗଣଙ୍କୁ ଭୂ, ଭୂବ, ସ୍ୱ, ମହ ଓ ଜନଲୋକର ସମସ୍ତ ତତ୍ତ୍ୱ ସମ୍ପୂର୍ଣ୍ଣରୂପେ ଗୋଚର । ସେମାନଙ୍କ ପକ୍ଷରେ ଟିକି-ନିଖି ବିଚାର କରି ସମୟ ନଷ୍ଟ କରିବାକୁ ଦରକାର ହୁଏ ନାହିଁ । ଯେତେବେଳେ ଦରକାର ପଡ଼େ, ସେମାନେ ଯେକୌଣସି ବିଷୟର ଟିକିନିଖି ବିଚାର ମୁହୂର୍ତ୍ତକେ କରିପାରନ୍ତି । ଜୀବାତ୍ମା ଓ ପ୍ରକୃତି ଏହି ଉଭୟ ବିଷୟରେ ସେମାନଙ୍କ ଜ୍ଞାନ ଅକଳନୀୟ । ମନେରଖିବା ଉଚିତ୍ ଯେ, ସୃଷ୍ଟିର ସମସ୍ତ ଜ୍ଞାନ ଈଶ୍ୱରଙ୍କଠାରେ ନିହିତ ଏବଂ ବିଜ୍ଞାନମୟ କୋଷକୁ ଶକ୍ତିଶାଳୀ କଲେ ଏହି ଜ୍ଞାନର କିଞ୍ଚିତ ଉପଲବ୍ଧି କରଯାଇ-ପାରେ । ସ୍ଥୂଳ ଶରୀର ଧରି ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଯିବା ଆମ୍ଭମାନଙ୍କ ପକ୍ଷରେ ସମ୍ଭବ ହୋଇ ପାରୁନାହିଁ । କିନ୍ତୁ ବିଜ୍ଞାନମୟ କୋଷର ବିକାଶ ଘଟିଲେ ଅନ୍ୟ ସୂର୍ଯ୍ୟଲୋକର ତତ୍ତ୍ୱ ଅବଗତ ହେବାର ସମ୍ଭାବନା ରହିଛି । ଇହଜଗତର ସୂକ୍ଷ୍ମ ଓ ଅଦୃଶ୍ୟଭଗ ପରିପୂର୍ଣ୍ଣଭବେ ଜ୍ଞାନଗୋଚର ହୋଇପାରିବ । ଅନ୍ୟ ବ୍ୟକ୍ତିମାନଙ୍କ ଇଚ୍ଛା ଓ ଚିନ୍ତାଧାର ସ୍ପଷ୍ଟ ହୋଇ ଦେଖାଯିବ । ନିଜର ସଂସ୍କାର ନିଜେ ବୁଝି ହୋଇପାରିବ । ସୂକ୍ଷ୍ମ ସ୍ପନ୍ଦନକ୍ରିୟାଗୁଡ଼ିକ

Digitized by srujanika@gmail.com

ସହଜରେ ସ୍ପର୍ଶକରି ତହିଁର ତାତ୍ପର୍ଯ୍ୟ ବୁଝିହେବ । ଈଶ୍ୱରଙ୍କ ବା ସର୍ବବ୍ୟାପୀ ଚିନ୍ତାଧାରର କିଞ୍ଚିତସ୍ପର୍ଶ ହୋଇପାରିବ ।

ବିଜ୍ଞାନମୟ କୋଷର ଦ୍ୱିତୀୟ କାର୍ଯ୍ୟ ହେଉଛି, ଜନ୍ମ ଜନ୍ମାନ୍ତରର ଅନୁଭୂତିଗୁଡ଼ିକୁ ସଂସ୍କାର ରୂପରେ ପରିଣତ କରାଇ ସେଗୁଡ଼ିକୁ ସାଇତି ରଖିବା । ମନୁଷ୍ୟର ସ୍ଥୂଳ ଶରୀର, କାମନା ଶରୀର ଏବଂ ମାନସ ଶରୀରକୁ ଏକତ୍ର ବ୍ୟକ୍ତିତ୍ୱ ବା ପର୍‌ସ-ନାଲିଟି ବୋଲଯାଏ । ଏହି ବ୍ୟକ୍ତିତ୍ୱ ତାହାର ବିଲୋପ ପୂର୍ବରୁ ନିଜର ସକଳ ଅନୁଭୂତି ଛାଣିଛୁଣି ତହିଁର ସାରାଂଶ ଅହଂକାର ବା "ଇଗୋକୁ" ହସ୍ତାନ୍ତର କରିଦିଏ । ଏହି "ଇଗୋ" ବ୍ୟକ୍ତିତ୍ୱ ବା "ପର୍‌ସନାଲିଟି"କୁ ଜାତ କରାଏ ଏବଂ ତାହାର ଅନୁଭୂତି ଛାଣିନିଏ । ଏପରି ଜନ୍ମ ପରେ ଜନ୍ମ ଚାଲେ । ପୂର୍ବଜନ୍ମର ଅନୁଭୂତି ପର ଜନ୍ମରେ ସଂସ୍କାର ରୂପରେ ବିକଶିତ ହୁଏ । ତେଣୁ ପୂର୍ବଜନ୍ମର କଥା କିଛି ମନେପଡ଼େ ନାହିଁ ଅଥଚ ଅନୁଭୂତିର ଫଳ ରୂପରେ କେତେଗୁଡ଼ିଏ ସିଦ୍ଧି ସଂଯୋଗ ହୁଏ । ପ୍ରତ୍ୟେକ ଜନ୍ମରେ ଏକ ନୂତନ ସ୍ଥୂଳ ଶରୀର, ଏକ ନୂତନ କାମନା ଶରୀର ଏବଂ ଏକ ନୂତନ ମାନସ ଶରୀର ମନୁଷ୍ୟ ଧାରଣ କରେ । ତେଣୁ ପୂର୍ବଜନ୍ମର ଶରୀରମାନଙ୍କର କାର୍ଯ୍ୟକଳାପର ସ୍ମୃତି ଏହି ନୂତନ ଶରୀରରେ ରହେ ନାହିଁ କାରଣ ନୂତନ ଶରୀର ପୂର୍ବପରି ଅନୁଭୂତି ହାସଲ କରି ନାହିଁ । କେବଳ "ଇଗୋ" ପୂର୍ବଜନ୍ମର ସବୁକଥା ଜାଣେ । ସାଧକମାନେ ନିର୍ଦ୍ଦିଷ୍ଟ ସାଧନା ବଳରେ ପୂର୍ବଜନ୍ମର ବୃତ୍ତାନ୍ତ

Digitized by srujanika@gmail.com

ଅବଗତ ହୋଇପାରନ୍ତି । ଜଣେ ଜଣେ ପୂର୍ବଜନ୍ମର ସ୍ମୃତି ବଳରେ ସେମାନଙ୍କ ପୂର୍ବଜନ୍ମର ବୃତ୍ତାନ୍ତ ପରିବେଷଣ କରିବା ସମୟେ ସମୟେ ଦେଖାଯାଏ । ଏହା କେବଳ ବାଲ୍ୟ ଅବସ୍ଥାରେ ହୁଏ ।

ମନୁଷ୍ୟମାନଙ୍କଠାରେ ଯେଉଁସବୁ ଦୁର୍ଗୁଣ ବା କୁପ୍ରକୃତି ଦେଖାଯାଏ, ତାହାର କାରଣ ହେଉଛି ତହିଁର ବିପରୀତ ଗୁଣ ଗୁଡ଼ିକର ଅଭାବ । ମନୁଷ୍ୟ କୌଣସି ଦୁର୍ଗୁଣ ଇଚ୍ଛାକରି ଅଭ୍ୟାସ କରେ ନାହିଁ । ବିଜ୍ଞାନମୟ କୋଷରେ ଯେଉଁ ସଂସ୍କାର ରହିଛି, ସେଥିରେ ସୁଗୁଣଗୁଡ଼ିକର ଅଭାବ ଯଦି ହୋଇଥିବ ତେବେ ଦୁର୍ଗୁଣ ସ୍ଥାନ ପାଇବାର ସମ୍ଭାବନା ରହେ । ମନୁଷ୍ୟ କ୍ରମବିକାଶ ପଥରେ ଗତି କଲାବେଳେ ରୀତିମତ ସଂଗଠନମୂଳକଭାବରେ ସୁଗୁଣଗୁଡ଼ିକ ଅଭ୍ୟାସ କରେନାହିଁ । ଯେଉଁ ଜନ୍ମରେ ଯେଉଁ ପରିସ୍ଥିତି ଉପୁଜେ, ତଦନୁଯାୟୀ ଗୁଣଗୁଡ଼ିକର ଅଭ୍ୟାସ ହୁଏ । କୌଣସି ଏକ କାର୍ଯ୍ୟକ୍ରମ ନିୟମ ଅନୁଯାୟୀ କରାଯାଏ ନାହିଁ । ତେଣୁ ଭଲମନ୍ଦ ଉଭୟ ଗୁଣଗୁଡ଼ିକ ଏକ ପ୍ରକାର ଅଧପନ୍ତରିଆ ଭାବରେ ପ୍ରକାଶ ପାଏ । ପ୍ରତ୍ୟେକ ବ୍ୟକ୍ତି ଯଦି ନିଜର ଛବି ଆଙ୍କିବା ଆରମ୍ଭ କରେ ଏବଂ ଏଥିପାଇଁ ଯଦି କିଛି ବିଧିବଦ୍ଧ ନିୟମ ପ୍ରଯୁଜ୍ୟ ନ ହୁଏ, ତେବେ ସେ ନିଜ ଇଚ୍ଛା ଓ ସୁବିଧା ଅନୁଯାୟୀ ଛବିଟି ଅଙ୍କନ କରେ । ଛବିଟି ପୂର୍ଣ୍ଣହେବା ପୂର୍ବରୁ ଯଦି ଜଣେ ଯାଇ ପ୍ରତ୍ୟେକ ଛବି ଦେଖେ, ତେବେ ପ୍ରତ୍ୟେକ ଛବି

Digitized by srujanika@gmail.com

ଅନ୍ୟଠାରୁ ଭିନ୍ନ ରହିବା ନିଶ୍ଚିତ । କିଏ ବା ମୁଣ୍ଡଟି ଚିତ୍ର କରିଥିବ, କିଏ ବା ଦୁଇଟି ହାତ ଅଙ୍କନ କରିଥିବ ଏବଂ କିଏ ଗୋଡ଼ ଦୁଇଟି ଚିତ୍ରଣ କରିଥିବ । ଛବିଗୁଡ଼ିକ ପୂର୍ଣ୍ଣହେବା ପରେ କେବଳ ତହିଁର ସମତା ଓ ଐକ୍ୟ ଦେଖାଯିବ । କିନ୍ତୁ ପୂର୍ବରୁ ଏଗୁଡ଼ିକ ଏକ ପ୍ରକାରର ଅଧପନ୍ତରିଆ ଭାବେ ଚିତ୍ରିତ ହେଲା ପରି ଦେଖାଯିବ । ସେହିପରି ପ୍ରତ୍ୟେକ ମନୁଷ୍ୟ ପ୍ରତ୍ୟେକ ଜନ୍ମରେ ନିଜର ପରିସ୍ଥିତି ଓ ସୁବିଧା ଅନୁଯାୟୀ ସୁଗୁଣଗୁଡ଼ିକ ଅଭ୍ୟାସ କରେ । ତେଣୁ ଏହି ଦିଗରେ ପ୍ରତ୍ୟେକେ ଅନ୍ୟଠାରୁ ଭିନ୍ନ । ଆମ୍ଭମାନଙ୍କ ମଧ୍ୟରେ ଯେଉଁ ଦୁର୍ଗୁଣ ଗୁଡ଼ିକ ରହିଛି ତାହାର ପ୍ରକୃତ କାରଣ ହେଉଛି ତହିଁର ବିପରୀତ ଗୁଣ ଗୁଡ଼ିକର ଅଭାବ, ଯଥା—ବିଜ୍ଞାନମୟ କୋଷରେ ସତ୍ୟବାଦୀ ହେବା ପାଇଁ ଯେଉଁ ସ୍ପନ୍ଦନକ୍ରିୟା ଦରକାର, ତହିଁର ଅଭାବରେ ମନୁଷ୍ୟ ମିଛ କହେ । ମନୁଷ୍ୟମାନଙ୍କର ଦୁର୍ବଳତା ଗୁଡ଼ିକୁ ଯଦି ଏପରି ଦୃଷ୍ଟିକୋଣରୁ ବିଚାର କରାଯାଏ, ତେବେ ସେମାନଙ୍କ ପ୍ରତି ଘୃଣା ବା ଦ୍ୱେଷଭାବ ପରିବର୍ତ୍ତେ ଦୟା ବା ଅନୁକମ୍ପାଭାବ ଜନ୍ମିବା ସମ୍ଭାବନା । ଆମ୍ଭମାନଙ୍କ ପକ୍ଷରେ ମନେରଖିବା ଦରକାର ଯେ, ପ୍ରତ୍ୟେକ ମନୁଷ୍ୟ ଦିନେ ନା ଦିନେ ଜୀବନ୍ମୁକ୍ତ ଅବସ୍ଥାରେ ପହଞ୍ଚିବା ନିର୍ଦ୍ଧାର୍ଯ୍ୟ । କିନ୍ତୁ କ୍ରମବିକାଶ ପ୍ରଣାଳୀର ଉଦ୍ଦେଶ୍ୟ ଏହି ଯେ ସମସ୍ତେ ଏକ ସମୟରେ ସମପ୍ରକାର ବିକଶିତ ନ ହୋଇ ପ୍ରତ୍ୟେକ ଅନ୍ୟ ଠାରୁ ଭିନ୍ନ ରୂପେ ବିକଶିତ ହୁଏ । ଏହି ବିଶ୍ୱ ବ୍ରହ୍ମାଣ୍ଡରେ ଥିବା ୬୦୦୦ କୋଟି ଜୀବାତ୍ମା ମଧ୍ୟରୁ କୌଣସି

Digitized by srujanika@gmail.com

ଦୁଇଜଣ ସମଭବରେ କ୍ରମବିକଶିତ ହୋଇ ପାରନ୍ତି ନାହିଁ । ପ୍ରକୃତି ଏହି ଅସଂଖ୍ୟ ଜୀବାତ୍ମାମାନଙ୍କର ବିଭିନ୍ନ ଭବରେ କିପରି କ୍ରମବିକାଶ ସାଧନ କରେ, ତାହାହିଁ ମନୁଷ୍ୟ ଜୀବନରେ ଅତି ଚମତ୍କାରିତାର ବିଷୟ ।

ଏହି ବିଜ୍ଞାନମୟ କୋଷର କ୍ରମବିକାଶ କ୍ରମେ କ୍ରମେ ହୁଏ । ମନୁଷ୍ୟ ରୂପରେ ଜୀବାତ୍ମାର ପ୍ରଥମ ପ୍ରକାଶଠାରୁ ଜୀବନ୍ମୁକ୍ତ ହେବା ଯାଏଁ ହାରାହାରି ପ୍ରାୟ ୭୭୭ ଜନ୍ମାନ୍ତର ଅତିବାହିତ ହୁଏ ବୋଲି ବ୍ରହ୍ମବିଦ୍ୟାବିତ୍‌ଗଣ କହିଛନ୍ତି । ଏଥିରୁ ପ୍ରାୟ ସାତଶହ ଜନ୍ମ ମୂଢ଼ ଏବଂ ଅର୍ଦ୍ଧଶିକ୍ଷିତ ଅବସ୍ଥାରେ କଟେ । ପ୍ରାୟ ସତୁରି ଜନ୍ମ ଶିକ୍ଷିତ ଏବଂ ସାତଗୋଟି ଜନ୍ମ ସାଧକ ଅବସ୍ଥାରେ କଟେ । ମୂଢ଼ ଓ ଅଜ୍ଞ ଅବସ୍ଥାରେ ଏକ ଜନ୍ମରୁ ଅନ୍ୟ ଜନ୍ମର ବ୍ୟବଧାନ ପ୍ରାୟ ୪୦ ଠାରୁ ୫୦୦ ବର୍ଷ । ଶିକ୍ଷିତ ଅବସ୍ଥାରେ ପ୍ରାୟ ୫୦୦ ଠାରୁ ୧୨୦୦ ବର୍ଷ ଏବଂ ସାଧକ ଅବସ୍ଥାରେ ପ୍ରାୟ ୨୩୦୦ ବର୍ଷ । ଏଥିରୁ ଅନୁମାନ କରିବା ସମ୍ଭବ ଯେ, ବିଜ୍ଞାନମୟ କୋଷର କିପରି ସ୍ୱାଭବିକ ପ୍ରଣାଳୀରେ କ୍ରମେ କ୍ରମେ ଅଗ୍ରଗତି ହୁଏ । କ୍ରମ-ବିକାଶ ପଥରେ ପ୍ରଥମେ ଦେବଦୂତମାନେ ମନୁଷ୍ୟ ମାନଙ୍କୁ ସାହାଯ୍ୟ କରନ୍ତି । ମନୁଷ୍ୟ ଯେତେବେଳେ ଜୀବନର ପ୍ରକୃତ ଉପଦେଶ ଅବଗତ ହୋଇ ନିଜର ବିକାଶ ପଥରେ ଅଗ୍ରସର ହୋଇ ସାଧନା କରେ, ସେ ନିଜର ବିକାଶ ପାଇଁ ନିଜେ ତତ୍ପର ହୁଏ । ଏପରି ଉନ୍ମାଦନା ଉଦୟ ହେବା ଭଗ୍ୟର ବିଷୟ

Digitized by srujanika@gmail.com

ଏବଂ କ୍ରମବିକାଶ ପଥରେ ଶେଷପର୍ଯ୍ୟାୟ ପହଞ୍ଚିଥିବାର ନିଦର୍ଶନ ଦିଏ । ଆଉ ଅନ୍ତଥର ଜନ୍ମପରେ ଜୀବନ୍ମୁକ୍ତ ହେବା ଭରସା ଜନ୍ମାଏ ଏବଂ ମନୁଷ୍ୟର ପ୍ରବଳ ସାଧନା କରିବା ଦିଗରେ ସାହସ ଜନ୍ମାଏ । କିଏ କେବେ ଜୀବନ୍ମୁକ୍ତ ହେବ, କହି ହେବନାହିଁ ; କିନ୍ତୁ ଅସୀମ ସହିଷ୍ଣୁତା ଓ ଧୈର୍ଯ୍ୟ ସହିତ ସବୁପ୍ରକାର ବିଘ୍ନ ଓ ବିପର୍ଯ୍ୟୟ ଅତିକ୍ରମ କରିପାରିଲେ ଲକ୍ଷ୍ୟ ହାସଲ ହୁଏ ।

ଆଉ ଗୋଟିଏ ବିଷୟ ମନେ ରଖିବା ଅତି ଆବଶ୍ୟକ । ତାହା ହେଉଛି ବ୍ୟକ୍ତିତ୍ୱ (ପରସୋନାଲିଟି) ଓ ଅହଂକାର (ଇଗୋ) ମଧ୍ୟରେ ସମ୍ବନ୍ଧ । ଏହି ବିଷୟ ପ୍ରାଞ୍ଜଳଭାବେ ନ ବୁଝିବା ଦ୍ୱାରା ନାନାପ୍ରକାର ଭ୍ରାନ୍ତ ଧାରଣା ଓ ସନ୍ଦେହ ଜନ୍ମେ । ପୂର୍ବରୁ ଦର୍ଶାହୋଇଛି ଯେ, ସ୍ଥୂଳ ଶରୀର, କାମନା ଶରୀର ଏବଂ ମାନସ ଶରୀର ଏପରି ତ୍ରିଶରୀରଧାରୀ ବ୍ୟକ୍ତିର ବିଭିନ୍ନ ଅନୁଭୂତି ଗୁଡ଼ିକ ସ୍ୱର୍ଗଲୋକରେ ଅତିବାହିତ କରିବା କାଳରେ ତହିଁର ସାରାଂଶ ସଂସ୍କାର ରୂପେ ପରିବର୍ତ୍ତନ ହୁଏ ଏବଂ ପରଜନ୍ମରେ ବ୍ୟକ୍ତିର ଦକ୍ଷତା ଓ ପରାକ୍ରମ ରୂପରେ ପ୍ରକାଶ ପାଏ । ଜନ୍ମ ପରେ ଜନ୍ମ ଏହି ଭବରେ ଅହଂକାରଜଡ଼ିତ ଜୀବାତ୍ମାର ଶକ୍ତି କ୍ରମେ କ୍ରମେ ଉନ୍ମେଷ ହୁଏ । ଏହି ଅହଂକାରଜଡ଼ିତ ଜୀବାତ୍ମାର ଅନ୍ୟ ନାମ ହେଉଛି "ଇଗୋ" । ଏହି "ଇଗୋ" ବିଜ୍ଞାନମୟ କୋଷ, ଆନନ୍ଦମୟ ଓ ଆଧ୍ୟାତ୍ମିକକୋଷବିଶିଷ୍ଟ ଜୀବତ୍ମାର ଏକ ମିଶ୍ରିତ ନାମ । ବ୍ୟକ୍ତି "ଇଗୋ"ରୁ ଜାତ । "ଇଗୋର" ଏକ ଅଂଶ

Digitized by srujanika@gmail.com

ବ୍ୟକ୍ତି ରୂପରେ ପ୍ରକାଶ ପାଏ । ତେଣୁ ବ୍ୟକ୍ତିର ଅନୁଭୂତି ଦ୍ୱାରା ହିଁ "ଇଗୋ"ର ଉନ୍ନତି ହୁଏ । ବ୍ୟକ୍ତି "ଇଗୋ"ର ଅଂଶ ହେଲେ ମଧ୍ୟ ତାହାର ସ୍ୱତନ୍ତ୍ର ସ୍ୱଭାବ ରହେ, ଯେପରି ବ୍ୟକ୍ତିର ଅଂଶ ହୋଇ ସୂକ୍ଷ୍ମ ସ୍ଥୂଳଶରୀରର ସ୍ୱଭାବ ରହେ । କିନ୍ତୁ "ଇଗୋ"ର ନିର୍ଦ୍ଦେଶ ନ ମାନି ବ୍ୟକ୍ତି ଯଦି ନିଜ ସ୍ୱଭାବ ଅନୁଯାୟୀ କାର୍ଯ୍ୟକରେ, ତେବେ ଜୀବନ ନିରର୍ଥକ ହୁଏ । ଯଦି "ଇଗୋ"ର ଅନୁଗାମୀ ହୋଇ ବ୍ୟକ୍ତି ଜୀବନ ଅତିବାହିତ କରେ, ତେବେ ବ୍ୟକ୍ତି ସେହି ଜୀବନରେ ସାଫଲ୍ୟମଣ୍ଡିତ ହୋଇ "ଇଗୋ"ର ଉନ୍ନତି ସକାଶେ ପ୍ରଚୁର ସଂସ୍କାର ଉପାଦାନ ସୃଷ୍ଟି କରେ । ବ୍ୟକ୍ତି ଓ "ଇଗୋ" ଏପରି ଦୁଇଟି ଜୀବ ଆମର ଅନ୍ତରରେ ଅବସ୍ଥିତ ବୋଲି ଧାରଣା ଜନ୍ମିପାରେ । କିନ୍ତୁ ତାହା ଭ୍ରାନ୍ତ ଧାରଣା । କାରଣ "ଇଗୋ" ଓ ବ୍ୟକ୍ତି ଜୀବାତ୍ମାର କେବଳ ଦୁଇଟି ଭାଗ ଏବଂ ଜୀବାତ୍ମା ଈଶ୍ୱରଙ୍କ ଅଂଶ । ତେଣୁ ଏହି ସମସ୍ତ ଏକ, କେବଳ ବିଭିନ୍ନ ଲୋକରେ ଓ ବିଭିନ୍ନ ଶରୀରରେ ଜୀବାତ୍ମା ପ୍ରକାଶ ହେଲାବେଳେ ପୃଥକ ରୂପ ଧାରଣ କରେ । "ଇଗୋ" ରୂପରେ ବ୍ରହ୍ମଜ୍ଞାନର ଚେତନା ଅତିଶୟ ବିକଶିତ ହୁଏ ଏବଂ ବ୍ୟକ୍ତି ରୂପରେ ବିଶେଷ ଆବରଣ ପ୍ରଭାବରେ ସେହିପରି ଚେତନା ରହେ ନାହିଁ । ନିମ୍ନ ତିନିଗୋଟି ଶରୀର ଅର୍ଥାତ୍ ମାନସ ଶରୀର, କାମନା ଶରୀର ଓ ସ୍ଥୂଳ ଶରୀର ସହିତ ଚେତନା ଅହରହ ଜଡ଼ିତ ହେବା ଦ୍ୱାରା ବିକଟ "ମୁଁ" ଭାବ ଜାତ ହୁଏ । ଏହା ଅସ୍ଥାୟୀ ।

Digitized by srujanika@gmail.com

"ଇଗୋ" ନିଜର ଏକ ଅଂଶ ନିମ୍ନସ୍ତରକୁ ପ୍ରେରଣ କରି ବାରମ୍ବାର ବ୍ୟକ୍ତି ରୂପରେ ଜାତ ହୁଏ । ଏହି ବ୍ୟକ୍ତିର ଅନୁଭୂତି ସାହାଯ୍ୟରେ "ଇଗୋ" ନିଜର ଉନ୍ନତି ହାସଲ କରେ । ପ୍ରତ୍ୟେକ ଜନ୍ମରେ "ଇଗୋ" କେବଳ ତାର ଏକ ଅଂଶ ପ୍ରକାଶ କରେ ଓ ଅନ୍ୟ ସବୁ ଅଂଶ ଅନ୍ୟ ଜୀବନ ପାଇଁ ରଖେ । କର୍ମାନୁଯାୟୀ ଏକ ନିର୍ଦ୍ଦିଷ୍ଟ ପରିବେଷ୍ଟିତ ପରିସ୍ଥିତି ମଧ୍ୟରେ ପ୍ରତ୍ୟେକ ଜନ୍ମ ନିର୍ଦ୍ଧାରିତ ଏବଂ ସେହି ପରିସ୍ଥିତି ଦେଇ ଯେତିକି ବିକାଶ ସମ୍ଭବ ତାହାହିଁ "ଇଗୋ"ର ଉନ୍ନତି ଦିଗରେ ଲଗେ । ମନୁଷ୍ୟ ଯେଉଁ ଜାତି, କୂଳ, ଦେଶ ଓ ଲିଙ୍ଗ ନେଇ ଜନ୍ମଲଭ କରେ, ତାହାର ଗୁଣ, ଅନୁଭୂତି ଓ ପ୍ରଭବର ସେହି ଅନୁପାତରେ ବିକାଶ ଓ ପ୍ରକାଶ ହୁଏ । ଏପରି ପ୍ରତ୍ୟେକ ଜନ୍ମରେ ଭିନ୍ନ ଭିନ୍ନ ପରିସ୍ଥିତି ଦେଇ ଗତି କରି ସକଳ ପ୍ରକାର ଅନୁଭୂତିପ୍ରାପ୍ତ ହୁଏ । ପ୍ରକୃତି ଅତି ଆସ୍ତେ ଆସ୍ତେ କାର୍ଯ୍ୟ କରେ । କିନ୍ତୁ ଯେଉଁ ସବୁ ପ୍ରଣାଳୀ ଅବଲମ୍ବନ କରେ, ସେଗୁଡ଼ିକ ସୁଚିନ୍ତିତ ।

ବ୍ୟକ୍ତିକୁ "ଇଗୋ"ର ଅନୁଗାମୀ କରିବା ସକାଶେ ଏହି ଦୁହିଁଙ୍କ ମଧ୍ୟରେ ଥିବା ପ୍ରଭେଦ ସମ୍ପୂର୍ଣ୍ଣଭବରେ ଅବଗତ ହେବା ଉଚିତ୍ । ନଚେତ ମନୁଷ୍ୟର ଅମର ଓ ମର ଅଂଶ ବିଷୟରେ ଉତ୍ତମ ଜ୍ଞାନ ହେବା ସମ୍ଭବ ନୁହେଁ । ବ୍ୟକ୍ତିକୁ "ଇଗୋ"ର ଅନୁଗାମୀ କରିବା ଦିଗରେ ପ୍ରଥମ ପଦକ୍ଷେପ ହେଉଛି ବ୍ୟକ୍ତିକୁ ଏକ ଅସ୍ଥାୟୀ ଅଂଶ ବୋଲି ଦୃଢ଼ ଧାରଣା

Digitized by srujanika@gmail.com

ଜନ୍ମାଇବା । ପରେ ତାହା ପ୍ରତ୍ୟକ୍ଷ ଅନୁଭୂତି ହୁଏ ଯେ ଏହି ଚିନ୍ତାକାରୀ, କାମନାକାରୀ ଓ କାର୍ଯ୍ୟକାରୀ ବ୍ୟକ୍ତି ଅନ୍ତକାଳ ରହେ । ଏପରି ଧାରଣା ଅବଲମ୍ବନ କଲେ ଆମ୍ଭମାନଙ୍କ ମନୁଷ୍ୟର ଅମର ଅଂଶ ପ୍ରତି ଯେଉଁ ଅବହେଳା ଦେଖାଯାଏ, ତାହା ଦୂର ହୁଏ ।

କ୍ରମବିକାଶର ନିୟମ ଭୂଲୋକରେ ଯେପରି କାର୍ଯ୍ୟକାରୀ ହୁଏ ସୂକ୍ଷ୍ମ ଲୋକରେ ମଧ୍ୟ ସେହିପରି ହୁଏ । ଅଭ୍ୟାସ ଦ୍ୱାରା ଯେ କୌଣସି ପ୍ରକୃତିର ବିକାଶ କରାଯାଇପାରେ ଏବଂ ଏପରି ବିକାଶ ଫଳରେ ବିକଶିତ ଶରୀରର ଅନ୍ତର ଆପେ ଉତ୍ତମରୂପେ ସଜାଡ଼ି ହୋଇଯାଏ । ତଦ୍ୱାରା ବେଳକୁ ବେଳ ଅଭ୍ୟାସ ପ୍ରବଳ କରିବା ସହଜ ହୁଏ । ଶରୀରଗୁଡ଼ିକର ଉନ୍ନତି ସଙ୍ଗେ ଚେତନାର ଉନ୍ମେଷ ହୁଏ । ଏହା ଏକ ବିରାଟ ପ୍ରାକୃତିକ ନିୟମ ଯାହା ସବୁ ଲୋକ ପ୍ରତି ଏବଂ ସବୁ ଶରୀର ପ୍ରତି ପ୍ରଯୁଜ୍ୟ । ବ୍ୟାୟାମ କରିବା ଫଳରେ ସ୍ଥୂଳ ଶରୀର ହୃଷ୍ଟପୁଷ୍ଟ ଓ ସବଳ ହୁଏ । ବ୍ୟାୟାମ ଅଭ୍ୟାସ ବେଳକୁ ବେଳ ବଢ଼ାଇବା ସମ୍ଭବ ହୁଏ । ସେହିପରି ଉପଯୁକ୍ତ ଅଭ୍ୟାସ କଲେ କାମନା ଶରୀରର କରୁଣା ଓ ସ୍ନେହଭାବ ବଢ଼େ ଏବଂ କାମନା ଶରୀରର ଅନ୍ତରରେ ପରିବର୍ତ୍ତନ ହୁଏ । ଏକ ବିଷୟରେ ଯଦି ଅବିଚ୍ଛିନ୍ନଭାବେ କିଛି ସମୟ ଚିନ୍ତା କରି ହେଉ ନାହିଁ, ଉପଯୁକ୍ତ ଅଭ୍ୟାସ ଅବଲମ୍ବନ କଲେ ସେହି ପରି ଚିନ୍ତାଧାରା ସଫଳ ହୁଏ । ପ୍ରଥମ ଅବସ୍ଥାରେ ଅସୁବିଧା

Digitized by srujanika@gmail.com

ହୁଏ ଓ ବିରକ୍ତି ଜନ୍ମେ । କିନ୍ତୁ ବାରମ୍ବାର ଅଭ୍ୟାସ କଲେ ବିଘ୍ନ ଦୂର ହୁଏ ଏବଂ ବିରକ୍ତି ପରିବର୍ତ୍ତେ ଅନୁରକ୍ତି ଓ ଆନନ୍ଦ ଜାତ ହୁଏ । ମାନସ ଶରୀରରେ ତଦ୍ୱାରା ଅଧିକ ଶକ୍ତି ସଞ୍ଚାର ହୁଏ । ତହିଁର କଳୁଷ ଦୂର ହୁଏ ଏବଂ ଉନ୍ନତତର ଚିନ୍ତାଧାରା ପ୍ରବାହିତ ହେବା ଲାଗି ଉପଯୋଗୀ ହୁଏ । ଏହାର ପ୍ରଭାବରେ ମସ୍ତିଷ୍କ ଓ ସ୍ନାୟୁ ବିଭାଗ ମଧ୍ୟ ସବଳ ହୁଅନ୍ତି । ଫଳରେ ଚିନ୍ତାଧାରାର ପ୍ରକାଶ ଉତ୍କୃଷ୍ଟ ହୁଏ ।

ଦୃଶ୍ୟ ବା ଅଦୃଶ୍ୟ ଶରୀରର ପ୍ରତ୍ୟେକ ପ୍ରକୃତି ଅଭ୍ୟାସ ଦ୍ୱାରା ପରିମାର୍ଜିତ ହୁଏ । ପ୍ରକୃତିର ଏହା ଏକ ବିରାଟ ନିୟମ । ବିଜ୍ଞାନମୟ କୋଷ ଏହି ନିୟମରୁ ପୃଥକ ନୁହେଁ । ପୂର୍ବରୁ କୁହାଗଲା ଯେ ବିଜ୍ଞାନମୟ କୋଷ ସୂକ୍ଷ୍ମ ଚିନ୍ତାଧାରାର କର୍ମସ୍ଥଳ । ତେଣୁ ସୂକ୍ଷ୍ମ ଚିନ୍ତା ଅଭ୍ୟାସ କଲେ ବିଜ୍ଞାନମୟ କୋଷର ବିକାଶ ସମ୍ଭବ । ଯେଉଁ ଚିନ୍ତାଧାରା ସାହାଯ୍ୟରେ ଅନେକରୁ ଏକ ଭାବ ଜାତ ହୁଏ, ତାହା ସୂକ୍ଷ୍ମ ଚିନ୍ତା ବୋଲି ଧରଯାଏ । ଆମ୍ଭେମାନେ ସମସ୍ତେ ଦୈନନ୍ଦିନ ଜୀବନରେ ଏପରି ଚିନ୍ତାଧାରା ସହିତ ଅଧିକାଂଶ ସମୟ ଜଡ଼ିତ ରହୁ । କିନ୍ତୁ ସେଥିପ୍ରତି ଆମ୍ଭେମାନେ ଅଚେତନ ରହୁ ଏବଂ ତହିଁର ଗଠନମୂଳକ ସଦ୍‌ବ୍ୟବହାର କରିପାରୁ ନାହିଁ । ତେଣୁ ବିଜ୍ଞାନମୟ କୋଷର ବିଶେଷ ବିକାଶ ହୋଇ ପାରେ ନାହିଁ । ଉଦାହରଣସ୍ୱରୂପ ଧରାଯାଉ, ଜଣେ କିଛି ଦିନ କଞ୍ଚା ଫଳମୂଳ ଖାଇଲା । ତାହାର ସ୍ୱାସ୍ଥ୍ୟ ଓ ପେଟର ଦୁର୍ବଳତା

Digitized by srujanika@gmail.com

ହେତୁ ତାହା ସେ ହଜମ କରିପାରିଲା ନାହିଁ । ତେଣୁ ତାହାର ବ୍ୟକ୍ତିଗତ ଅନୁଭୂତିରୁ ସେ ବୁଝିଲା ଏବଂ ଜନରବ କଲା ଯେ, କଞ୍ଚା ପରିବା ଖାଇବା ଉଚିତ୍ ନୁହେଁ । ଏହା ଦ୍ୱାରା ସେ ତାହାର ବ୍ୟକ୍ତିଗତ ଅଭିଜ୍ଞତାର ସାରାଂଶ ପ୍ରକାଶ କଲା । ଅଭିଜ୍ଞତା ସମ୍ପୂର୍ଣ୍ଣ ସଠିକ୍ ନୁହେଁ ଏବଂ ସମସ୍ତଙ୍କ ପକ୍ଷରେ ତାହା ପ୍ରଯୁଜ୍ୟ ନୁହେଁ, ଅଥଚ ସେ ଯେଉଁ ଭବରେ ଚିନ୍ତା କଲା ସେହିପରି ସିଦ୍ଧାନ୍ତରେ ଉପନୀତ ହେଲା । ବିଷୟ ଗୁଡ଼ିକର ସଂପୂର୍ଣ୍ଣ ଜ୍ଞାନ ଅଭବରୁ ଆମ୍ଭେମାନେ ଏହିପରି ଅଧପନ୍ତରିଆ ଚିନ୍ତା ଦ୍ୱାରା ପ୍ରଭବିତ ହେଉ । ସଚେତନ ହୋଇ ଆମ୍ଭେମାନେ ଗଠନମୂଳକ-ଭବେ ଚିନ୍ତାଧାରା ଜାଗରିତ କରିବା ଆବଶ୍ୟକ । ସଚେତନ ହୋଇ ଯେଉଁ କାର୍ଯ୍ୟ କରାଯାଏ, ତାହା ସାଧାରଣତଃ ଉତ୍ତମ ହୁଏ । ତେଣୁ ସଚେତନ ଅବସ୍ଥାରେ ସୂକ୍ଷ୍ମଚିନ୍ତା ଅଭ୍ୟାସ କଲେ ବିଜ୍ଞାନମୟ କୋଷର ବିକାଶ ହେବା ସଙ୍ଗେ ସଙ୍ଗେ ସେହି କୋଷର ଅନ୍ତରରେ ପରିବର୍ତ୍ତନ ହୁଏ ଏବଂ ଚିନ୍ତାଧାରା ଫଳପ୍ରଦ ହୁଏ । ଏହି ଚିନ୍ତାଧାରା ବଳରେହିଁ ଆମ୍ଭେମାନେ ଅନେକରୁ ଏକ ଲକ୍ଷ୍ୟ କରିବାର ସିଦ୍ଧି ହାସଲ କରୁ ଏବଂ ଜଡ ଜଗତ ଓ ପ୍ରକୃତିର ନିୟମର ନିର୍ଦ୍ଦେଶ ପାଉ ।

କିପରି ଅଭ୍ୟାସ କଲେ ସୂକ୍ଷ୍ମଚିନ୍ତାଧାର ସୁଦକ୍ଷ ଓ ଫଳପ୍ରଦ ହୋଇପାରିବ ? କେତେଗୁଡ଼ିଏ ଉଦାହରଣ ଦ୍ୱାରା ଏହାର ବିଗ୍ଭର କରିବା । ପ୍ରଥମେ ଗୋଟିଏ ସର୍କଲ ବା ବୃତ୍ତ ଧରାଯାଉ । ଏହି

Digitized by srujanika@gmail.com

ବୃତ୍ତର ପରିଧିରୁ ଠାଏଁ ଠାଏଁ ଲିଭାଇ ଦେଲେ ବୃତ୍ତଟି ଖଣ୍ଡ-ଖଣ୍ଡିଆ ଦେଖାଯାଏ । ଧରାଯାଉ ଯେ ପରିଧିର କେତେଗୋଟି ଛୋଟ ଛୋଟ ଅଂଶ ଛଡ଼ା ଅନ୍ୟସବୁ ଭାଗ ଲିଭା ହୋଇଗଲା । ଏହି ଛୋଟ ଅଂଶ ଗୋଟିକୁ ଜଣେ ଜ୍ୟାମିତି ଜାଣିବା ବ୍ୟକ୍ତି ଦେଖି କହିବ ଯେ ତାହା ଗୋଟିଏ ସର୍କଲର ଅଂଶ । କାରଣ ଅଂଶଗୁଡ଼ିକର ରୂପରେ ସର୍କଲର ଲକ୍ଷଣ ରହେ । ଗୋଟିଏ ଚତୁର୍ଭୁଜର ଅଂଶ ମଧ୍ୟ ସେହିପରି ଜଣାଯାଏ । କେହି କେହି ଗୋଟିଏ କ୍ଷୁଦ୍ର ଅଂଶରୁ ଚିହ୍ନିପାରିବ । କେହି ବା ଦୁଇ ତିନି ଗୋଟି ଅଂଶକୁ ନେଇ ଚିହ୍ନି ପାରିବ । ଯେତେବେଳେ ଅନେକ-ଗୁଡ଼ିଏ ବିଷୟ ସାଙ୍ଗଠନିକଭାବରେ ମନର ସମ୍ମୁଖରେ ଉପସ୍ଥାପିତ କରାଯାଏ, ତନ୍ମଧ୍ୟରେ ନିହିତ ଐକ୍ୟଭାବ ପ୍ରତି ମନ ନିରୀକ୍ଷଣ କରେ । ଅଂଶର ଲକ୍ଷଣରୁ ତହିଁର ସମ୍ପୂର୍ଣତାର ଚିନ୍ତାଧାରା ଜାତ ହୁଏ । ଆଧୁନିକ ଯୁଗରେ ଯେଉଁସବୁ ବୈଜ୍ଞାନିକ ନୀତି ନିୟମ ବିକାଶ ହୋଇଛି, ତାହା କେବଳ ଏପରି ଚିନ୍ତାଧାରାର ଫଳ । ବିଜ୍ଞାନମୟ କୋଷ ଯେତେ ଅଧିକ ବିକଶିତ ହୁଏ ଏହି ଐକ୍ୟ-ଭାବ ଉପଲବ୍ଧି କରିବା ସେତେ ସହଜ ହେବ । କେବଳ ବୈଜ୍ଞାନିକଙ୍କ ପାଇଁ ଏହି ଚିନ୍ତାଧାରାର ଆବଶ୍ୟକତା ରହିଛି ତାହା ନୁହେଁ । ପ୍ରତ୍ୟେକ ମନୁଷ୍ୟର ଜୀବନରେ ଏପରି ଚିନ୍ତାଧାରା ଅଭ୍ୟାସ କରିବା ପାଇଁ ଅନେକ ସୁବିଧା ଥାଏ କିନ୍ତୁ ସେଥିପାଇଁ ଦୃଷ୍ଟି ନ ଥାଏ । ସର୍ବଶ୍ରେଷ୍ଠ ଗଣିତ ବିଦ୍ୟାଲାଗି ଏହି ଚିନ୍ତାଧାରାର ସର୍ବାପେକ୍ଷା ଅଧିକ ପ୍ରୟୋଜନ ହୁଏ । ଦର୍ଶନବିଦ୍ୟା ସକାଶେ

Digitized by srujanika@gmail.com

ମଧ୍ୟ ତାହା ପ୍ରଯୁଜ୍ୟ । ବିଜ୍ଞାନମୟ କୋଷର ଉପଯୁକ୍ତ ବିକାଶ ନ ହେଲେ, ଆତ୍ମଜ୍ଞାନର ଆଶା ସମ୍ଭବ ନୁହେଁ ।

ଆମ୍ଭେମାନେ ଜନ୍ମପରେ ଜନ୍ମ ଯେଉଁ ସବୁ ଅଭିଜ୍ଞତା ଅର୍ଜନ କରୁ ତହିଁର ସାରାଂଶ ବିଜ୍ଞାନମୟ କୋଷ ଟାଣି ନିଏ ଏବଂ ତାହାର ଗଠନପ୍ରଣାଳୀ ତଦରୂପ ପରିବର୍ତ୍ତନ ହୁଏ । ଫଳରେ ଏହି ସାରାଂଶ ପରଜନ୍ମରେ ସଂସ୍କାରରୂପରେ ନିହିତ ରହେ । ତେଣୁ ଜନ୍ମଜନ୍ମାନ୍ତରରେ ଆମ୍ଭେମାନେ ଯେଉଁ ସବୁ ଅଭିଜ୍ଞତା ଅର୍ଜନ କରୁ, ବ୍ୟକ୍ତିର ବିନାଶରେ ତାହାର ବିନାଶ ହୁଏ ନାହିଁ । ତହିଁର ସାରାଂଶ ମନୁଷ୍ୟର ଅମରଭଗକୁ ପ୍ରେରିତ ହୁଏ । ଆମ୍ଭେମାନେ ଯେତେବେଳେ ଚିନ୍ତାକରୁ ଆମ୍ଭମାନଙ୍କ ମସ୍ତିଷ୍କରେ ଥିବା ଶ୍ୱେତ ଅଂଶର ପରିବର୍ତ୍ତନ ହୁଏ । ବହୁକାଳ ପ୍ରବଳ ଚିନ୍ତା କଲେ ସେହି ପରିବର୍ତ୍ତନ ସ୍ଥାୟୀଭବେ ରହେ ଏବଂ ଚିନ୍ତା ଶକ୍ତି ବଢେ । ମନୁଷ୍ୟର ବିୟୋଗ ପରେ ମସ୍ତିଷ୍କର ମଧ୍ୟ ବିୟୋଗ ଘଟେ । କିନ୍ତୁ ମସ୍ତିଷ୍କର ଏପରି ପରିବର୍ତ୍ତନ ଯୋଗୁଁ ବିଜ୍ଞାନମୟ କୋଷରେ ଯେଉଁ ବିକାଶ ହୁଏ, ତାହା ସ୍ଥାୟୀଭବରେ ରହେ ଏବଂ ପରଜନ୍ମମାନଙ୍କରେ ପ୍ରକାଶ ହୁଏ । ଏପରି ଜନ୍ମଜନ୍ମାନ୍ତରର ଲଭ ଦ୍ୱାରା ଆତ୍ମାର କ୍ରମେ କ୍ରମେ ବିକାଶ ହୋଇ ତହିଁରେ ପରମାତ୍ମାଙ୍କ ଉନ୍ମେଷ ହୁଏ । ତେଣୁ ବିଜ୍ଞାନମୟ କୋଷର ବିକାଶ ପଥରେ ଦ୍ୱିତୀୟ ପଦକ୍ଷେପ ହେଉଛି ଆମ୍ଭମାନଙ୍କ ଚରିତ୍ର ଗଠନ । ଚରିତ୍ର ଗଠନ ଅଧାପନ୍ତରିଆ ନ ହୋଇ ସବୁ ଦିଗରେ ପରିପୂର୍ଣ୍ଣ ହେବା ଆବଶ୍ୟକ । ଯେଉଁ

Digitized by srujanika@gmail.com

ସବୁ ସଦ୍‌ଗୁଣ ଭଗବତ୍ ଗୀତା, ତ୍ରିପିଟକ, ବାଇବଲ୍, କୋରାନ୍ ବା ଅନ୍ୟାନ୍ୟ ଧର୍ମଶାସ୍ତ୍ରରେ ବର୍ଣ୍ଣିତ ହୋଇଛି, ସେଗୁଡ଼ିକର ଅଭ୍ୟାସ ବଳରେ ଆମ୍ଭମାନଙ୍କ ଚରିତ୍ରରେ ସ୍ଥାୟୀଭବେ ଅବଲମ୍ବନ କରିବା ଉଚିତ୍ । ଏଥିପାଇଁ ଜନ୍ମପରେ ଜନ୍ମ ଅକ୍ଳାନ୍ତ ପରିଶ୍ରମ ଦରକାର ! ନିଜ ଆତ୍ମାରେ ପରମାତ୍ମାଙ୍କ ଉନ୍ମେଷ ଘଟିଲେ ଭକ୍ତି, ଶକ୍ତି, ଇଛା ଓ ବୁଦ୍ଧିଶକ୍ତି ଜାଗରିତ ହୁଏ ଏବଂ ବିଜ୍ଞାନମୟ କୋଷର ଆକୃତି ଓ ରୂପ ଅତି ମନୋହର ଦିଶେ ।

ଭୂର୍ଲୋକ, ଭୁବର୍ଲୋକ ଓ ସ୍ୱର୍ଗଲୋକର ସ୍ପନ୍ଦନକ୍ରିୟା ବିଜ୍ଞାନମୟ କୋଷ ଯେପରି ଗ୍ରହଣ କରେ, ସେହିପରି ମହ ଓ ଜନଲୋକର ସ୍ପନ୍ଦନକ୍ରିୟା ମଧ୍ୟ ଅଳ୍ପ ବହୁତରେ ଗ୍ରହଣ କରେ । ଆଧ୍ୟାତ୍ମିକ ବିକାଶ ସାଧନ ବଳରେ ଏହି ଶରୀର ବିକାଶ ଗତିଶୀଳ କରାଯାଇପାରେ ଏବଂ ବହୁ ଜନ୍ମର ଫଳ ଏକ ଜନ୍ମରେ ହାସଲ କରାଯାଇପାରେ । କରୁଣା, ସ୍ନେହ ଓ ଭକ୍ତିଭବର ବିକାଶ ସାଧନ ଫଳରେ କାରଣ ଶରୀର ଅତିଶୀଘ୍ର ବିକଶିତ ହୁଏ ।

Digitized by srujanika@gmail.com

ଆନନ୍ଦମୟ କୋଷ—ଇଣ୍ଟ୍ୟୁସନାଲ୍ ବଡ଼ି

ଆତ୍ମଚେତନା ଏବଂ କାରଣ ଶରୀର କେବଳ ମନୁଷ୍ୟ ଜନ୍ମରେ ଜାତ ହୁଏ ବୋଲି ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଥମେ ପ୍ରଥମେ ନିଜର ବିକାଶ ଦିଗରେ ମନୁଷ୍ୟ ନିଜେ କିଛି ଅଗ୍ରସର ହୋଇ ପାରେ ନାହିଁ । ବହୁଜନ୍ମ ପରେ ସେ ନିଜକୁ ଚିହ୍ନେ ଏବଂ ନିଜର ବିକାଶ ନିଜେ କରିବା ପାଇଁ ଲାଗିପଡ଼େ ଓ ପ୍ରକୃତି ସହିତ ମିଳିମିଶି ପ୍ରଗତି ପଥରେ ଅଗ୍ରସର ହୁଏ । କେବଳ ଏପରି ଅବସ୍ଥାରେ ପହଞ୍ଚିଲେ ଆଧ୍ୟାତ୍ମିକବିକାଶ ଆରମ୍ଭ ହୁଏ ଏବଂ ମନୁଷ୍ୟର ଅନ୍ତରରେ ସୁପ୍ତ ବୁଦ୍ଧିର ଉଦୟ ହୁଏ । ତେଣୁ ଏହି ବୁଦ୍ଧି ବିଷୟରେ ସଠିକ୍ ଜ୍ଞାନ ବୁଦ୍ଧିମାନ୍ ବ୍ୟକ୍ତିଙ୍କ ପକ୍ଷରେ ଅତି ଆବଶ୍ୟକ । ମନୁଷ୍ୟର କାରଣ ଶରୀର ବା ବିଜ୍ଞାନମୟ କୋଷ ପରେ ଯେଉଁ ସୂକ୍ଷ୍ମତର କୋଷ ଅବସ୍ଥିତ ତାହାର ନାମ ବେଦରେ ଆନନ୍ଦମୟ କୋଷ ବୋଲି ବର୍ଣ୍ଣିତ ହୋଇଅଛି । ବ୍ରହ୍ମ-ବିଦ୍ୟା ଶାସ୍ତ୍ରରେ ଏହି ଶରୀରକୁ ଇଣ୍ଟ୍ୟୁସନାଲ୍ ବଡ଼ି ବା ବୌଦ୍ଧିକ ଶରୀର ବୋଲାଯାଏ । ଚେତନା ଯେତେବେଳେ ଏହି ଶରୀରରେ ପ୍ରବାହିତ ହୁଏ, ତହିଁରେ ଜାତ ହେବା ସ୍ପନ୍ଦନକ୍ରିୟା ବୁଦ୍ଧି ରୂପରେ ପ୍ରକାଶ ପାଏ । ତେଣୁ ବୁଦ୍ଧି ରୂପ ଓ ଅରୂପ ମନର ଅନ୍ତରାଳରେ ଅବସ୍ଥିତ । ଏହାର କ୍ରିୟା ପ୍ରକ୍ରିୟା ମନର ଗୋଚର ସାଧ୍ୟ ନୁହେଁ ।

Digitized by srujanika@gmail.com

ଏହାର ସ୍ପନ୍ଦନକ୍ରିୟାର ସମ୍ପୂର୍ଣ୍ଣ ଅର୍ଥ ଅବଗତ ହେବା ଲାଗି ମନ ଅସମର୍ଥ । ଏହି ବୁଦ୍ଧିର ଅନ୍ତରାଳରେ ଆତ୍ମା ଅବସ୍ଥିତ ।

ବୌଦ୍ଧିକ ଶରୀରରେ ଜାତ ସ୍ପନ୍ଦନକ୍ରିୟା ନିମ୍ନଗାମୀ ହୋଇ ଯେତେବେଳେ ବିଜ୍ଞାନମୟ କୋଷରେ ପହଞ୍ଚେ, ସେହି ସ୍ପନ୍ଦନକ୍ରିୟାର ସ୍ୱରୂପ ଓ ସ୍ୱଭବର ପରିବର୍ତ୍ତନ ହୋଇଯାଏ । ମାନସ ଶରୀରରେ ପହଞ୍ଚିଲେ ପୁନରାୟ ପରିବର୍ତ୍ତନ ହୁଏ । ସେହିପରି ପରିବର୍ତ୍ତନ କାମନା ଶରୀରରେ ମଧ୍ୟ ହୁଏ । ସ୍ଥୂଳ ଶରୀରର ମସ୍ତିଷ୍କରେ ପହଞ୍ଚିଲା ବେଳକୁ ସ୍ପନ୍ଦନକ୍ରିୟାର ଅଧିକାଂଶ ସ୍ୱଭବ ନଷ୍ଟ ହୋଇ କେବଳ ଆଂଶିକଭବେ ପ୍ରକାଶିତ ହୁଏ । ସାଧକ ସାଧନା ବଳରେ ଯେତେବେଳେ ଆନନ୍ଦମୟ କୋଷକୁ ଉଠେ, ସେ ଯେଉଁ ପରିମାଣରେ ଆନନ୍ଦ ଅନୁଭବ କରେ, ତାହା ବର୍ଣ୍ଣନାତୀତ । ସେଠାରେ ଜୀବର ଯେଉଁ ଐକ୍ୟଭବ ପ୍ରତ୍ୟକ୍ଷ ଅନୁଭୂତ ହୁଏ ତାହା ନିମ୍ନଗାମୀ ହୋଇ ସାର୍ବଜନୀନ କରୁଣା ଓ ଅନୁକମ୍ପା ରୂପରେ ପ୍ରକାଶ ପାଏ । ସତ୍ୟର ପ୍ରତ୍ୟକ୍ଷ ଅନୁଭୂତି ସୂକ୍ଷ୍ମଜ୍ଞାନ ରୂପରେ ପ୍ରକାଶ ପାଏ । ତେଣୁ ସ୍ଥୂଳ ଶରୀରରେ ବୁଦ୍ଧିର ଅନ୍ୱେଷଣ କରିବା ଦ୍ୱାରା ଆମ୍ଭେମାନେ ପ୍ରକୃତରେ ତହିଁର ଏକ ପ୍ରକାର ଅସ୍ପଷ୍ଟ ସ୍ପନ୍ଦନ କ୍ରିୟାର ନିର୍ଦ୍ଦେଶ ମାତ୍ର ଉପଲବ୍ଧି କରୁ ।

ବୁଦ୍ଧି ଏକ କର୍ମବହୁଳ ଶକ୍ତିପରି ପରିଲକ୍ଷିତ ହୁଏ । ମନ ଯେପରି ଏକ ସମୟରେ ଦୁଇଟି ବିଷୟ ଚିନ୍ତା କରିପାରେ ନାହିଁ ବୁଦ୍ଧି ସେହିପରି ନୁହେଁ । ବୁଦ୍ଧି ଏକ ସମୟରେ ବହୁ କର୍ମରେ

Digitized by srujanika@gmail.com

ନିୟୋଜିତ ହୋଇପାରେ । ଆନନ୍ଦମୟ କୋଷରେ କୌଣସି ପ୍ରଭେଦ ଦେଖା ନ ଗଲେ ମଧ୍ୟ ମନଦ୍ୱାରା ତାହା ଭିନ୍ନ ଭିନ୍ନ ଦେଖାଯାଏ । ମନର କେତେଗୁଡ଼ିଏ ବିଭଗ ରହିଛି ଯଥା ଯୁକ୍ତି-ଯୁକ୍ତ ଆଲୋଚନା, ସ୍ମୃତି, ବିଗ୍ୱର, ଅନୁଧ୍ୟାନ ଓ ନିରୀକ୍ଷଣ । ଏପରି ସମସ୍ତ କର୍ମକୁ ଆମ୍ଭେମାନେ ମନର କର୍ମବୋଲି ଧରୁ । ସେହିପରି ବୁଦ୍ଧିର କର୍ମରେ ମଧ୍ୟ ବିଭଗ ରହିଛି । ତହିଁର କେବଳ ଗୋଟିଏ ବିଭଗକୁ ବୁଦ୍ଧି ବୋଲି ମନେ କରିବା ଭ୍ରାନ୍ତିପୂର୍ଣ୍ଣ ହେବ । ଭଗବତ୍ ଗୀତାରେ ଏହି ବୁଦ୍ଧିର ବିଭିନ୍ନ ବିଭଗ ଭିନ୍ନ ଭିନ୍ନ ସ୍ଥାନରେ ଉପଯୋଗ କରାଯାଇଛି ଏବଂ ତାହାର ଭିନ୍ନ ଭିନ୍ନ ଅର୍ଥ ରହିଛି । ଏହା ବୁଦ୍ଧିର ଭିନ୍ନ ଭିନ୍ନ ବିଭଗ ବୋଲି ଧରିଲେ ତହିଁର ଅର୍ଥ ପାଙ୍ଗଳଭବେ ଜଣାଯିବ ।

ବୁଦ୍ଧିର ଗୋଟିଏ ସ୍ୱଭବ ବା କର୍ମ ହେଉଛି ବୁଝିବା । ଆଧୁନିକ ମନସ୍ତତ୍ତ୍ୱବିତ୍‌ଗଣ ବୁଝିବାଟାକୁ ମନର କର୍ମ ବୋଲି ଧରନ୍ତି । କିନ୍ତୁ ପ୍ରକୃତରେ ତାହା ବୁଦ୍ଧିର କର୍ମ । ବାହ୍ୟଜଗତରୁ ପ୍ରବାହିତ ପ୍ରତିବିମ୍ବଗୁଡ଼ିକ ମନ ସଜାଡ଼ି ଏକ ଛବି ଆକାରରେ ପ୍ରତିପାଦନ କରେ । କିନ୍ତୁ ବୁଦ୍ଧିର ଆଲୋକ ସେହି ଛବିରେ ନ ପଡ଼ିଲେ ବୁଝି ହୁଏ ନାହିଁ । ଛବିର ପରିପୂର୍ଣ୍ଣ ଭବାର୍ଥ ବୁଦ୍ଧି ସାହାଯ୍ୟରେ କେବଳ ହଏ । ଛବିଟି ଭବାର୍ଥରୂପେ ପରିବର୍ତ୍ତନ ହୁଏ । ମନର ବୁଝିବା ସ୍ୱଭବ ନାହିଁ । ତେଣୁ କୌଣସି ବିଷୟ ଅନ୍ତର୍ନିହିତ ଚେତନା ସମ୍ମୁଖରେ ଉପସ୍ଥାପିତ କରାଗଲେ ତାହା ବୁଝିବା କାର୍ଯ୍ୟ କେବଳ ବୁଦ୍ଧିର ଏକ ମୌଳିକ ସ୍ୱଭବ ।

Digitized by srujanika@gmail.com

ବୁଦ୍ଧିର ଅନ୍ୟ ଏକ ସ୍ୱଭବ ହେଉଛି ଇଣ୍ଟେଲିଜେନ୍‌ସ ବା ବିଜ୍ଞତା । ଆମ୍ଭେମାନେ ଯାହାକୁ ସାଧାରଣତଃ ବୁଦ୍ଧିଜୀବୀ ବୋଲି କହୁ, ସେ ଇଣ୍ଟେଲକ୍‌ଚୁଏଲ ମାତ୍ର ଯଥା ଜ୍ଞାନୀ । ତାହାର ମନ ବିଷୟବସ୍ତୁରେ ପରିପୂର୍ଣ୍ଣ । କିନ୍ତୁ ବିଜ୍ଞ ବ୍ୟକ୍ତି ସେହି ବିଷୟବସ୍ତୁର ତାତ୍ପର୍ଯ୍ୟ ବୁଝି ତହିଁର ସାରାଂଶ ଜ୍ଞାନଗୋଚର ହୋଇ ବିଜ୍ଞତା ଅର୍ଜନ କରେ । ତେଣୁ ବିଜ୍ଞତା ବୁଦ୍ଧିର ସ୍ୱଭବ । ମନର ସ୍ୱଭାବ କେବଳ ଜ୍ଞାନ ।

ବିବେକ ବୁଦ୍ଧିର କର୍ମ । ସତ୍ୟ ଅସତ୍ୟ, ନିତ୍ୟ ଅନିତ୍ୟ ଏପରି ପ୍ରଭେଦ ବିଗ୍ରର ବିବେକର କର୍ମ । ଆଧ୍ୟାତ୍ମିକ ପଥରେ ଅଗ୍ରଗତି ହେଲେ ବିବେକ ସ୍ୱଷ୍ଟଭବେ ଉଦୟ ହୁଏ । ସୂର୍ଯ୍ୟ ଉଦୟ ହେଲେ ଅନ୍ଧକାର ଯେପରି ଆପେ ଆପେ ଦୂରେଇ ହୋଇଯାଏ, ବିବେକ ଉଦୟ ହେଲେ ଅଜ୍ଞାନ ସେହିପରି ଲୋପ ହୁଏ । ବିଜ୍ଞତାର ବିକାଶ ହେଲେ ବିବେକର ଉଦୟ ହୁଏ । ମନୁଷ୍ୟ ଜୀବନର ଦୈନନ୍ଦିନ ସମସ୍ୟା ପ୍ରତି ବୁଦ୍ଧିର ପ୍ରୟୋଗକୁ ବିଜ୍ଞତା ବୋଲି ଧରାଯାଏ । କିନ୍ତୁ ଗଭୀର ଅନ୍ତରର ମୌଳିକ ସମସ୍ୟା-ଗୁଡ଼ିକୁ ଯାହା ଆଲୋକିତ କରେ ତାହା ବିବେକ ଦ୍ୱାରା ହୋଇ-ଥାଏ । ମନୁଷ୍ୟର ସାଧାରଣ ଜୀବନ ଯାପନ ପାଇଁ ଯେଉଁ ବିଜ୍ଞତା ପ୍ରୟୋଜନ, ଆଧ୍ୟାତ୍ମିକ ଜୀବନ ପାଇଁ ବହୁ ଗୁଣ ବିଜ୍ଞତା ଦରକାର । ତେଣୁ ଯେଉଁ ବ୍ୟକ୍ତି ସାଧାରଣ ଜୀବନ ବିଜ୍ଞତାର ସହିତ ଯାପନ କରିପାରେ ନାହିଁ, ତାହା ପକ୍ଷରେ ଆଧ୍ୟାତ୍ମିକ

Digitized by srujanika@gmail.com

ଜୀବନରେ ବିଜ୍ଞତା ପ୍ରୟୋଗ କରିବା କଷ୍ଟକର ହୁଏ । ବିଜ୍ଞତାକୁ ବାଦ ଦେଇ ସତ୍ୟକୁ ଅନ୍ୱେଷଣ କରିବା ବାହୁଲ୍ୟ ମାତ୍ର । ବିଜ୍ଞତା ଓ ବିବେକ ବୁଦ୍ଧିର ଦୁଇପ୍ରକାର ଭାବ । ଏହି ଦୁଇଭାବ ମଧ୍ୟରେ ପ୍ରଭେଦ ନିର୍ଣ୍ଣୟ କଲେ ଜଣାଯାଏ ଯେ ବିବେକ କେବଳ ବିଜ୍ଞତାର ବହୁଗୁଣ ମାତ୍ର ।

ବୁଦ୍ଧିର ଆଉ ଗୋଟିଏ କର୍ତ୍ତବ୍ୟ ହେଉଛି ହୃଦୟଙ୍ଗମ କରିବା ବା ଚିହ୍ନିବା । ବିବେକ ସାହାଯ୍ୟରେ ମାୟାର ଉପଶମ ହୁଏ । ଏହା ବୁଦ୍ଧିର ଏକପ୍ରକାର ବିପରୀତ କାର୍ଯ୍ୟବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଆଧ୍ୟାତ୍ମିକ ଜୀବନର ସତ୍ୟ ଉପଲବ୍ଧି କରି ତାହା ହୃଦୟଙ୍ଗମ କରିବା ହେଉଛି ବୁଦ୍ଧିର ଅସଲ କର୍ମ । ଅସତ୍ୟକୁ ପୂରାପୂରି ଚିହ୍ନି ନିବିଡ଼ ସତ୍ୟର ଅନୁସନ୍ଧାନ କରିବା ହେଉଛି ବୁଦ୍ଧିର ଶ୍ରେୟସ୍କର କର୍ମ । ଆଲୋକ ପ୍ରଭାବରେ ଯେପରି ଅନ୍ଧକାର ଆପଣାଛାଏଁ ଦୂର ହୋଇଯାଏ ଏବଂ ସ୍ଥାନଟି ମଧ୍ୟ ଆଲୋକିତ ହୁଏ, ସେହିପରି ବୁଦ୍ଧିର ପ୍ରଭାବରେ ଅଜ୍ଞାନ ଦୂର ହୁଏ ଏବଂ ସତ୍ୟର ପ୍ରକୃତ ସନ୍ଧାନ ମିଳେ । ତେଣୁ ସବୁବେଳେ ମନେ ରଖିବା ଦରକାର ଯେ, କେବଳ ବୁଦ୍ଧି ଦ୍ୱାରାହିଁ ମନୁଷ୍ୟକୁ ସତ୍ୟର ସନ୍ଧାନ ମିଳେ, ମନଦ୍ୱାରା ନୁହେଁ । ଏହି ଦିଗରେ ମନୁଷ୍ୟମାନଙ୍କ ମଧ୍ୟରେ ପ୍ରଭେଦ ଦେଖାଯାଏ । କେତେଜଣ ପ୍ରକୃତିଗତ ଭାବେ ତତ୍‌କ୍ଷଣାତ୍ ହୃଦୟଙ୍ଗମ କରନ୍ତି । ଆଉ

Digitized by srujanika@gmail.com

କେତେଜଣ ମୋଟେ ହୃଦୟଙ୍ଗମ କରିପାରନ୍ତି ନାହିଁ । ଏହିପରି ହୃଦୟଙ୍ଗମ କରିବା ବା ନ କରିବା ଯୁକ୍ତି ବା ବିଚାର ଉପରେ ନିର୍ଭର କରେ ନାହିଁ । ଏହା କେବଳ ବୁଦ୍ଧିର ପ୍ରଭବ ବଳରେ ହୁଏ । ବୁଦ୍ଧି ଉଦୟ ନହେଲେ ସତ୍ୟର ଅନୁସନ୍ଧାନ ସମ୍ଭବ ନୁହେଁ । ବୁଦ୍ଧି ବଳରେ ମନୁଷ୍ୟ ଯେଉଁ ଜ୍ଞାନ ଅର୍ଜନ କରେ, ତାହା ସ୍ଥାୟୀ ଓ ଅପରିବର୍ତ୍ତିତ ହୋଇ ରହେ । କିନ୍ତୁ ମନଦ୍ୱାରା ଯେଉଁ ଜ୍ଞାନ ଉପାର୍ଜନ କରାଯାଏ ତାହା ସୁଦୃଢ଼ ନୁହେଁ ଏବଂ କାଳକ୍ରମେ ପରିବର୍ତ୍ତିତ ହୁଏ । ଆମ୍ଭେମାନେ ସବୁଠାରେ ଦେଖୁଅଛୁ ଯେ ଅଧ୍ୟାତ୍ମିକ ଜୀବନର ସତ୍ୟତା ଉପରେ ଏହିପରି ଜ୍ଞାନୀ ଲୋକଙ୍କ ବିଶ୍ୱାସ ଅଦୃଢ଼ । ଏହି ବର୍ଗର ଲୋକ ଦିନେ ସୁଖଶାନ୍ତି ଦେଇ ଜୀବନଯାପନ କରି ଭାବନ୍ତି ଯେ, ମନୁଷ୍ୟ ବ୍ରହ୍ମର ଅଂଶ । ପରଦିନ ଦୁଃଖ କଷ୍ଟର ସମ୍ମୁଖୀନ ହୋଇ ନିଜକୁ ଓ ଦୁନିଆକୁ ବିପରୀତଭାବରେ ଦେଖନ୍ତି ଏବଂ ବ୍ରହ୍ମଭାବ ବଦଳରେ ତିକ୍ତତା ଓ ଅବିଶ୍ୱାସ ଜନ୍ମେ । ବୁଦ୍ଧିର ବିକାଶ ନ ହେଲେ ଦୁଃଖକଷ୍ଟ ଲଂଘନ କରି ଆଧ୍ୟାତ୍ମିକ ଜୀବନ ଯାପନ କରିବା ଲାଗି ଦୃଢ଼ତା ରହେ ନାହିଁ । କିନ୍ତୁ ବୁଦ୍ଧିର ନିର୍ଦ୍ଦେଶ ଭଲଭାବେ ଲକ୍ଷ୍ୟ ନ କଲେ ଅନେକ ସମୟରେ ମନ ବା ଭାବପ୍ରବଣତାର ନିର୍ଦ୍ଦେଶକୁ ବୁଦ୍ଧିର ନିର୍ଦ୍ଦେଶ ବୋଲି ଭ୍ରାନ୍ତ ଧାରଣା ଜନ୍ମିବା ସମ୍ଭବ । ଆଧ୍ୟାତ୍ମିକ ଜଗତର ସତ୍ୟତା ଦର୍ଶାଇବା ସଙ୍ଗେ ସଙ୍ଗେ ବୁଦ୍ଧି ଆମ୍ଭମାନଙ୍କ ସାଧାରଣ ଜୀବନ ଯାପନ ପାଇଁ ମଧ୍ୟ ଉତ୍କୃଷ୍ଟ ନିର୍ଦ୍ଦେଶ ଦିଏ ।

Digitized by srujanika@gmail.com

ଆମ୍ଭେମାନେ ଦୈନନ୍ଦିନ ଜୀବନରେ ନାନା ଅସୁବିଧାର ସମ୍ମୁଖୀନ ହେଉ ଏବଂ ସମୟେ ସମୟେ ଅସୁବିଧାର ପରିମାଣ ଏତେ ବଢ଼ିଯାଏ ଯେ, ସେହି ପରିସ୍ଥିତିରେ କଣ କରାଯିବ ତାହା ଅମ୍ଭେମାନେ ଠିକ୍ ବିବେଚନା କରିପାରୁନାହିଁ । ଏହି ପରିସ୍ଥିତିରେ ମନ କେତେକ ତଥ୍ୟ ଯୋଗାଏ ! କିନ୍ତୁ ଏହି ତଥ୍ୟଗୁଡ଼ିକ ପରିପୂର୍ଣ୍ଣ ସନ୍ଦେଶ ପ୍ରତିପାଦନ କରେ ନାହିଁ । ଆମ୍ଭମାନଙ୍କ ବିଚାର ମଧ୍ୟ ନିଜର ପୂର୍ବ କଳ୍ପିତ ଧାରଣା ଦ୍ୱାରା ପ୍ରଭାବିତ ହୁଏ । ତେଣୁ ଆମ୍ଭେମାନେ ଯାହା ଠିକ୍ ବୋଲି ମନେକରୁ ତାହା ସୁଦୃଢ଼ ବୋଲି ହୃଦ୍‌ବୋଧ ହୁଏ ନାହିଁ । ତେବେ ନିର୍ଭୁଲଭାବେ ଆମ୍ଭମାନଙ୍କ ପରିସ୍ଥିତି ସମ୍ମୁଖୀନ ହେବା ଆମ୍ଭମାନଙ୍କର ଭାଗ୍ୟରେ କ'ଣ ନାହିଁ ? କେବଳ ବୁଦ୍ଧିଯୁକ୍ତ ହେଲେ ତାହା ସମ୍ଭବ ! ଠିକ୍ ଭାବେ କର୍ମ କରିବା ପାଇଁ ସବୁବେଳେ ବାଟ ରହିଛି । ଉପଯୁକ୍ତ କର୍ମ ଉପଯୁକ୍ତ ସ୍ଥାନରେ ଓ ଉପଯୁକ୍ତ ସମୟରେ କରିବାହିଁ ଠିକ୍ କର୍ମ ବୋଲାଯାଏ । ଏହି ଦିଗରେ କେବଳ ବୁଦ୍ଧିହିଁ ନିର୍ଦ୍ଦେଶ ଦିଏ । ତାହା କିପରି ଓ କେଉଁ ପ୍ରଣାଳୀରେ ହେବ, ଏହି ବିଚାର ମନର କର୍ତ୍ତବ୍ୟ । କିନ୍ତୁ କ'ଣ କରିବାକୁ ହେବ ତାହା ବୁଦ୍ଧି ଯୋଗାଏ । ଆମ୍ଭମାନଙ୍କ ଭିତରେ ଆଧ୍ୟାତ୍ମିକଭାବ ଯେତେ ବଢ଼େ ସେହି ଅନୁପାତରେ ବୁଦ୍ଧିର ବିକାଶ ହୁଏ ।

ସତ୍ୟର ଅନୁସନ୍ଧାନ ପାଇଁ କିପରି ବୁଦ୍ଧି ହାତବାରିସି ପରି କାର୍ଯ୍ୟକରେ ସେଥିପାଇଁ ଉଦାହରଣ ଦରକାର । ଜୀବ ଏକ,

Digitized by srujanika@gmail.com

ଏହା ଏକ ନିରାଟ ସତ୍ୟ । କିନ୍ତୁ ଭୂର୍ଲୋକରେ ଆମ୍ଭେମାନେ ଦେଖୁଅଛୁ ଏକ ପରିବର୍ତ୍ତେ ଅନେକ । ଜୀବ ନିଜକୁ ଶରୀର ମନେକରି ଅନ୍ୟ ଜୀବଠାରୁ ପୃଥକ ମନେକରେ । ନିଜର ଓ ଅନ୍ୟର ସ୍ୱାର୍ଥ ମଧ୍ୟରେ ସଂଘର୍ଷ ଜନ୍ମେ । ତେଣୁ ପରସ୍ପର ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜେ । କିନ୍ତୁ କେତେକଙ୍କ ପକ୍ଷରେ ନିଜକୁ ଅନ୍ୟଠାରୁ ପୃଥକ ଭାବିଲେ ସୁଦ୍ଧା ଅନ୍ୟମାନଙ୍କ ପ୍ରତି କରୁଣା ବା ଅନୁକମ୍ପା ବା ଭ୍ରାତୃଭାବ ଆପେ ଜାତହୁଏ । ଅନ୍ୟର ଦୁଃଖକୁ ସେମାନେ ନିଜର ଦୁଃଖପରି ମନେ କରନ୍ତି । ଏହି ଭାବ କେଉଁଠୁ ଜାତ ହେଲା ? ମନରୁ ନିଶ୍ଚୟ ନୁହେଁ । କାରଣ ମନ ଅନେକ କାରକ । ଆତ୍ମଚେତନା ଯେତେବେଳେ ଆନନ୍ଦମୟ କୋଷରେ ଫଟରେ ମନୁଷ୍ୟ ଜୀବ ଜଗତର ଏକତା ଅନୁଭବ କରେ । ଏହି ଅନୁଭୂତି ନିମ୍ନଗାମୀ ହୋଇ ଅନୁକମ୍ପା ଓ କରୁଣା ରୂପରେ ମନୁଷ୍ୟ ଭିତରେ ପ୍ରକାଶ ପାଏ । ସାଧୁ ସନ୍ନ୍ୟାସୀଙ୍କ ଠାରେ ଏହି ଦୁଇଟି ଗୁଣ ଦେଖିବାକୁ ମିଳେ । ଯେଉଁମାନଙ୍କର ଆନନ୍ଦମୟ ଶରୀର ବିକାଶ ହୋଇନାହିଁ ସେମାନଙ୍କ ପକ୍ଷରେ ଐକ୍ୟଭାବ ଉପଲବ୍ଧି ହୁଏ ନାହିଁ ଏବଂ କରୁଣା ଅନୁକମ୍ପା ପରିବର୍ତ୍ତେ ସ୍ୱାର୍ଥପରତା ଓ ଦ୍ୱେଷଭାବ ଜାତ ହୁଏ । ସ୍ଥୂଳ ଶରୀରରେ ଏହି ଐକ୍ୟଭାବର ପ୍ରକାଶ ଦୁଇଗୋଟି ଲକ୍ଷଣ ଉପରେ ପ୍ରତିଷ୍ଠିତ । ପ୍ରଥମତଃ ସୂକ୍ଷ୍ମତର ଲୋକ ସହିତ ଅହଂକାର (ଇଗୋ) କେତେ ଦୂର ସଚେତନ ରହେ ଏବଂ ଆନନ୍ଦମୟ କୋଷ କେତେ ପରିମାଣରେ ଉନ୍ନତ ରହେ । ଦ୍ୱିତୀୟରେ ସୂକ୍ଷ୍ମରୁ ସ୍ଥୂଳ ଶରୀରକୁ ପ୍ରବାହକାରୀ ପ୍ରଣାଳୀର କେତେଦୂର ଉନ୍ମୋଚନ

Digitized by srujanika@gmail.com

ହୋଇଅଛି ଅର୍ଥାତ୍ ସୂକ୍ଷ୍ମ ଶରୀରରୁ ପ୍ରବାହିତ ହେଉଥିବା ଜ୍ୟୋତି ଓ ଜ୍ଞାନ ସ୍ଥୂଳଶରୀର କେତେ ପରିମାଣରେ ଗ୍ରହଣ କରେ । ଆନନ୍ଦମୟ କୋଷର ଉପଯୁକ୍ତ ବିକାଶ ହୋଇଥିଲେ ସୁଦ୍ଧା ପ୍ରବାହ ପ୍ରଣାଳୀରେ ଯଦି ତ୍ରୁଟି ରହେ, ତେବେ ସ୍ଥୂଳ ଶରୀର ସେହି ପ୍ରବାହ ଗ୍ରହଣ କରି ପାରେ ନାହିଁ । ସଂକୀର୍ଣ୍ଣ ମନୋଭବ, ସ୍ୱାର୍ଥପରତା ଓ ବିଷୟ ଲାଳସା ସେହି ପ୍ରବାହ ପ୍ରଣାଳୀକୁ ତ୍ରୁଟିଯୁକ୍ତ କରେ । ଫଳରେ ସୂକ୍ଷ୍ମଲୋକରୁ ଓ ସୂକ୍ଷ୍ମ ଶରୀରରୁ ପ୍ରବାହିତ ଆଲୋକ ମନ ଗ୍ରହଣ କରବାରେ ଅକ୍ଷମ ହୁଏ । ତେଣୁ ଚତୁର୍ଦ୍ଦିଗରେ ଭଗବାନ ଆମ୍ଭମାନଙ୍କୁ ବେଢି ରହିଥିଲେ ସୁଦ୍ଧା, ତାହା ସ୍ପର୍ଶ କରିବା ପାଇଁ ଆମ୍ଭେମାନେ ଅକ୍ଷମ । ସୂକ୍ଷ୍ମ ଶରୀରରେ ଯେଉଁ ଐଶ୍ୱରିକ ଜ୍ଞାନ ଉପଲବ୍ଧି କୁରାଯାଏ, ତାହା ସ୍ଥୂଳ ଶରୀରକୁ ଟାଣି ନେବାପାଇଁ ମନକୁ ନିଷ୍କଳଙ୍କ ଓ ପବିତ୍ର କରାଯିବା ଆବଶ୍ୟକ ।

ଆନନ୍ଦମୟ କୋଷର କାର୍ଯ୍ୟ ବିଷୟରେ ଯାହା ଏଠାରେ ବର୍ଣ୍ଣନା କରାଗଲା, ସେଥିରୁ ଆଧ୍ୟାତ୍ମିକ ଶକ୍ତିର ସନ୍ଧାନ ପ୍ରତୀୟମାନ ହୁଏ । ଯେଉଁ ବ୍ୟକ୍ତିଠାରେ ଏହି ଶକ୍ତି ସଞ୍ଚରେ ସେ ସତ୍ୟର ସନ୍ଧାନ ପ୍ରାପ୍ତହୁଏ । ଏହି ଜ୍ଞାନ ମନୁଷ୍ୟ ବାହ୍ୟରୁ ପାଏ ନାହିଁ ବା ଅନ୍ତରରୁ ପାଏ ନାହିଁ । ତାହା ହୃଦୟରୁ ଆପେ ଜାତ ହୁଏ । ମନୁଷ୍ୟ ନିଜେ ଜାଣିପାରେ ନାହିଁ ତାହା କେଉଁଠି ଜାତ ହେଲା । ସାଧୁ ସନ୍ନ୍ୟାସୀମାନଙ୍କ ମଧ୍ୟରେ ଅଧିକାଂଶ ଅଶିକ୍ଷିତ କିନ୍ତୁ ସେମାନେ ମାନବ ଜାତିର ମୌଳିକ ସମସ୍ୟାଗୁଡ଼ିକର ସାରାଂଶ ଅବଗତ ହୋଇ ପାରନ୍ତି ।

Digitized by srujanika@gmail.com

ବେଦରେ ବର୍ଣ୍ଣିତ ମହର୍ଲୋକକୁ ବ୍ରହ୍ମବିଦ୍ୟାରେ ବୌଦ୍ଧିକ୍ ପ୍ଲେନ୍ ବୋଲାଯାଏ । ବୁଦ୍ଧି-ଶରୀରକୁ ବେଦରେ ଆନନ୍ଦମୟ କୋଷ ବୋଲାଯାଏ । ଏହି ଆନନ୍ଦମୟ କୋଷ ମହର୍ଲୋକତତ୍ତ୍ୱଦ୍ୱାରା ଗଠିତ । ମହର୍ଲୋକରୁ ଯେଉଁ ଜ୍ଞାନ ପ୍ରବାହ ହୁଏ, ତହିଁର ଦୁଇଗୋଟି ବିଷୟ ଆମ୍ଭମାନଙ୍କୁ ମନେରଖିବାକୁ ହେବ । ପ୍ରଥମତଃ ମନର ପ୍ରଭବରୁ ଯେଉଁ ଜ୍ଞାନ ଜାତହୁଏ ସେ ତାହା ନୁହେଁ । ଉଦାହରଣସ୍ୱରୂପ ଜଣେ ସାଧୁଙ୍କୁ ମୋଟର ଗାଡ଼ିର କୌଣସି ଏକ ଅସୁବିଧା ବିଷୟରେ ପଚରାଗଲେ, ସେ ବିଜ୍ଞ ହୋଇଥିଲେ ମଧ୍ୟ ଏହି ବିଷୟରେ କିଛି ଉପଦେଶ ଦେଇ ପାରିବେ ନାହିଁ । ଯଦି ପୂର୍ବରୁ ଏହି ବିଷୟରେ ତାଙ୍କର ଅଭିଜ୍ଞତା ଥାଏ ତେବେ ସେ କିଛି କହିପାରିବେ । ଏପରି ଅଭିଜ୍ଞତା ଅର୍ଜନ କରିବା ମନର କାର୍ଯ୍ୟ, ବୁଦ୍ଧିର ନୁହେଁ । ଜଣେ ଯୋଗୀ ଯଦି ଏହି ବିଷୟରେ ଜାଣିବା ପାଇଁ ଇଚ୍ଛାକରେ, ତେବେ ତାହାଙ୍କୁ ସାଧାରଣ ପ୍ରଣାଳୀ ଅନୁସରଣ କରିବାକୁ ପଡ଼ିବ । ସେ ତାର ସାଧନା ବଳରେ ଏହି ବିଷୟରେ ଶୀଘ୍ର ଜ୍ଞାନ ଅର୍ଜନ କରିପାରେ କିନ୍ତୁ ସେହି ପ୍ରଣାଳୀ ଅବଲମ୍ବନକରି ମୋଟର ଗାଡ଼ିର କ୍ରିୟାପ୍ରଣାଳୀ ଜାଣିବାକୁ ପଡ଼ିବ । ଏହିସବୁ ଜ୍ଞାନ କେବଳ ମନର ପରିସର ଭିତରେ ହୁଏ । ବୁଦ୍ଧିରୁ ଯେଉଁ ଜ୍ଞାନ ଆସେ ତାହା ଜୀବ ଓ ମୌଳିକ ବିଷୟ ସଂଶ୍ଲିଷ୍ଟ । ତାହା ବିଷୟ ସମୂହର ସୂକ୍ଷ୍ମ ସମ୍ପର୍କର ନିର୍ଦ୍ଦେଶ ଦିଏ ଏବଂ ଐକ୍ୟଭବ ପ୍ରଦର୍ଶନ କରେ । ସୂର୍ଯ୍ୟ ଉଦୟ ହେଲେ ଯେପରି ସମସ୍ତ ବିଷୟବସ୍ତୁ ଆଲୋକିତ ହୋଇ ପ୍ରାଞ୍ଜଳଭବେ ଦେଖାଯାଏ, ସେହିପରି ବୁଦ୍ଧି ଉଦୟ ହେଲେ ମନୁଷ୍ୟର ଅନ୍ତର ଓ ବାହ୍ୟ ଆଲୋକିତ

Digitized by srujanika@gmail.com

ହୁଏ ଠିକ୍ ଅଠିକ୍, ଭଲ ମନ୍ଦ, ସତ୍ୟ ମିଥ୍ୟା ବିଷୟରେ ନିର୍ଭୁଲ ନିର୍ଦ୍ଦେଶ ଦିଏ ଏବଂ ପ୍ରତ୍ୟେକ ବିଷୟର ପ୍ରଚ୍ଛନ୍ନଭବ ପରିପୂର୍ଣ୍ଣ· ଭବେ ଉପସ୍ଥାପିତ କରେ । କିନ୍ତୁ ଏହି ବୁଦ୍ଧିର ଶକ୍ତିକୁ ଐଶ୍ୱରିକ ଶକ୍ତି ବୋଲି ମନେକରିବା ଭ୍ରାନ୍ତ ଧାରଣା ହେବ । ବୁଦ୍ଧି ଉଦୟ ହେଲେ ମନର ପ୍ରୟୋଗ ଅନାବଶ୍ୟକ ବୋଲି ବିବେଚନା କରିବା ମଧ୍ୟ ଅସଙ୍ଗତ । କାରଣ ବୁଦ୍ଧି ସହିତ ମନର କାର୍ଯ୍ୟ ମଧ୍ୟ ଦରକାର ।

ଦ୍ୱିତୀୟରେ ଆମ୍ଭମାନଙ୍କୁ ମନେରଖିବାକୁ ହେବ ଯେ, ବୁଦ୍ଧିର ଆଲୋକ ଦୁଇ ପ୍ରକାର ଗୁଣଯୁକ୍ତ । ଏକ ଦିଗରେ ମନର ମୌଳିକ ସ୍ୱଭବ ସହିତ ସମ୍ପର୍କ ରଖେ ଓ ଅନ୍ୟ ଦିଗରେ ଭବପ୍ରବଣତା (ଇମୋସନ୍) ସହିତ ମଧ୍ୟ ମୌଳିକ ସମ୍ବନ୍ଧ ରହେ । ବୁଦ୍ଧିର ପ୍ରଭବ ଯେତେବେଳେ ମନରେ ପଡ଼େ, ଆଧ୍ୟାତ୍ମିକ ଜ୍ଞାନ ଜାତ କରଏ; ଯେତେବେଳେ କାମନା ଶରୀର ଦେଇ ଭବନା ଉପରେ ପଡ଼େ ସାର୍ବଜନୀନ ସ୍ନେହ ଓ ଭକ୍ତିଭବ ଜାତ କରାଏ । ବୁଦ୍ଧି ଶକ୍ତି ଏକ, କିନ୍ତୁ ବିଭିନ୍ନ ଶରୀରରେ ପ୍ରଭବିତ ହେଲେ ତାହାର ଆଭାସ ଭିନ୍ନପ୍ରକାର ପରିଲକ୍ଷିତ ହୁଏ । ଯେପରି ବିଦ୍ୟୁତ୍‌ଶକ୍ତି ଏକ, କିନ୍ତୁ ବଲ୍‌ବ ସାହାଯ୍ୟରେ ଆଲୋକ ଦିଏ ଏବଂ ରେଡ଼ିଏଟର୍ ସାହାଯ୍ୟରେ ଉତାପ ଜାତ କରାଏ, ବୁଦ୍ଧିର ତାତ୍ପର୍ଯ୍ୟ ସେହିପରି ହୁଏ । ଜଣେ ଭବପ୍ରବଣ ବ୍ୟକ୍ତିର ବୁଦ୍ଧି ଉଦୟ ହେଲେ, ତାହାର ଅଟଳଭକ୍ତିଭବ ପ୍ରକାଶ ପାଏ । ଜଣେ ବିଜ୍ଞ ପୁରୁଷଙ୍କ ପକ୍ଷରେ

Digitized by srujanika@gmail.com

ତାହା ତତ୍ତ୍ୱଦର୍ଶିରୂପେ ଦେଖାଯାଏ । ଏହି ଭକ୍ତି ବା ତତ୍ତ୍ୱଦର୍ଶନ ଆସ୍ତେ ଅସ୍ତେ ଗଭୀରତର ହେଲେ ପ୍ରଜ୍ଞା ଉଦୟ ହୁଏ । କହିବାକୁ-ଗଲେ ତତ୍ତ୍ୱ ଅନ୍ୱେଷଣ ପରେ ଓ ଭକ୍ତିର ଉଦୟ ପୂର୍ବରୁ ପ୍ରଜ୍ଞାର ଆବିର୍ଭାବ ହୁଏ । ତେଣୁ ବିବେକ ଓ ଭକ୍ତି ଉଭୟ ସାହାଯ୍ୟରେ ବୁଦ୍ଧିର ବିକାଶ ସମ୍ଭବ । କେବଳ ବିବେକ ବା କେବଳ ଭକ୍ତି ଦ୍ୱାରା ବୁଦ୍ଧିର ସଂପୂର୍ଣ୍ଣ ବିକାଶ ସମ୍ଭବ ନୁହେଁ ।

ଏଣିକି ବୁଦ୍ଧିର ବିକାଶ ବିଷୟରେ ଆଲୋଚନା କରିବା ଆବଶ୍ୟକ । ବୁଦ୍ଧି ମନୁଷ୍ୟର ଏକ ବିଶିଷ୍ଟ ଶକ୍ତି । ଏହି ଶକ୍ତିର ଉନ୍ମେଷ ସହଜସାଧ୍ୟ ନୁହେଁ ଏବଂ ଅଧପନ୍ତରିଆ ସାଧନା କରିବା ଉଚିତ୍ ନୁହେଁ । ଅଧିକାଂଶ ମନୁଷ୍ୟଙ୍କ ପକ୍ଷରେ ଏହାର ଉନ୍ମେଷ ଅତି ଆସ୍ତେ ଆସ୍ତେ ହୁଏ । ତହିଁର ପୂର୍ଣ୍ଣବିକାଶ ଘଟିବା ପୂର୍ବରୁ ଅନେକ ଜନ୍ମ ଅତିବାହିତ କରିବାକୁ ପଡେ । ଯେଉଁ-ମାନଙ୍କ ଆଧ୍ୟାତ୍ମିକବିକାଶ ଉଲ୍ଲରୂପେ ହୋଇଅଛି କିନ୍ତୁ ବୁଦ୍ଧି ଶକ୍ତି ଅନ୍ୟ ନିମ୍ନ ଶରୀରଗୁଡ଼ିକୁ ସ୍ପଷ୍ଟ ହୋଇ ପ୍ରବାହିତ ହୋଇ ପାରୁନାହିଁ, ସେମାନଙ୍କ ପକ୍ଷରେ ଏହି ସାଧନା ଅତିଶୀଘ୍ର ଫଳପ୍ରଦ ହୁଏ । ବୁଦ୍ଧଦେବଙ୍କ ଜୀବନୀରୁ ଜଣାଯାଏ ଯେ, ତାଙ୍କୁ ଏହି ଶକ୍ତି ପରିପୂର୍ଣ୍ଣଭାବେ ହାସଲ କରିବା ପାଇଁ ଅନେକ ଜନ୍ମ ଅତିବାହିତ କରିବାକୁ ପଡ଼ିଥିଲା । ତେଣୁ ଆଧ୍ୟାତ୍ମିକ ଶକ୍ତିର କ୍ରମବିକାଶ ଅତି ମନ୍ଥର । ଧୈର୍ଯ୍ୟଧରି ଜନ୍ମପରେ ଜନ୍ମ ଆତ୍ମସାଧନା କରିବା ପାଇଁ ଯେଉଁମାନେ ଅକ୍ଷମ, ସେମାନଙ୍କର ମୋହ ମାୟା ଓ

Digitized by srujanika@gmail.com

କ୍ଳେଶଯୁକ୍ତ ଜୀବନରୁ ଉଦ୍ଧାର ପାଇ ଶୀଘ୍ର ମୁକ୍ତିଲାଭ କରିବା ସମ୍ଭବ ନୁହେଁ । ଆଧୁନିକ ଯୁଗରେ ମନୁଷ୍ୟ ଖୋଜେ ସହଜ ଉପାୟ ଯାହାଦ୍ୱାରା ସେ ସବୁ ବିଦ୍ୟା ଶୀଘ୍ର ହାସଲ କରିପାରିବ । କିନ୍ତୁ ଧୈର୍ଯ୍ୟ ସହ ନିରବଚ୍ଛିନ୍ନ ସାଧନା ନ କଲେ ଉଦ୍ଦିଷ୍ଟ ଫଳ-ପ୍ରାପ୍ତି ହୁଏ ନାହିଁ । ତେଣୁ ବୁଦ୍ଧିଶକ୍ତି ଲାଭ କରିବା ଦିଗରେ ପ୍ରଥମ ଉପାୟ ହେଉଛି ସାମୟିକ ଲାଭ ଫଳ ପ୍ରତି ଭ୍ରୂକ୍ଷେପ ନ କରି ଧୈର୍ଯ୍ୟସହ ନିରବଚ୍ଛିନ୍ନ ସାଧନା କରିବା । ଏଥିପାଇଁ ମନୋବଳ, ନିସ୍ୱାର୍ଥତା ଓ ଉଚ୍ଚକୋଟିର ପବିତ୍ରତା ଆବଶ୍ୟକ । କାରଣ ଯେତେବେଳେ ଆଧ୍ୟାତ୍ମିକ ଚେତନା ନିମ୍ନଗାମୀ ହୁଏ ବିଜ୍ଞାନ-ମୟ, ମନୋମୟ ଓ ଅନ୍ୟ ଶରୀର ଉପରେ ତାହାର ପ୍ରଭାବ ଉତ୍କଟ ହେବାର ସମ୍ଭାବନା ରହେ । ତାହା ସହ୍ୟ କରିବା ପାଇଁ ବଳିଷ୍ଠ ଚରିତ୍ର ଗଠନ ଆବଶ୍ୟକ । ଯେତେବେଳେ ଅତି ଶକ୍ତି-ଶାଳୀ ବିଦ୍ୟୁତ୍‌ଶକ୍ତି ଆମ୍ଭେମାନେ ବ୍ୟବହାର କରିବା ପାଇଁ ଯୋଗାଡ଼ କରୁ, ପ୍ରଥମେ ବିଦ୍ୟୁତ୍ ଚଳାଇବା ପାଇଁ ଯେଉଁ ତାର ଦରକାର ହୁଏ ସେଗୁଡ଼ିକ ପରୀକ୍ଷା କରି ତହିଁର ସହିଷ୍ଣୁଶକ୍ତି ପରିମାଣ ନିର୍ଣ୍ଣୟ କରି ବ୍ୟବହାର କରୁ । ତାର ଯଦି କୌଣସି ସ୍ଥାନରେ ଦୁର୍ବଳ ହୁଏ, ବିଦ୍ୟୁତ୍‌ଶକ୍ତି ସେଠାରେ ଗଳିଯାଏ ନତୁବା ସମସ୍ତ ଆୟୋଜନ ଦୁର୍ଘଟଣାଯୁକ୍ତ ହୁଏ । ସେହିପରି ଅତି ଶକ୍ତି-ଶାଳୀ ସ୍ପନ୍ଦନକ୍ରିୟା ସମ୍ଭାଳିବା ଲାଗି ଅନ୍ୟ ଶରୀରଗୁଡ଼ିକ ବଳିଷ୍ଠ ହେବା ଦରକାର । ନଚେତ୍ ବିପର୍ଯ୍ୟୟ ଘଟିବା ସମ୍ଭବ । ମନୁଷ୍ୟ

Digitized by srujanika@gmail.com

ଜୀବନରେ ଯେଉଁସବୁ ଦୁଃଖ କଷ୍ଟ ଓ ଲୋଭରୂପକ ପରୀକ୍ଷା ସମ୍ମୁଖୀନ ହେବାକୁ ପଡେ, ବାସ୍ତବରେ ଏଗୁଡ଼ିକ ବଳିଷ୍ଠ ଚରିତ୍ର ଗଠନ ପାଇଁ ଅତି ପ୍ରୟୋଜନ । ଏଥିରୁ କେତେକ ପରୀକ୍ଷା କରିବା ଉଦ୍ଦେଶ୍ୟରେ ମହାତ୍ମାମାନେ ନିୟୋଜିତ କରନ୍ତି ଏବଂ ଅନ୍ୟଗୁଡ଼ିକ ନିଜର କର୍ମଫଳ ।

ବୁଦ୍ଧିର ବିକାଶ ସକାଶେ ଆଉ ଗୋଟିଏ ଉପାୟ ହେଉଛି ନିସ୍ୱାର୍ଥ ଦୃଷ୍ଟିକୋଣ ଜାଗରିତ କରିବା । ଏହି ନିସ୍ୱାର୍ଥ ଦୃଷ୍ଟି-କୋଣ ନିତାନ୍ତ ଆବଶ୍ୟକ କାରଣ ମନୁଷ୍ୟ ଯେତିକି ଅଧିକ ଶକ୍ତିଶାଳୀ ହୁଏ, ତାହାର ସେତିକି ଅଧିକ ସତର୍କତା ଅବଲମ୍ବନ କରିବା ବିଧେୟ । ସତର୍କତାର ଅଭାବ ହେଲେ ଶକ୍ତିର ଅପବ୍ୟବହାର ହେବାର ସମ୍ଭାବନା ରହେ । ଯେ କୌଣସି ସାଧନା ଅଭ୍ୟାସ କଲେ ତଦ୍‌ସଂପର୍କୀୟ ଶକ୍ତି ବଢ଼େ । ସାଧନାବଳରେ ମନୁଷ୍ୟ ଯେତେ ଅଧିକ ଅଗ୍ରସର ହୁଏ, ତାହାର ଶକ୍ତି ସେତିକି ବଢେ ଓ ଏହା ସଙ୍ଗେ ସଙ୍ଗେ ଅନ୍ୟର ଉପକାର ଓ ଅପକାର କରିବା କ୍ଷମତା ମଧ୍ୟ ସେହି ପରିମାଣରେ ବଢ଼େ । ନିସ୍ୱାର୍ଥ ଦୃଷ୍ଟିକୋଣର ଅଭାବ ହେଲେ ଅନ୍ୟ ମନୁଷ୍ୟମାନଙ୍କ କ୍ଷତି କରିବା ସମ୍ଭାବନା ଉପୁଜେ । ଯେଉଁସବୁ ଦୈବୀଶକ୍ତି ସୂକ୍ଷ୍ମଲୋକରେ ଅବସ୍ଥାନ କରି ଜଗତ ପରିଚାଳନ କରନ୍ତି, ସେମାନେ ତତ୍ପର ରହନ୍ତି ଯେପରି ଏହି ଶକ୍ତି ସ୍ୱାର୍ଥପର ମନୁଷ୍ୟ ହସ୍ତରେ ନ ପଡ଼େ । ସାଧାରଣତଃ ଦେଖାଯାଏ ମନୁଷ୍ୟ କ୍ଷମତାପ୍ରିୟ, ଆତ୍ମସମ୍ମାନପ୍ରିୟ ଓ ନିଜର

Digitized by srujanika@gmail.com

ଘଟିଘଟିପ୍ରିୟ । ଏହା ଛଡା ସେ ସ୍ୱଚିନ୍ତାରେ ପ୍ରାୟ ସର୍ବଦା ମଗ୍ନ ରହେ । ମାନବ ସମାଜରେ ଅଧିକାଂଶ ଲୋକ ଏପରି ସ୍ୱଭାବଗ୍ରସ୍ତ ଅଟନ୍ତି । ସେମାନଙ୍କ ଜୀବନ ନିଜର ସ୍ୱାର୍ଥ ଦ୍ୱାରାହିଁ ପ୍ରଭାବିତ । ନିଜର କାର୍ଯ୍ୟ, ନିଜର କୁଟୁମ୍ବ ଓ ନିଜର ମଉଜ ମଜ-ଲିସ୍ ନେଇ ଆମ୍ଭମାନଙ୍କ ଜୀବନରେ ଅଧିକାଂଶ ସମୟ କଟେ । ଏପରି କ୍ଷୁଦ୍ର ଓ ସଂକୀର୍ଣ୍ଣ ମନୋଭାବ ଛଡ଼ା ଅନ୍ୟ ବିଷୟରେ ଆମ୍ଭମାନଙ୍କ ଚେତନା ଜାଗରିତ ହୁଏ ନାହିଁ । ଏପରି ମନୋଭାବ ପରିତ୍ୟାଗ କରିବା ନିତାନ୍ତ ଆବଶ୍ୟକ । ଆତ୍ମଭାବକୁ ପରମାର୍ଥ ଭାବରେ ପରିଣତ କରିବା ଲାଗି ଏକ ବଳିଷ୍ଠ ଉପାୟ ହେଉଛି ମାନବ ଜାତିର ସେବା କରିବା ପାଇଁ ଆନ୍ତରିକ ମନୋଭାବ ଜାତ କରିବା । ଜଗତରେ ବହୁତ ଲୋକ ମାନବ ଜାତିର ସେବା କରିବାରେ ଲାଗି ରହିଛନ୍ତି ଓ ଉତ୍ତମ କର୍ମଫଳ ସଞ୍ଚୟ କରୁଛନ୍ତି କିନ୍ତୁ ସେମାନଙ୍କ ଆତ୍ମଭାବ ପୂରାପୂରି ରହିଛି । ନିଷ୍କାମକର୍ମ ଦ୍ୱାରା ହିଁ ବୁଦ୍ଧିଶକ୍ତିର ବିକାଶ ସମ୍ଭବ ।

ବୁଦ୍ଧିର ବିକାଶ ପଥରେ ତୃତୀୟ ଉପାୟ ହେଉଛି ଦେହ, ମନ ଓ ଭାବର ପବିତ୍ରତା ଜାଗରିତ କରିବା । ଦେହ, ମନ ଓ ଭାବ ଅପରିଷ୍କାର ରହିଲେ ନତୁବା ସେଥିରେ କଳୁଷ ରହିଲେ ବୁଦ୍ଧିର ପ୍ରବାହରେ ବାଧା ସୃଷ୍ଟି ହୁଏ । ମନର ପବିତ୍ରତା ସବୁଠାରୁ ବେଶୀ ଆବଶ୍ୟକ । ଦର୍ପଣ ଉପରେ ଧୂଳି ପଡ଼ିଥିଲେ ଯେପରି ତହିଁରେ ପ୍ରତିବିମ୍ବ ପରିଷ୍କାର ଦେଖାଯାଏ ନାହିଁ ସେହିପରି ମନର

Digitized by srujanika@gmail.com

ଅପବିତ୍ରତା ଯୋଗୁଁ ସତ୍ୟର ସନ୍ଧାନ ମିଳେ ନାହିଁ । ସୂକ୍ଷ୍ମ ଓ ସ୍ଥୂଳ ଶରୀର ମଧ୍ୟରେ ଏକପ୍ରକାର ଆବରଣର ଉଦ୍‌ଭବ ହୁଏ ଏବଂ ଆତ୍ମାର ଦର୍ଶନ ଲାଭ ହୁଏ ନାହିଁ । ତେଣୁ ଦେହ, ମନ ଓ ଭାବରେ ପବିତ୍ରତା ଜାଗରିତ କରିବା ପାଇଁ ସଂଗଠିତ ଅଭ୍ୟାସ ଓ ସାଧନା ବୁଦ୍ଧିର ବିକାଶ ପଥରେ ଅପରିହାର୍ଯ୍ୟ । ଏହିପରି ଧୈର୍ଯ୍ୟ ନିଷ୍କାମ-କର୍ମ ଓ ପବିତ୍ରତା ଏହି ତିନିଗୋଟି ଗୁଣ ଜୀବନରେ ଉପଯୁକ୍ତ ପରିମାଣରେ କାର୍ଯ୍ୟକାରୀ ହେଲେ ଐଶ୍ୱରିକତ୍ୱ ଉପଲବ୍ଧି କରିବା ମନୁଷ୍ୟ ପକ୍ଷରେ ସମ୍ଭବ । ଏହି ବିଷୟରେ କେବଳ ଅଧ୍ୟୟନ ବା ଚିନ୍ତାମଗ୍ନ ହେଲେ ତାହା ଲାଭ ହେବା ସମ୍ଭବ ନୁହେଁ । ପ୍ରକୃତିର ନିୟମ ଅନୁଯାୟୀ ଯଥାରୀତି ସକ୍ରିୟ ଅଭ୍ୟାସ ଦରକାର ।

ଆଧ୍ୟାତ୍ମିକ ଚେତନା ଜାଗରିତ କରିବା ଲାଗି ଯେଉଁ ନିର୍ଦ୍ଦିଷ୍ଟ ପ୍ରଣାଳୀ ଅତୀତକାଳରୁ ଉପସ୍ଥାପିତ କରାଯାଇଅଛି, ତାହାର ବିସ୍ତାର ଏଠାରେ ଆବଶ୍ୟକ । ଅବଶ୍ୟ ମନେରଖିବା ଉଚିତ୍ ଯେ, ପ୍ରତ୍ୟେକ ମନୁଷ୍ୟ ଅନ୍ୟଠାରୁ ଭିନ୍ନ । ତେଣୁ ପ୍ରତ୍ୟେକ ନିଜ ନିଜର ପଥ ଅନ୍ୱେଷଣ କରି ସେଇ ପଥଦେଇ ଅଗ୍ରଗାମୀ ହୋଇଥାଆନ୍ତି । ଏହାର ଅର୍ଥ ହେଉଛି ଜୀବନରେ ଭିନ୍ନ ଭିନ୍ନ ମାର୍ଗର ଅଭିଜ୍ଞତା ଅର୍ଜନ କରି ପରିଶେଷରେ ନିଜକୁ ସୁବିଧା ହେବା ଭଳି ଏକ ମାର୍ଗ ଅନୁସରଣ କରିବା । ମୁକ୍ତି ପାଇବା ପାଇଁ କୌଣସି ସୁଲଭ ରାସ୍ତା ନାହିଁ । ପ୍ରତ୍ୟେକ ବ୍ୟକ୍ତି ନିଜର ନିର୍ଦ୍ଦିଷ୍ଟ ପଥ ଅବଲମ୍ବନ କଲେ ମଧ୍ୟ ତନ୍ମଧ୍ୟରେ କେତେକ ସମନିୟମ ରହେ । ଗୋଟିଏ

Digitized by srujanika@gmail.com

ହେଉଛି ମନର ବଳ ଯେଉଁ ବିଚ୍ଛିନ୍ନଭାବେ ପ୍ରଭାବିତ ହୁଏ, ତାହାକୁ ଏକତ୍ରିତ କରି ଜୀବନଧାରଣ ଓ ଜୀବନର ବିଭିନ୍ନ ସମସ୍ୟା ପ୍ରତି ନିୟୋଜିତ କରିବା । ମନକୁ ଏକ ନିର୍ଦ୍ଦିଷ୍ଟ ମୂଳ ଆଦର୍ଶ ପ୍ରତି ନିୟୋଜିତ ନ କରି ଯେତେ ଦିନ ତାହାକୁ ଇତସ୍ତତଃ ଘୂରିବା ପାଇଁ ଛଡ଼ାଯାଏ ସେତେଦିନ ସେ ଅନାବଶ୍ୟକ ବିଷୟରେ ନିମଗ୍ନ ରହେ ଏବଂ ଆମ୍ଭମାନଙ୍କଠାରୁ ସତ୍ୟ ଲୁଚିଛପିଯାଏ । ମନ ସତ୍ୟର ପ୍ରତିବନ୍ଧକ । ଏହି ଦୃଷ୍ଟିକୋଣରୁ ମନ ଆମ୍ଭମାନଙ୍କ ଶତ୍ରୁ । ଏହି ଶତ୍ରୁକୁ ପରାଜିତ କରିବା ଦରକାର । ସଦାସର୍ବଦା ମନକୁ ଜଗିବା ଦ୍ୱାରାହିଁ ବିବେକର ଉଦୟ ହୁଏ ଏବଂ ଏହାର ଆଲୋକଦ୍ୱାରା ଅସତ୍ୟରୂପକ ଅନ୍ଧକାର ଦୂର ହୋଇ ସତ୍ୟ ପ୍ରକାଶିତ ହୁଏ । ତେଣୁ ସଦାସର୍ବଦା ମନର ନିରବିଚ୍ଛିନ୍ନ ଏକାଗ୍ରତା ଲାଗି ପ୍ରବଳ ଅଭ୍ୟାସ ଆବଶ୍ୟକ । କିଛିକାଳ ଏପରି ଅଭ୍ୟାସ କଲେ ଚେତନାଶକ୍ତି ଆପେ ଆପେ ମାନସ ଶରୀର ଅତିକ୍ରମ କରି ଆନନ୍ଦମୟ କୋଷରେ ସଞ୍ଚରେ । ସେଠାରେ ସତ୍ୟ ଆଭାସପ୍ରାପ୍ତ ହୁଏ ।

ଦ୍ୱିତୀୟଟି ହେଉଛି ଭକ୍ତି ମାର୍ଗ । ଯେଉଁମାନେ ଭାବପ୍ରବଣ ସେମାନେ ଭକ୍ତିମାର୍ଗ ଅନୁସରଣ କରିବା ବିଧେୟ । ଏହି ମାର୍ଗ ଅନୁସରଣ କରିବା ଦ୍ୱାରା ଇଷ୍ଟଦେବତାଙ୍କ ପ୍ରତି ଭାବ ଓ ଭକ୍ତି ଆସ୍ତେ ଆସ୍ତେ ଅଧିକରୁ ଅଧିକତର ପ୍ରବଳ ହୋଇ ଧେୟ ଓ ଧ୍ୟାତା ମଧ୍ୟରେ ପ୍ରଭେଦ ଦୂର ହୁଏ । ଧ୍ୟେୟ ଏବଂ ଧ୍ୟାତା ଏକ

Digitized by srujanika@gmail.com

ହୁଅନ୍ତି । ଏହି ଅବସ୍ଥାରେ ଆତ୍ମଦର୍ଶନ ଲାଭ ହୁଏ ଏବଂ ବୁଦ୍ଧି ନିମ୍ନଗାମୀ ହେବା ପାଇଁ ପ୍ରଣାଳୀ ସବୁବେଳ ପାଇଁ ଖୋଲିଯାଏ । ଧ୍ୟେୟ ଏବଂ ଧ୍ୟାତା ଏକ ହେବା ସମୟରେ ମନୁଷ୍ୟର ଚେତନା ମହଲ୍ଲୋକରେ ପ୍ରବେଶ କରେ ଏବଂ ସେଠାରେ ସେ ଏହି ଏକତ୍ୱ ପ୍ରତ୍ୟକ୍ଷଭାବେ ଅନୁଭବ କରେ । ଏହାଦ୍ୱାରା ଆଧ୍ୟାତ୍ମିକ ପ୍ରେରଣା ଜାଗରିତ ହେବା ସଙ୍ଗେ ସଙ୍ଗେ ବୁଦ୍ଧିର ପ୍ରବାହ ମଧ୍ୟ ହୁଏ ।

ଆନନ୍ଦମୟ କୋଷରେ ଚେତନା ଜାଗରିତ କରିବା ଲାଗି ଗାୟତ୍ରୀ ମନ୍ତ୍ର ଜପ ଅତିଶୟ ଉପଯୋଗୀ । ଆଧାତ୍ମିକ ଜ୍ଞାନ ଲାଭ ସକାଶେ ଆମ୍ଭମାନଙ୍କ ମଧ୍ୟରେ ଯେତେବେଳେ ପ୍ରବଳ ପିପାସା ଜାତ ହୁଏ, ସେତେବେଳେ ଆମ୍ଭର ଶରୀର ଚତୁର୍ଦ୍ଦିଗରେ ଯେଉଁ ରଶ୍ମିମଣ୍ଡଳ ରହିଛି ତନ୍ମଧ୍ୟରେ ଏକପ୍ରକାର ଉତ୍ତେଜନା ସୃଷ୍ଟି ହୁଏ । ଏହି ଉତ୍ତେଜନା ସାହାଯ୍ୟରେ ସୂକ୍ଷ୍ମଲୋକରୁ ଶକ୍ତି ପ୍ରବାହ ହେବାଲାଗି ରାସ୍ତା ଉନ୍ମୁକ୍ତ ହୁଏ । ଗାୟତ୍ରୀ ମନ୍ତ୍ର ସୂର୍ଯ୍ୟ ଦେବଙ୍କ ପ୍ରାର୍ଥନା । ବୁଦ୍ଧିର ଆଲୋକପ୍ରାପ୍ତି ତହିଁର ମୂଳ ଉଦ୍ଦେଶ୍ୟ । ହୃଦୟର ସହିତ ସଦାସର୍ବଦା ଗାୟତ୍ରୀ ମନ୍ତ୍ର ଜପ କରିବା ଦ୍ୱାରା ସୂକ୍ଷ୍ମଲୋକରୁ ଶକ୍ତି ପ୍ରବାହ ହୁଏ ଏବଂ ଆନନ୍ଦମୟ କୋଷ ଅଧିକ ଆଲୋକିତ ହୁଏ । ଫଳରେ ଜ୍ଞାନର ଆଲୋକ ଅଧିକତର ହୁଏ ଏବଂ ବ୍ୟକ୍ତିର ଆଧାତ୍ମିକ ଦୃଷ୍ଟିକୋଣ ସ୍ଥାପିତ ହୁଏ ।

ଏହି ବିଶ୍ୱବ୍ରହ୍ମାଣ୍ଡ ବିଭିନ୍ନପ୍ରକାର ସ୍ପନ୍ଦନକ୍ରିୟାର କର୍ମସ୍ଥଳ । ଭିନ୍ନ ଭିନ୍ନ ସ୍ପନ୍ଦନକ୍ରିୟା ଉପଯୁକ୍ତ ପରିମାଣରେ ସଂଯୋଗ କରିବା

Digitized by srujanika@gmail.com

ଫଳରେ ତାହାଁର ପ୍ରଭାବ ସ୍ଥୂଳ ବା ସୂକ୍ଷ୍ମ ଜଗତରେ ପଡ଼େ । ଅତୀତ-କାଳରେ ଋଷି ମହର୍ଷିମାନେ ସୂକ୍ଷ୍ମଲୋକର ତତ୍ତ୍ୱ ଅନୁଧ୍ୟାନ କରି ନିର୍ଦ୍ଦିଷ୍ଟ ଫଳ ଉପଲକ୍ଷେ ଶବ୍ଦ ଓ ଚିନ୍ତାଧାରବିଶିଷ୍ଟ କେତେକ ସ୍ପନ୍ଦନ-କ୍ରିୟାର ସଂଯୋଗ ଉଦ୍‌ଭବ କରିଯାଇ ଅଛନ୍ତି । ଏପରି ସଂଯୋଗ ମନ୍ତ୍ର ଆକାରରେ ହୋଇଅଛି । ଏଗୁଡ଼ିକ ମଧ୍ୟରେ ଗାୟତ୍ରୀ ମନ୍ତ୍ର ଏକ ଶ୍ରେଷ୍ଠ ମନ୍ତ୍ର । ଆନନ୍ଦମୟ କୋଷରେ ବା ବୌଦ୍ଧିକ ଶରୀରରେ ଚେତନାର ଉନ୍ମେଷ ଓ ସଞ୍ଚାର ହେଉଛି ଏହି ମନ୍ତ୍ରର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହା ଆନନ୍ଦମୟ କୋଷର ଚେତନା ପ୍ରଭାବଶାଳୀ କରିବା ସଙ୍ଗେ ସଙ୍ଗେ ଅନ୍ୟ ନିମ୍ନସ୍ତରୀୟ କୋଷଗୁଡ଼ିକ ସହିତ ମଧ୍ୟ ସୁସମ୍ପର୍କ ସ୍ଥାପନ କରି ବୁଦ୍ଧିର ପ୍ରଭାବ ସ୍ଥୂଳଶରୀରରେ ପ୍ରକାଶ କରେ । ତେଣୁ ଗାୟତ୍ରୀ ମନ୍ତ୍ର ଉପଯୁକ୍ତଭାବେ ଜପକଲେ ବୁଦ୍ଧିର ବିକାଶ ଘଟେ । ପ୍ରବଳ ଯୋଗାଭ୍ୟାସ ଓ ଆତ୍ମସଂଯମ ବିନା ଆନନ୍ଦମୟ କୋଷରେ ଉତ୍କୃଷ୍ଟତର ଚେତନା ସଞ୍ଚରିବା ଅସାଧ୍ୟ । ମନୁଷ୍ୟ ଆନନ୍ଦମୟ କୋଷରେ ସଚେତନ ହୋଇ କର୍ମ କରିବାକୁ ହେଲେ ପ୍ରଥମେ କାମନା ଓ ମନକୁ ଅତିକ୍ରମକରି ପରେ ମହର୍ଲୋକରେ ସମାଧିସ୍ଥ ହେବା ଦରକାର । କେବଳ ସେହିଠାରେ ଜୀବର ପ୍ରକୃତ ସନ୍ଧାନ ମିଳେ ଏବଂ ନିଜର ଗୁପ୍ତ ସ୍ୱଭାବ ବିଷୟରେ ଅଭିଜ୍ଞତା ଅର୍ଜନ ହୁଏ । ଯେଉଁ ଆଧ୍ୟାତ୍ମିକ ଜୀବନର ଚିରନ୍ତନ ସତ୍ୟ ବୁଦ୍ଧି ବଳରେ ଅବଗତ ହେଉଥିଲା ସେଗୁଡ଼ିକ ସହିତ ସେ ପ୍ରତ୍ୟକ୍ଷ ସମ୍ମୁଖୀନ ହୁଏ ଏହି ସମାଧି ବଳରେ । ଥରେ ମାତ୍ର ଏପରି ଦର୍ଶନପ୍ରାପ୍ତ ହେଲେ ସେ ସ୍ଥୂଳଶରୀରରେ କର୍ମ କରୁଥିଲେ ସୁଦ୍ଧା

Digitized by srujanika@gmail.com

ନିଜର ଆଧ୍ୟାତ୍ମିକ ସତ୍ତା ଭୁଲିପାରେ ନାହିଁ । କ୍ରମେ କ୍ରମେ ଆନନ୍ଦମୟ କୋଷରେ ସଚେତନ ରହିବା ଅଭ୍ୟାସ ହୋଇଗଲେ ମନୁଷ୍ୟ ଜୀବନ ସାର୍ଥକ ହୁଏ । ମହର୍ଷି ବା ବ୍ରହ୍ମର୍ଷିଙ୍କ ପରି ଗୁରୁ ମନୁଷ୍ୟପ୍ରାପ୍ତ ହେଲେ ଏପରି ନିଜକୁ ସୂକ୍ଷ୍ମ ଶରୀରରେ ସଚେତନ ରଖିବା ଅଭ୍ୟାସ ବଢେ ଓ ଆଧ୍ୟାତ୍ମିକ ଜୀବନର ଯେଉଁସବୁ ରହସ୍ୟ ସାଧାରଣ ଲୋକଙ୍କଠାରୁ ଗୁପ୍ତ ରଖାଯାଇଅଛି, ସେହି ସମସ୍ତ ତଥ୍ୟ ପ୍ରତ୍ୟକ୍ଷଭବେ ଉପଲବ୍ଧି ହୁଏ ।

Digitized by srujanika@gmail.com

ଆତ୍ମା

କେତେକ ଧର୍ମରେ ନିର୍ଦ୍ଦେଶ ଦିଆଯାଇଛି ଯେ ମନୁଷ୍ୟର ନିଜ ଅନ୍ତରରେ ନିହିତ ଚେତନା ଶକ୍ତିରେ ସତ୍ୟ ବିଦ୍ୟମାନ । ସେହି ଧର୍ମାବଲମ୍ବୀ ମନୁଷ୍ୟମାନଙ୍କ ଧାରଣା ଜନ୍ମେ ଯେ, ସେମାନେ ଯେତେବେଳେ ଅନ୍ତର୍ମୁଖୀ ହୋଇ ଗଭୀର ଅନ୍ତରକୁ ପ୍ରବେଶ କରନ୍ତି, ପରିଶେଷରେ ଏପରି ଏକ ଅବସ୍ଥାରେ ପହଞ୍ଚନ୍ତି, ଯାହା ପରେ ଅନ୍ୟ କିଛି ଅବସ୍ଥା ଆଉ ନାହିଁ । ଜୀବନର ଶେଷସୀମାରେ ମନୁଷ୍ୟ ମୁକ୍ତିଲାଭକରେ ଏବଂ ତାପରେ ଆଉକିଛି ପାଇବାର ନାହିଁ । ଏହା ପାଇବା ପରେ ମନୁଷ୍ୟ ଜୀବନ୍ମୁକ୍ତ ହୋଇ ଏହି ଅବସ୍ଥାରେ ଚିରନ୍ତନ ରହେ ବୋଲି ସେମାନଙ୍କ ଧାରଣା । ପ୍ରତ୍ୟେକ ଧର୍ମ ଦୁଇଭାଗରେ ବିଭକ୍ତ । ଏକଭାଗ ସାଧାରଣ ଲୋକଙ୍କ ପାଇଁ ଏବଂ ଅନ୍ୟଭାଗ ସାଧକମାନଙ୍କ ପାଇଁ । ସାଧକମାନେ କହିଛନ୍ତି ଯେ, ଆଧ୍ୟାତ୍ମିକ ବିକାଶପଥରେ କୌଣସି ସୀମା ନିର୍ଦ୍ଦିଷ୍ଟ ନାହିଁ । ବ୍ରହ୍ମବିଦ୍ୟା ଶାସ୍ତ୍ରମାନଙ୍କରେ ବର୍ଣ୍ଣନା ରହିଛି ଯେ, ଆତ୍ମା ଅମର ଏବଂ ତାହାର ଭବିଷ୍ୟତ ବିକାଶର କୌଣସି ସୀମା ନାହିଁ । ସାଧକ ଆତ୍ମା ଅନ୍ୱେଷଣ ପଥରେ ଅନ୍ତରର ଯେତେ ଗଭୀରକୁ ପ୍ରବେଶକରେ, ତେତେ ଉଚ୍ଚକୋଟୀର ଜ୍ୟୋତି ସ୍ପର୍ଶ କରିବା ସଙ୍ଗେସଙ୍ଗେ ତହୁଁ ଗଭୀରତର ଅନ୍ତର ଓ ଉଚ୍ଚତର କୋଟୀର ଜ୍ୟୋତିର ସନ୍ଧାନ ମଧ୍ୟ ଲାଭ କରେ । ଏ ଲାଭର କୌଣସି ଏକ ନିର୍ଦ୍ଦିଷ୍ଟ

Digitized by srujanika@gmail.com

ସୀମା ନାହିଁ ବୋଲି ସେମାନେ କହନ୍ତି । ସବୁକାଳର ସାଧକମାନଙ୍କୁ ମନୁଷ୍ୟର ଏପରି ଅସୀମଗତି ପ୍ରକୃତିର ବିଷୟ ଜଣା । କିନ୍ତୁ ଏହି ତଥ୍ୟ ସାଧାରଣ ମନୁଷ୍ୟଙ୍କ ଗୋଚରାର୍ଥେ ଅତୀତକାଳରେ ସ୍ପଷ୍ଟଭବେ ପ୍ରକାଶ କରାଯାଇ ନ ଥିଲା । ବ୍ରହ୍ମବିଦ୍ୟା ଶାସ୍ତ୍ରମାନଙ୍କରେ ଏଥିର ବିଶେଷ ବିବରଣୀ ସମସ୍ତଙ୍କ ପାଇଁ ପ୍ରକାଶିତ ହୋଇଅଛି ।

ଭୂଲୋକର ତତ୍ତ୍ୱରୁ ଅନ୍ନମୟ ଓ ପ୍ରାଣମୟ କୋଷ, ଭୁବର୍ଲୋକର ତତ୍ତ୍ୱରୁ କାମମୟ କୋଷ, ସ୍ୱର୍ଗଲୋକରୁ ମନୋମୟ ଓ ବିଜ୍ଞାନମୟ କୋଷ, ମହର୍ଲୋକ ତତ୍ତ୍ୱରୁ ଆନନ୍ଦମୟ କୋଷ ଏବଂ ଜନଲୋକ ତତ୍ତ୍ୱରୁ ହିରଣ୍ୟମୟ କୋଷ ଗଠିତ । ହିରଣ୍ୟମୟ କୋଷରେ ସଞ୍ଚରିତ ଚେତନାକୁ ଆତ୍ମା ବୋଲାଯାଏ । ଜନଲୋକକୁ ବ୍ରହ୍ମ ବିଦ୍ୟାରେ ଆତ୍ମିକ ପ୍ଲେନ୍ କହନ୍ତି । ଏହି ପ୍ଲେନରେ ଯେଉଁ ଚେତନା ପ୍ରକାଶ ପାଏ ତାହାକୁ ଆତ୍ମା ବୋଲାଯାଏ । ଏହି ଆତ୍ମିକ ପ୍ଲେନ୍‌ରେ ଯେଉଁ ଐଶ୍ୱରିକ ଶକ୍ତି ପ୍ରବାହିତ ହୁଏ, ସେହି ଶକ୍ତିବଳରେ ହିଁ ଆମ୍ଭର ଏହି ସୂର୍ଯ୍ୟମଣ୍ଡଳର ଉତ୍ପତ୍ତି । ଐଶ୍ୱରିକ ଶକ୍ତି, ଏହି ପ୍ଲେନ୍‌ରେ ପ୍ରତ୍ୟକ୍ଷଭବେ କାର୍ଯ୍ୟକରେ । ଜୀବାତ୍ମା ଏହି ଶକ୍ତିର ଅଂଶ-ବିଶିଷ୍ଟ ଏବଂ ଉର୍ଦ୍ଧ୍ୱମାନସ, ବୌଦ୍ଧିକ୍ ଓ ଆତ୍ମିକ ପ୍ଲେନ୍‌ରେ ବିକଶିତ ଏଣୁ ଆତ୍ମାବୁଦ୍ଧିମାନସକୁ ଧରି ତ୍ରିଗୁଣାତ୍ମକ ବୋଲି ବ୍ରହ୍ମବିଦ୍ୟାରେ ବର୍ଣ୍ଣିତ । ଆତ୍ମା ମର ଓ ଅମର ମନୁଷ୍ୟର ହୃତ୍‌ପିଣ୍ଡ ପରି । ତେଣୁ ଆତ୍ମଚେତନା ଲଭକଲେ ମୁକ୍ତି ହୁଏ ଏବଂ ଏହାହିଁ ମନୁଷ୍ୟର ଶେଷଲକ୍ଷ୍ୟ ବୋଲି ସାଧାରଣ ଧାର୍ମିକ ମନୁଷ୍ୟର ଧାରଣା । କିନ୍ତୁ

Digitized by srujanika@gmail.com

ଆତ୍ମିକ ପ୍ଲେନ୍ ବା ଜନଲୋକର ଅନ୍ତରାଳରେ ତପ ଓ ସତ୍ୟ ଲୋକ ମଧ୍ୟ ଅବସ୍ଥିତ । ଏହା ଯଥାକ୍ରମେ ଅନୁପାଦକ ଓ ଆଦିପ୍ଲେନ୍ ବୋଲି ବ୍ରହ୍ମବିଦ୍ୟାରେ ବର୍ଣ୍ଣିତ ହୋଇଛି । ଏହି ଉଭୟ ଲୋକରେ ମଧ୍ୟ ଚେତନା ସଞ୍ଚରେ, କିନ୍ତୁ ଏହି ବିଷୟରେ ବିଶେଷ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ଏତିକିମାତ୍ର ଧରାଯାଇପାରେ ଯେ, ଆତ୍ମ ଦର୍ଶନ ପରେ ଅନ୍ତରାତ୍ମା ଓ ପରମାତ୍ମାର ଦର୍ଶନ ମଧ୍ୟ ସମ୍ଭବ । ଏହି ତିନିଗୋଟି ତତ୍ତ୍ୱ ମନୁଷ୍ୟର ଗଭୀର ଅନ୍ତରରେ ସୁପ୍ତ ଅବସ୍ଥାରେ ନିହିତ ରହିଅଛି ଏବଂ ତହିଁର କ୍ଷୀଣ ସନ୍ଦେଶ ସମୟେ ସମୟେ ସାଧକର ମନରେ ପଡ଼େ । ଏହାହିଁ ମନୁଷ୍ୟକୁ ପ୍ରେରଣାଦିଏ ଓ ଜ୍ଞାନପିପାସା ଜାତ କରାଏ । ଯେତେବେଳେ ଏହି ପିପାସା ପ୍ରବଳ ହୁଏ, ଆମ୍ଭମାନଙ୍କ ଅନ୍ତରର ସୁପ୍ତ ଐଶ୍ୱରିକଭବ କୌଣସିକ୍ରମେ ମନକୁ କିଞ୍ଚିତ ଆଲୋକିତ କରାଏ ।

ବ୍ରହ୍ମବିଦ୍ୟା ଶାସ୍ତ୍ରରେ ବିଭିନ୍ନ ଶରୀରଗୁଡ଼ିକର ଆକାର ଓ ରୂପ ବର୍ଣ୍ଣନା କରାଯାଇଅଛି । ସାଧନା ବଳରେ ସାଧକମାନେ ଭୁବ, ସ୍ୱର୍ଗ ଓ ମହଲୋକର ତଥ୍ୟ ସଂଗ୍ରହ କରି ଏପରି ଶରୀର ଗୁଡ଼ିକର ଆକାର ଦର୍ଶାଇଛନ୍ତି । ସେମାନେ କହିଛନ୍ତି ଯେ, ଆମ୍ଭ-ମାନଙ୍କ କାରଣ ଶରୀର ବା ବିଜ୍ଞାନମୟ କୋଷ କାମମୟ ଓ ମନୋମୟ କୋଷ ପରି ବର୍ତ୍ତୁଳାକାର ହୋଇ ମନୋମୟ କୋଷର ଚତୁର୍ଦ୍ଦିଗରେ ବିସ୍ତୃତ ହୋଇ ରହେ । ମନୁଷ୍ୟର ଜନ୍ମ ପରେ ଜନ୍ମ କ୍ରମବିକାଶ ଫଳରେ କାରଣ ଶରୀରର ପରିସର ବଢ଼ିଯାଏ ଓ

Digitized by srujanika@gmail.com

ବର୍ଣ୍ଣ ତେଜିୟାନ୍ ହୁଏ । ଆନନ୍ଦମୟ କୋଷର କିନ୍ତୁ ଏପରି ଆକାର ନ ଥାଏ । ବିସ୍ତୃତ ବର୍ତ୍ତୁଳାକାର କୋଷ ପରିବର୍ତ୍ତେ ତାହାର ଆକାର ଓ ରୂପ ନକ୍ଷତ୍ର ପରି ଦେଖାଯାଏ । ହିରଣ୍ୟମୟ କୋଷର ରୂପ ମଧ୍ୟ ସେହିପରି ନକ୍ଷତ୍ର ବିନ୍ଦୁ ପରି । ଆମ୍ଭର ଏହି ସୂର୍ଯ୍ୟମଣ୍ଡଳ ଓ ତହିଁର ସବୁଗ୍ରହଗୁଡ଼ିକ ଯେଉଁ ଶକ୍ତିବଳରେ ପ୍ରଚଳିତ ହେଉ ଅଛନ୍ତି, ସେହି ଶକ୍ତି ଆତ୍ମକ୍ ପ୍ଲେନ ବା ଜନଲୋକର ତତ୍ତ୍ୱ ଏବଂ ସେହିଗୁଡ଼ିକ ନିଜ ନିଜର ନିର୍ଦ୍ଦିଷ୍ଟ କକ୍ଷ ମଧ୍ୟରେ ଅହରହ ଘୂରୁ ଅଛନ୍ତି । ସମୂହ ସୂର୍ଯ୍ୟମଣ୍ଡଳ ମଧ୍ୟ ତହିଁର କକ୍ଷ ଦେଇ ଘୂରେ । ଏହି ଘୂର୍ଣ୍ଣନକ୍ରିୟା ଏତେ ସୁପରିଗ୍ଭଳିତ ଯେ ଏହା ସ୍ମରଣ କଲେ ଅଦ୍ଭୁତଭାବ ଜାତ ହୁଏ । ଈଶ୍ୱରଙ୍କ ଇଚ୍ଛାଶକ୍ତି ଆତ୍ମିକ ପ୍ଲେନରେ ପ୍ରଭାବିତ ହୋଇ ଏହି ଶକ୍ତି ଜାତ କରାଏ । ଈଶ୍ୱରଙ୍କ ପ୍ରତିବିମ୍ବ ସୂର୍ଯ୍ୟ । ସୂର୍ଯ୍ୟଙ୍କ ପ୍ରଭାବବଳରେ ଆଲୋକ, ଉତ୍ତାପ ଓ ଅନ୍ୟାନ୍ୟ ଶକ୍ତି ସଞ୍ଚରି ଜୀବର ବିଭିନ୍ନ ରୂପ ଓ ଆକାର ଏବଂ ତହିଁର ଉତ୍‌ଥାନ୍ ଓ ପତନ ପ୍ରତିପାଦିତ ହୁଏ । ସମୂହ ସୂର୍ଯ୍ୟମଣ୍ଡଳର ଆବଶ୍ୟକ ଶକ୍ତି ଯେପରି ଆତିକ ପ୍ଲେନରୁ (ଜନଲୋକ) ଜାତ, ସେହିପରି ଜୀବାତ୍ମାର ସକଳ ଶକ୍ତି ତାହାର ଆତ୍ମିକ ଶରୀରରୁ (ହିରଣ୍ୟମୟ କୋଷରୁ) ଜାତ । ବିଦ୍ୟୁତ୍‌ଶକ୍ତି ଯେପରି ଗୋଟିଏ ପ୍ଲଗ୍ ପଏଣ୍ଟ ଦ୍ୱାରା ବ୍ୟବହାର କରାଯାଏ, ଜୀବାତ୍ମା ସେହିପରି ଆତ୍ମିକ ପ୍ଲେନର ଏକ ପ୍ଲଗ୍ ପଏଣ୍ଟ । ଯେଉଁ ସାଧକଗଣ ଯୋଗବଳରେ ଏହି ଆତ୍ମିକ ପ୍ଲେନ ବା ଜନଲୋକର ସନ୍ଦେଶ ଉପଲବ୍‌ଧି କରି ଅଛନ୍ତି, ସେମାନେ କହିଛନ୍ତି ଯେ ସେହି ଲୋକକୁ

Digitized by srujanika@gmail.com

ସ୍ପର୍ଶ କରିବା ଦ୍ୱାରା ମନୁଷ୍ୟ ମଧ୍ୟରେ ଯେଉଁ ମହାନ୍ ଶକ୍ତି ଜାଗରିତ ହୁଏ, ତାହା ବର୍ଣ୍ଣନାତୀତ । ତାଙ୍କର ଦୁର୍ବଳତା ଓ ଅଧୈର୍ଯ୍ୟ ଲୁପ୍ତ ହୋଇ ମନୁଷ୍ୟ ମଧ୍ୟରେ ଅସୀମ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ସଞ୍ଚରିତ ହୁଏ । ଆମ୍ଭେମାନେ ଯଦି କୌଣସି ଏକ ବିଦ୍ୟୁତ୍‌ଶକ୍ତି ପ୍ରେକ୍ଷାଳୟକୁ ଯାଉଁ, ସେହି ପ୍ରେକ୍ଷାଳୟରେ ପ୍ରବାହିତ ଶକ୍ତି ଅନୁଭବ କରୁଁ । ବିଦ୍ୟୁତ୍‌ଶକ୍ତି ତାର ଦ୍ୱାରା ପ୍ରବାହିତ ହୁଏ କିନ୍ତୁ ସେହି ଅଦୃଶ୍ୟ ଶକ୍ତିର ପ୍ରଭବ ସାରା ପ୍ରେକ୍ଷାଳୟରେ ଅନୁଭବ କରାଯାଏ । ଯେତେବେଳେ ମନୁଷ୍ୟ ମଧ୍ୟରେ ଆତ୍ମଶକ୍ତି ଜାଗରିତ ହୁଏ, ସେ ଅନୁରୂପ ଅନୁଭବ କରେ । ଏହି ଶକ୍ତି ସଞ୍ଚରିବା ସେ ନିଜେ ଜାଣିପାରେ ଏବଂ ମନେକରେ ଯେପରି ତା ପ୍ରତି କୌଣସି ଅସୀମ ଶକ୍ତିଙ୍କ ଅନୁଗ୍ରହ ହୋଇଅଛି କିନ୍ତୁ ସେ ତାହା ବ୍ୟବହାର କରିପାରେ ନାହିଁ ।

ଇଚ୍ଛାଶକ୍ତି ବିଷୟରେ ଆମ୍ଭମାନଙ୍କର ନାନାପ୍ରକାର ଧାରଣା ରହିଛି । ଇଚ୍ଛାଶକ୍ତି, ପ୍ରାଣଶକ୍ତି, କାମନା ଓ କାର୍ଯ୍ୟ ବିଷୟରେ ଆମ୍ଭମାନଙ୍କ ସଠିକ୍ ଧାରଣା ରହିବା ଆବଶ୍ୟକ । ନଚେତ୍ ଅନେକ ସମୟରେ ଏକକୁ ଆରେକ ବୋଲି ମନେହୁଏ । ସାଧାରଣତଃ କାର୍ଯ୍ୟଦକ୍ଷତାକୁ ଇଚ୍ଛାଶକ୍ତି ବୋଲି ଆମ୍ଭେମାନେ ମନେକରୁଁ । ପରାକ୍ରମକୁ ମଧ୍ୟ ଇଚ୍ଛାଶକ୍ତି ବୋଲି ମନେକରୁ । କିନ୍ତୁ ଉଭୟ କାର୍ଯ୍ୟଦକ୍ଷତା ଓ ପରାକ୍ରମ ପ୍ରକୃତରେ ପ୍ରାଣଶକ୍ତିର ପ୍ରଭବ । ତାହା ଇଚ୍ଛାଶକ୍ତି ନୁହେଁ । ପ୍ରାଣଶକ୍ତି ବଳରେ କ୍ଲେକ ଓ ଅନ୍ୟ

Digitized by srujanika@gmail.com

ସୂକ୍ଷ୍ମ ଲୋକର ମୌଳିକ ପଦାର୍ଥଗୁଡ଼ିକର ସଞ୍ଚାଳନ ହୁଏ । ପ୍ରାଣଶକ୍ତି ବଳରେ ମନୁଷ୍ୟର ପରାକ୍ରମ ଓ କାର୍ଯ୍ୟଦକ୍ଷତା ଜନ୍ମେ । ଶାରୀରିକ ବଳ ବା ବାହୁବଳ ଏଥିରୁ ଉତ୍ପତ୍ତି । ଇଚ୍ଛାଶକ୍ତି କିନ୍ତୁ ପ୍ରାଣଶକ୍ତି-ଠାରୁ ପୃଥକ୍ । ଇଚ୍ଛାଶକ୍ତି ପ୍ରକୃତରେ ପ୍ରାଣଶକ୍ତିର ଚାଳକ । ଇଚ୍ଛା ଶକ୍ତି କହିଲେ କେବଳ କାମନା ବା ଇଚ୍ଛା ତତ୍ତ୍ୱକୁ ବୁଝାଏ ନାହିଁ ! ସେଥିରେ ମନସ୍ତତ୍ତ୍ୱ, ବୁଦ୍ଧିତତ୍ତ୍ୱ ଓ ଆତ୍ମତତ୍ତ୍ୱ ମଧ୍ୟ ଜଡ଼ିତ । ଇଚ୍ଛାଶକ୍ତି ଓ ପ୍ରାଣଶକ୍ତି ମଧ୍ୟରେ ନିହିତ ପାର୍ଥକ୍ୟ ଏକ ଉଦାହରଣ ଦ୍ୱାରା ବିଶ୍ଳେଷଣ କରଯାଇପାରେ । ଯଥା—ଗୋଟିଏ ମେଗ୍ନେଟ୍ ବା ଚୁମ୍ବକ ପଥରରେ ଏକ ପ୍ରକାର ଶକ୍ତି ରହିଛି । ଏହି ଶକ୍ତି ବିଦ୍ୟୁତ୍-ଶକ୍ତି ନୁହେଁ । କିନ୍ତୁ ମେଗ୍ନେଟ୍‌ଟିକୁ ଘୁରାଇଲେ ତହିଁର ଚତୁର୍ଦ୍ଦିଗରେ ଥିବା ତାରରେ ବିଦ୍ୟୁତ୍‌ଶକ୍ତି ନାନାପ୍ରକାରର ବ୍ୟବହାରରେ ଲଗାଯାଇପାରେ । ସେହିପରି ଇଚ୍ଛାଶକ୍ତି ନିର୍ଦ୍ଦେଶରେ ପ୍ରାଣଶକ୍ତି ସଞ୍ଚରେ । ଆଧ୍ୟାତ୍ମିକଶକ୍ତିର ନିକୃଷ୍ଟ ଭବକୁ ଇଚ୍ଛାଶକ୍ତି ବୋଲଯାଏ ।

ଇଚ୍ଛାଶକ୍ତି ଓ କାମନାଶକ୍ତି ମଧ୍ୟରେ ପାର୍ଥକ୍ୟ ହେଉଛି ଏହି ଯେ କାମନାଶକ୍ତି ବ୍ୟକ୍ତିବିଶେଷରେ ବ୍ୟବହୃତ ହୁଏ ଓ ଇଚ୍ଛାଶକ୍ତି ଈଶ୍ୱରଙ୍କ ଇଚ୍ଛାନୁଯାୟୀ ସାର୍ବଜନୀନ ବ୍ୟବହାରରେ ଲଗେ । ତଥା ଇଚ୍ଛାଶକ୍ତି ନିମ୍ନଗାମୀ ହୋଇ କାମନା ଶରୀରରେ ପ୍ରଭବିତ ହେଲେ କାମନାଶକ୍ତି ହୁଏ । ଏଥିରେ ଈଶ୍ୱରଙ୍କ ଇଚ୍ଛାପ୍ରତି ଲକ୍ଷ୍ୟ ଥାଏ ବା ନ ଥାଏ କିନ୍ତୁ ନିଜପ୍ରତି ସମ୍ପୂର୍ଣ୍ଣ ଲକ୍ଷ୍ୟ ରହେ । ଏହା ସ୍ୱାର୍ଥ-ପର । ଇଚ୍ଛାଶକ୍ତି ନିସ୍ୱାର୍ଥ । କାମନାଶକ୍ତି ଦ୍ୱାର ଅନେକ ସମୟରେ ଆମ୍ଭମାନଙ୍କ "ଇଗୋ" ବା ଅହଂକାର ପରିଚାଳିତ । ଯେତେବେଳେ

Digitized by srujanika@gmail.com

ମନୁଷ୍ୟର ଆତ୍ମଚେତନା ଜନ୍ମେ, ସେତେବେଳେ ଇଚ୍ଛାଶକ୍ତି ଓ କାମନାଶକ୍ତି ମଧ୍ୟରେ ଥିବା ପ୍ରଭେଦ ପରିଲକ୍ଷିତ ହୁଏ । କାମନା ବ୍ୟକ୍ତିବିଶେଷର ପ୍ରକୃତି । ଆଧ୍ୟାତ୍ମିକ ବା ଇଚ୍ଛାଶକ୍ତି ଜୀବାତ୍ମାର ପ୍ରକୃତି । ତେଣୁ ମନୁଷ୍ୟ କାମନାଶୂନ୍ୟ ହେଲେ ଇଚ୍ଛାଶକ୍ତି ପ୍ରକାଶ ପାଏ ।

ମନୁଷ୍ୟମାନଙ୍କ ମଧ୍ୟରେ ଜଣେ ଜଣେ ଅଛନ୍ତି ଯେଉଁମାନେ କୌଣସି ବିଷୟ ଲାଭ କରିବା ପାଇଁ ପ୍ରବଳ ଉଦ୍ୟମ କରନ୍ତି ଓ ସକଳ ବାଧାବିଘ୍ନ ଅତିକ୍ରମ କରି ମନୋବାଞ୍ଛା ପୂର୍ଣ୍ଣ କରନ୍ତି । ଏପରି ବ୍ୟକ୍ତିମାନଙ୍କଠାରେ ଇଚ୍ଛାଶକ୍ତି ଜାଗରିତ ହୁଏ । ସ୍ୱାର୍ଥପର ଉଦ୍ୟମ ହେତୁ ତାହା ଦୁର୍ବଳ ହୋଇ କାମନା ରୂପରେ ପରିଣତ ହୁଏ । ଅନ୍ୟ ଲୋକମାନଙ୍କୁ ନିଜର ପ୍ରଭାବରେ ଚଳାଇବାର ସ୍ୱଭାବ ସାଧାରଣତଃ ଇଚ୍ଛାଶକ୍ତିବଳରେ ହୁଏ ବୋଲି ଆମ୍ଭମାନଙ୍କର ଧାରଣା କିନ୍ତୁ ଏପରି ପ୍ରଭାବ ଦୁର୍ବଳତାର ପରିଚୟ । ଜଣେ ଅନ୍ୟଜଣଙ୍କଠାରୁ ମର୍ଯ୍ୟାଦା ଲୋଡିବା ନିଜର ଦୁର୍ବଳତାର ଚିହ୍ନ । ମନୁଷ୍ୟ ଇଚ୍ଛାଶକ୍ତିଯୁକ୍ତ ହେଲେ ଏପରି ଭାବ ଆଦୌ ଜନ୍ମେ ନାହିଁ । ସେ ସମସ୍ତଙ୍କୁ ଆନ୍ତରିକ ଭକ୍ତି କରେ ଓ ସମ୍ମାନ ଦିଏ । ଫଳରେ ସମସ୍ତେ ତା ପ୍ରତି ଅନୁରୂପ ଭକ୍ତି ଓ ଶ୍ରଦ୍ଧା କରନ୍ତି । ଯେଉଁମାନଙ୍କଠାରେ ଦୁର୍ବଳତା ଥାଏ, ସେମାନଙ୍କର ନିଜ ଉପରେ ବିଶ୍ୱାସ ହ୍ରାସ ହୁଏ ଏବଂ ଆତ୍ମମର୍ଯ୍ୟାଦା ଖୋଜି ବୁଲନ୍ତି । ଏପରି ଲୋକମାନଙ୍କ ଇଚ୍ଛାଶକ୍ତି ଅତିଶୟ ଦୁର୍ବଳ ।

Digitized by srujanika@gmail.com

ଇଚ୍ଛାଶକ୍ତି ଓ କାର୍ଯ୍ୟ ମଧ୍ୟରେ ପ୍ରଭେଦ ମଧ୍ୟ ଉତ୍ତମରୂପେ ବୁଝିବା ଆବଶ୍ୟକ । ଆଧୁନିକ ମନସ୍ତତ୍ତ୍ୱବିଦ୍‌ଗଣ ଇଚ୍ଛାଶକ୍ତି ଓ କାର୍ଯ୍ୟ ମଧ୍ୟରେ ରହିତ ଘିନିଷ୍ଠ ସମ୍ପର୍କ ଉପଲବଧି କରନ୍ତି ଏବଂ ସେମାନେ କହନ୍ତି, ଯେ ଇଚ୍ଛାଶକ୍ତି ହିଁ କାର୍ଯ୍ୟର ଉଦ୍ଦ୍ୟୋକ୍ତା ! ପ୍ରକୃତରେ ପ୍ରତ୍ୟେକ କାର୍ଯ୍ୟର ଉଦ୍ଦେଶ୍ୟ ଓ ଉଦ୍ୟମ ଇଚ୍ଛାଶକ୍ତି ଦ୍ୱାରା ଜାତ ବୋଲି ସେମାନଙ୍କ ଧାରଣା । ମନୁଷ୍ୟର ଆଚରଣକୁ ଲକ୍ଷ୍ୟ କଲେ ଏହି ବିଷୟରେ ଯଥେଷ୍ଟ ପ୍ରମାଣ ମିଳେ । ଆମ୍ଭେମାନେ ଜାଣୁ ଯେ, ଅନେକ ବ୍ୟକ୍ତି ନାନାପ୍ରକାର କଳ୍ପନାଜଳ୍ପନା କରନ୍ତି କିନ୍ତୁ କାର୍ଯ୍ୟରେ ପରିଣତ କରିପାରନ୍ତି ନାହିଁ । ସେମାନେ ବହୁ ପରିଶ୍ରମ କରି କଳ୍ପନା କରନ୍ତି ଏବଂ ତହିଁର ଟିକିନିଖି ବିଗ୍ଚର ମଧ୍ୟ କରନ୍ତି । କିନ୍ତୁ ଯେତେବେଳେ ତାହା କାର୍ଯ୍ୟରେ ପରିଣତ କରିବାର ସମୟ ପହଞ୍ଚେ, ସେମାନଙ୍କ ଅନ୍ତରର ଦୁର୍ବଳତା ପ୍ରତିବନ୍ଧକ ହୁଏ ଏବଂ ସେମାନେ ସେଥିରୁ ନିବୃତ୍ତ ହୋଇ ଅନ୍ୟ ଏକ ଭିନ୍ନ ପଥରେ ଗତି କରନ୍ତି । ଦୃଢ଼ତା ଅଭାବରୁ ସେମାନଙ୍କ କଳ୍ପନା କାର୍ଯ୍ୟକାରୀ ହୁଏନାହିଁ । ଆମ୍ଭମାନଙ୍କ ଚରିତ୍ର ଗଠନ ଆମ୍ଭେମାନେ କରିବା କାର୍ଯ୍ୟ ଉପରେ ନିର୍ଭର କରେ । ଅବଶ୍ୟ ମନୁଷ୍ୟର ଚିନ୍ତା ଓ ଭାବନା ଦ୍ୱାରା କାର୍ଯ୍ୟ ପ୍ରଭାବିତ ହୁଏ ଓ ଚରିତ୍ରର ପରିବର୍ତ୍ତନ କରାଏ କିନ୍ତୁ ମନେରଖିବା ଆବଶ୍ୟକ ଯେ, ଯେତେବେଳପର୍ଯ୍ୟନ୍ତ ଆମ୍ଭମାନଙ୍କ ଚିନ୍ତା ଓ ଭାବନା କାର୍ଯ୍ୟରେ ପରିଣତ ନ ହୋଇଛି, ସେତେବେଳ ପର୍ଯ୍ୟନ୍ତ ଆମ୍ଭମାନଙ୍କ ଜୀବନରେ କୌଣସି ପରିବର୍ତ୍ତନ ହୁଏନାହିଁ । ଦୃଢ଼ତା ଅଭାବରୁ ଦୁର୍ବଳତା ଜାତ ହୁଏ ।

Digitized by srujanika@gmail.com

ଇଚ୍ଛାଶକ୍ତିର ଦୁର୍ବଳତା ଯୋଗୁଁ ଦୃଢ଼ତା ଅଭାବ ହୁଏ । ଆଶା, ଅଭିଳାଷ ଓ କଳ୍ପନା ସ୍ୱପ୍ନ ପରି ସେହି ଆଶା ଅବସ୍ଥାରେ ରହିଯାଏ । ଏଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ହେଲେ ଅନ୍ତରରେ ଶକ୍ତି ପ୍ରସ୍ଫୁଟିତ ହେବା ଦରକାର । ଏହି ଶକ୍ତି ଅନ୍ତରରେ ଜାଗ୍ରତ ହେଲେ ମନୁଷ୍ୟଙ୍କୁ ଅଥୟ କରିଦିଏ ଏବଂ କାର୍ଯ୍ୟ ସମ୍ପାଦନ କରିବା ଦିଗରେ ଅତି ପ୍ରବଳଭାବରେ ନିୟୋଜିତ କରେ । ଅବଶ୍ୟ କାର୍ଯ୍ୟର କର୍ତ୍ତାହେଉଛି ପ୍ରଥମେ ଚିନ୍ତା, କିନ୍ତୁ ଚିନ୍ତାନୁରୂପ କାର୍ଯ୍ୟ ଦ୍ୱାରାହିଁ ଚିନ୍ତାର ସୁଦୃଢ଼ ବିକାଶ ଘଟେ ଏବଂ ମନୁଷ୍ୟର ଉଭୟ ଅନ୍ତରରେ ଓ ବାହ୍ୟରେ ପରିବର୍ତ୍ତନ ହୁଏ । ମସ୍ତିଷ୍କରେ ସ୍ନାୟୁପ୍ରଣାଳୀରେ ଏବଂ ମନରେ ମଧ୍ୟ ପରିବର୍ତ୍ତନ ହୁଏ । ଏପରି ପରିବର୍ତ୍ତନ ହେଲେ ଇଚ୍ଛାଶକ୍ତି ସହଜେ ଶରୀରରେ ପ୍ରକଟିତ ହୁଏ । ଏହି ଶକ୍ତି ପ୍ରାଣଶକ୍ତି, କାମନା ଓ କାର୍ଯ୍ୟର କାରକ ହେଲେହେଁ ସ୍ୱୟଂ ସକ୍ରିୟ ନୁହେଁ । ରାଜା ଯେପରି ଦେଶର କର୍ତ୍ତା କିନ୍ତୁ ସେ ନିଜେ ଯୁଦ୍ଧ କ୍ଷେତ୍ରରେ ଯୁଦ୍ଧକରେ ନାହିଁ ବା ଶାସନ କରେ ନାହିଁ, ଇଚ୍ଛାଶକ୍ତିର ସ୍ଥାନ ସେହିପରି । ମନୁଷ୍ୟର ଅନ୍ତରରେ ପୁରୁଷ ଯେପରି ଦ୍ରଷ୍ଟାରୂପେ ଅବସ୍ଥିତ ସେହିପରି ଇଚ୍ଛାଶକ୍ତି ମଧ୍ୟ ନିଷ୍କ୍ରିୟଭାବେ ଅବସ୍ଥିତ । ଜନସମାଜର ଯେ ପ୍ରକୃତ ନେତା, ସେ କେବେ ନିଜର କ୍ଷମତା ବାଢ଼ି ବସେ ନାହିଁ ବା ବଳପ୍ରୟୋଗ କରି ସେମାନଙ୍କୁ ନିୟୋଗ କରେ ନାହିଁ । ତାହାର ଉପସ୍ଥିତ ଲୋକଙ୍କ ମଧ୍ୟରେ ଉପଯୁକ୍ତ ପ୍ରେରଣା ଜାଗରିତ କରେ ଓ ସେମାନେ ଏକଜୁଟ ହୋଇ କାର୍ଯ୍ୟ କରନ୍ତି ଆମ୍ଭମାନଙ୍କ ଅନ୍ତରରେ ଯେଉଁ ଶକ୍ତିବିଦ୍ୟମାନ ତାହା ଅଦୃଶ୍ୟ

Digitized by srujanika@gmail.com

ତାହର ଆଂଶିକ ପ୍ରଭବ କେବଳ ଆମ୍ଭେମାନେ ହୃଦୟଙ୍ଗମ କରୁ । ଏହି ଶକ୍ତି ଯଦି ଆମ୍ଭେମାନେ ନିଜ ଅନ୍ତରରେ ଖୋଜି ବାହାର କରି ତାହାର ସଦ୍‌ବ୍ୟବହାର କରିପାରୁ, ତେବେ ଆମ୍ଭମାନଙ୍କ ଜୀବନ ସାର୍ଥକ ହେଲା ବୋଲି ଆନନ୍ଦ ଅନୁଭୂତ ହେବ ।

ଏହି ଇଚ୍ଛାଶକ୍ତି ଆତ୍ମିକ ପ୍ରେନର ତତ୍ତ୍ୱରୁ ଉତ୍ପତ୍ତି ଓ ଆତ୍ମାର ପ୍ରଭବ । ଆତ୍ମିକ ପ୍ରେନରେ ଏହାର ପ୍ରଭବ ଅକଳନୀୟ । କିନ୍ତୁ ତାହା ଅବତରଣ କରି ସ୍ଥୂଳଶରୀରରେ ପ୍ରକାଶ ହେଲାବେଳକୁ ତାହାର ସ୍ୱଭବ ପରିବର୍ତ୍ତିତ ହୋଇ କେବଳ ଆଂଶିକ ଓ କ୍ଷୀଣ-ଭବେ ଉପଲବ୍‌ଧି ହୁଏ । ଅଭ୍ୟାସ ଓ ସାଧନ ବଳରେ ଏହି ଶକ୍ତିର ଉନ୍ମେଷ କରଯାଇ ପାରିବ । ପ୍ରକୃତରେ ଏହାହିଁ ଆଧ୍ୟାତ୍ମିକ ଶକ୍ତି ବା ଐଶ୍ୱରିକ ଶକ୍ତି । ଏହା ଆମ୍ଭମାନଙ୍କ ହିରଣ୍ୟମୟ କୋଷ, ଆନନ୍ଦମୟ କୋଷ, ବିଜ୍ଞାନମୟ କୋଷ, ମନୋମୟ କୋଷ, କାମମୟ କୋଷ, ପ୍ରାଣମୟ କୋଷ ଯଥାକ୍ରମେ ଭେଦକରି ଅନ୍ନମୟ କୋଷରେ ଜାଗରିତ ହେଲେ ଆମ୍ଭେମାନେ ତାହା ଜାଣିପାରୁ । ସାଧାରଣତଃ ଆମ୍ଭେମାନେ ଅଥୟହୋଇ ଅପୂର୍ବ ସାହସ ଓ ବିଚକ୍ଷଣ-ତାସହ କାର୍ଯ୍ୟ କରୁ । ଏହି ଶକ୍ତି ବିଭିନ୍ନ ଶରୀର ଦେଇ ଅବତରଣ କଲାବେଳେ ପ୍ରତ୍ୟେକ ପ୍ରେନ୍‌ର ତତ୍ତ୍ୱ ଓ ନୀତି ଅନୁଯାୟୀ ଭିନ୍ନ ଭିନ୍ନ ଆକାର ଓ ଭବ ପ୍ରକାଶ କରେ ।

ଆମ୍ଭମାନଙ୍କ ଜୀବନରେ ଆତ୍ମାର ପ୍ରଭବ ଉନ୍ମେଷ କରିବା ଲାଗି ପ୍ରଥମ ପଦକ୍ଷେପ ହେଉଛି ଆମ୍ଭମାନଙ୍କ ଚେତନାକୁ ବ୍ୟକ୍ତି-

Digitized by srujanika@gmail.com

ବିଶେଷରୁ ଉଦ୍ଧାର କରି "ଇଗୋ"ରେ ବା ଅହଂକାର ସ୍ତରରେ କେନ୍ଦ୍ରୀଭୂତ କରିବା । ଯେତେବେଳଯାଏଁ ଚେତନା ସ୍ଥୂଳଶରୀର, କାମମୟଶରୀର ଓ ମନୋମୟଶରୀରରେ କେନ୍ଦ୍ରୀଭୂତ ହୁଏ, ବ୍ୟକ୍ତି-ବିଶେଷରେ ନିମଗ୍ନ ରହିବା ଦ୍ୱାରା ଆତ୍ମଶକ୍ତିର ବିକାଶ ସମ୍ଭବ ହୁଏ ନାହିଁ । ଚେତନା ଏଥିରୁ ଉତ୍ତୀର୍ଣ୍ଣ ହୋଇ ବିଜ୍ଞାନମୟ କୋଷରେ ବା ଆନନ୍ଦମୟ କୋଷରେ କେନ୍ଦ୍ରୀଭୂତ ହେଲେ ବିକାଶ ଲାଭ ହୁଏ । ଆତ୍ମଶକ୍ତି ଅବତରଣ କରିବା ଲାଗି ଯେଉଁ ରାସ୍ତା ରହିଛି ତାହା ଉନ୍ମୁକ୍ତହେଲେ ଆତ୍ମଶକ୍ତିର ଅବିଛିନ୍ନ ପ୍ରବାହ ଉପୁଜେ ଏବଂ ତତ୍-ସଙ୍ଗେ ବୁଦ୍ଧିଶକ୍ତି ଓ ଭକ୍ତିର ପ୍ରବାହ ମଧ୍ୟ ହୁଏ । ଏହା ଉନ୍ମୁକ୍ତ କରିବା ପାଇଁ ଦୁଇଟି ପ୍ରଣାଳୀ ରହିଛି । ପ୍ରଥମତଃ ଆମ୍ଭମାନଙ୍କର ବିଶୁଦ୍ଧ ପ୍ରକୃତି ଓ ଜୀବନର ଉଦ୍ଦେଶ୍ୟ ବିଷୟରେ ସଦାସର୍ବଦା ଜାଗ୍ରତ ହୋଇ ରହିବା ଅଭ୍ୟାସ ଦରକାର । ଏହି ଦିଗରେ କେବଳ ସଂକଳ୍ପକଲେ ଯଥେଷ୍ଟ ହୁଏ ନାହିଁ । ଅବିରତ ଦୃଢ଼ ଅଭ୍ୟାସ ଆବଶ୍ୟକ । ଦିନେ ଦୁଇଦିନ ମାସେ ଦୁଇମାସ ବା ବର୍ଷେ ଦୁଇବର୍ଷ ଏଥିପାଇଁ ଯଥେଷ୍ଟ ନୁହେଁ । ବହୁକାଳ ଦୃଢ଼ସାଧନା ଦରକାର । ଆମ୍ଭମାନଙ୍କ ମନ, ଇଚ୍ଛା ଓ କ୍ରିୟା ବହୁକାଳ ଅବରୁଦ୍ଧ ହୋଇ ଆସିଅଛି । ପ୍ରତ୍ୟେକେ ନିଜ ନିଜର ସଂସ୍କାର ପ୍ରଭାବରେ ପରିବେଷ୍ଟିତ ପରିସ୍ଥିତି ସହିତ ସଂଘର୍ଷ କରି ଚାଲିଛନ୍ତି । ଏହି ସ୍ୱଭାବ ନିରୋଧ କରି ସେଗୁଡ଼ିକୁ ଏକ ନୂତନ ପଥରେ ଅଭ୍ୟସ୍ତ କରିବା କିଛି ସହଜ କଥା ନୁହେଁ । ତେଣୁ ଏହି ଦିଗରେ ଅଭ୍ୟାସ କରିବା ପାଇଁ ଦୃଢ଼ତା ଦ୍ୱିଗୁଣ ହେବା ଆବଶ୍ୟକ । ସଦାସର୍ବଦା ଏଥିପ୍ରତି

Digitized by srujanika@gmail.com

ଜାଗ୍ରତ ରହିବା ଅଭ୍ୟାସ ନିତାନ୍ତ ଦରକାର । ମନର କାମନା ନିରୋଧ କରି ଚେତନାକୁ "ଇଗୋ"ରେ କେନ୍ଦ୍ରୀଭୂତ କରିବାରେ ଆମ୍ଭେମାନେ ଅଭ୍ୟସ୍ତ ନୋହୁଁ । ତେଣୁ ସାଧନା କରିବା ସମୟରେ ବାରମ୍ବାର ଲକ୍ଷ୍ୟଭ୍ରଷ୍ଟ ହେବାକୁ ପଡ଼େ । ପ୍ରଥମ ଅବସ୍ଥାରେ ଏହା ସ୍ୱାଭବିକ ଘଟେ କିନ୍ତୁ ଆମ୍ଭମାନଙ୍କ ଚେତନା ନିଜ ବ୍ୟକ୍ତିତ୍ୱରୁ ଉତ୍ତୀର୍ଣ୍ଣ ହେଲେ ସାଧାରଣତଃ ମନୁଷ୍ୟ ଅନ୍ତର୍ମୁଖୀ ହୁଏ ।

ଦ୍ୱିତୀୟରେ ପ୍ରବଳ ଧ୍ୟାନ ଅଭ୍ୟାସବଳରେ ଆତ୍ମଶକ୍ତି ଅବତରଣ କରିବା ଲାଗି ଯେଉଁ ପ୍ରଣାଳୀ ରହିଛି, ତାହା ଉନ୍ମୁକ୍ତ ହୁଏ । ଧ୍ୟାନଦ୍ୱାରାହିଁ ଏହି ପ୍ରଣାଳୀ ଉନ୍ମୁକ୍ତ ହୁଏ ବୋଲି ସାଧକ-ମାନେ ଅତୀତକାଳରୁ ଦର୍ଶାଇ ଅଛନ୍ତି । ଦୃଢ଼ତାର ସହିତ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଓ ସ୍ଥାନରେ ଧ୍ୟାନ ଅଭ୍ୟାସ କଲେ ସାଧକ ନିଜେ ତହିଁର ଫଳ ଅନୁଭବ କରେ । ପ୍ରାୟ ଦୁଇ ତିନି ବର୍ଷ ଏପରି ଅଭ୍ୟାସ କଲେ ତହିଁର ଉପକାରିତା ଯେ କୌଣସି ବ୍ୟକ୍ତି ଅନୁଭବ କରିପାରେ । ଏହି ଅଭ୍ୟାସ ବଳରେ ଚିନ୍ତାଶକ୍ତି ଓ ଇଚ୍ଛାଶକ୍ତି ବଢ଼େ । ଆତ୍ମବିଶ୍ୱାସ ଦୃଢ଼ତର ହୁଏ ଏବଂ ଅସମ୍ଭବ ବିଷୟ ସମ୍ଭବ ହେବା ନିର୍ଦ୍ଦେଶନ ମିଳେ । ପ୍ରଥମ ଅବସ୍ଥାରେ ଅଭ୍ୟାସ କରିବା ପାଇଁ ପ୍ରଗାଢ଼ ଚେଷ୍ଟା ଆବଶ୍ୟକ । ପରେ ଅଭ୍ୟାସ ସ୍ଥାୟୀ ହୁଏ ଏବଂ ମନୁଷ୍ୟର ଏକ ପ୍ରକୃତି ରୂପେ ପରିଣତ ହୁଏ । ଏହି ଅବସ୍ଥାରେ ଆଉ ଚେଷ୍ଟା ବା ଯତ୍ନ ଦରକାର ହୁଏ ନାହିଁ । କିନ୍ତୁ ଏହି ଅବସ୍ଥାରେ ପହଞ୍ଚିବା ପାଇଁ ପ୍ରଗାଢ଼ ଅଭ୍ୟାସ ଦରକାର । ଏପରି ଅବସ୍ଥାରେ ପହଞ୍ଚିଲେ

Digitized by srujanika@gmail.com

ମନୁଷ୍ୟର ଦୃଷ୍ଟିକୋଣ ଅର୍ନ୍ତମୁଖୀ ହୋଇ ଜୀବନର ମୂଳ ଉଦ୍ଦେଶ୍ୟର କିଞ୍ଚିତ୍ ନିର୍ଦ୍ଦେଶ ମିଳେ । ଈଶ୍ୱରଙ୍କ ସୃଷ୍ଟିରେ ଜୀବର ଯେଉଁ ତାତ୍ପର୍ଯ୍ୟ ରହିଛି, ତହିଁର ପ୍ରକୃତ ସନ୍ଦେଶ କେବଳ ପ୍ରଗାଢ଼ ସାଧନା ବଳରେ ମିଳେ । ଏହି ତାତ୍ପର୍ଯ୍ୟ ବୁଝିବା ବିଜ୍ଞାନମୟ ଓ ଆନନ୍ଦମୟ କୋଷର କର୍ତ୍ତବ୍ୟ କିନ୍ତୁ ଏହି କର୍ତ୍ତବ୍ୟପାଳନ ଆତ୍ମଶକ୍ତି ଦ୍ୱାରା ପରିଚାଳିତ ହୁଏ । ମନୁଷ୍ୟ ଯେତେବେଳେ ଜୀବନର ଉଦ୍ଦେଶ୍ୟ ପୂର୍ଣ୍ଣଭବେ ଅବଗତ ହୁଏ, ଆପେ ଆପେ ଇଚ୍ଛାଶକ୍ତି ପ୍ରବାହିତ ହୋଇ ସେହି ଉଦ୍ଦେଶ୍ୟ ସଫଳ କରିବା ପାଇଁ ମନୁଷ୍ୟର ପ୍ରବଳ ଉତ୍ସାହ ଓ ଉନ୍ମାଦନା ଜାତ କରାଏ । ମନୁଷ୍ୟର ସବୁଶକ୍ତି ଏକ ଦିଗରେ ନିୟୋଜିତ ହୁଏ । ବିଶ୍ୱବ୍ରହ୍ମାଣ୍ଡରେ ଈଶ୍ୱରଙ୍କ ଯାହା କର୍ତ୍ତବ୍ୟ ତହିଁର କିଞ୍ଚିତ୍ ପରିମାଣରେ ନିଜର ପରିସର ମଧ୍ୟରେ ମନୁଷ୍ୟର କର୍ତ୍ତବ୍ୟ ହୁଏ । ଏହି ବିରାଟ ଉଦ୍ଦେଶ୍ୟ ସାଧନ କରିବାକୁ ପଡ଼ିଲେ ମନୁଷ୍ୟର ସବୁଶକ୍ତି ସେଥିରେ ନିୟୋଜିତ କରିବା ଆବଶ୍ୟକ । ସେଥିପାଇଁ ନିଜର ସବୁ ଶରୀରଗୁଡ଼ିକର ସଂଯମ ଦରକାର । ରଥ ଯେପରି ସାରଥିର ନିର୍ଦ୍ଦେଶରେ ଚାଲେ ସେହିପରି ଆତ୍ମଶକ୍ତିର ନିର୍ଦ୍ଦେଶରେ ଶରୀରଗୁଡ଼ିକୁ ଚଳାଇବା ଆବଶ୍ୟକ । ଅର୍ଥାତ୍ ମନୁଷ୍ୟର ପ୍ରତ୍ୟେକ ଶରୀର ନିଜର ସ୍ୱଭାବ-ନିୟତ କର୍ମ ପରିତ୍ୟାଗ କରି ଆତ୍ମାର ନିର୍ଦ୍ଦେଶ ଅନୁଯାୟୀ କର୍ମରତ ହେବା ଆବଶ୍ୟକ । ଦ୍ୱିତୀୟରେ ପ୍ରତ୍ୟେକ ଶରୀର ଅର୍ନ୍ତମୁଖୀ ହୋଇ ଅନ୍ତରରୁ ପ୍ରବାହିତ ସନ୍ଦେଶ ପ୍ରତି ସଚେତନ ହୋଇ ରହିବା

Digitized by srujanika@gmail.com

ଆବଶ୍ୟକ । ଆମ୍ଭମାନଙ୍କ ଶରୀରଗୁଡ଼ିକ ପରିବେଷ୍ଟିତ ପରିସ୍ଥିତି କବଳରେ ପଡ଼ି ନିଜ ନିଜର ସ୍ୱଭାବ ଅବଲମ୍ବନ କରନ୍ତି ଏବଂ ପର- ଜନ୍ମରେ ଏହା ସଂସ୍କାରରୂପରେ କାର୍ଯ୍ୟ କରେ । ନିଜର ସଂସ୍କାର- ଗତ ସ୍ୱଭାବ ଛଡା ଏକ ନୂତନ ଦିଗରେ ପରିଚାଳିତ ହେବା ପାଇଁ ପ୍ରତ୍ୟେକ ଶରୀର ପ୍ରତିରୋଧ କରେ । ସ୍ଥୂଳଶରୀର ଏକ ପ୍ରକାର ଖାଦ୍ୟରେ ଅଭ୍ୟସ୍ତ ହୋଇ ଅନ୍ୟପ୍ରକାର ଖାଦ୍ୟ ଅବଲମ୍ବନ କରିବା ପାଇଁ ପ୍ରସ୍ତୁତ ନୁହେ । ନିଶାପ୍ରଭବରେ ଜାତହେବା ଉନ୍ମାଦନା ପ୍ରତି ଯେଉଁ କାମମୟ ଶରୀର ଅଭ୍ୟସ୍ତ ସେହି ଉନ୍ମାଦନା ପରିତ୍ୟାଗ କରିବା ଉଦ୍ୟମକୁ ସେ ପ୍ରତିରୋଧ କରେ । ମନୋମୟ ଶରୀର ଇତସ୍ତତଃ ଘୁରିବାରେ ଅଭ୍ୟସ୍ତ । ତହିଁରନିରୋଧ ଉଦ୍ୟମକୁ ସେ ପ୍ରତିରୋଧ କରେ । ଆମ୍ଭମାନଙ୍କ ଶରୀରଗୁଡ଼ିକ ଏପରି ଅଭ୍ୟସ୍ତ ରହିବା ହେତୁ ସେଗୁଡ଼ିକୁ ଏକ ନୂତନ ମାର୍ଗରେ ନିୟୋଜିତ କରିବା ଦିଗରେ ପ୍ରତିବନ୍ଧକ ଉପୁଜେ । ତେଣୁ ଏହି ଶରୀରଗୁଡ଼ିକୁ ଆୟତ୍ତାଧୀନ କରି ଆମ୍ଭମାନଙ୍କ ଅନ୍ତରର ନିର୍ଦ୍ଦେଶ ଅନୁଗାମୀ କରିବା କଷ୍ଟକର ହୁଏ । ଏପରି ଅଭ୍ୟାସ ମଧ୍ୟରୁ କେତେକ ନିସ୍ତେଜ ହେବା ଦରକାର । ସମୂହ ସଂସ୍କାରଗୁଡ଼ିକର ମୂଳ ଉତ୍ପାଟନ ଏକ ଜନ୍ମରେ ସମ୍ଭବ ନୁହେଁ କିନ୍ତୁ ଅବିରତ ସାଧନା ବଳରେ ଏହି ସଂସ୍କାରଗୁଡିକୁ ଦୁର୍ବଳ କରି ମନୁଷ୍ୟ ଆଧ୍ୟାତ୍ମିକ ପଥରେ ଅଗ୍ରସର ହୋଇପାରେ । କେବଳ ପ୍ରବଳ ଉଦ୍ୟମ ଦ୍ୱାରା ଏହା ସମ୍ଭବ ।

Digitized by srujanika@gmail.com

ଦ୍ୱିତୀୟରେ ଶରୀରଗୁଡ଼ିକୁ ନିଜ ନିଜର ପ୍ରକ୍ରିୟା କବଳରୁ ମୁକ୍ତ କରିବା ସାଧନା ଆବଶ୍ୟକ । ପ୍ରତ୍ୟେକ ଶରୀର ସ୍ୱ ସ୍ୱ ଲୋକର କ୍ରିୟା ପ୍ରକ୍ରିୟା ଦ୍ୱାରା ପ୍ରଭାବିତ । ପ୍ରତ୍ୟେକ କ୍ରିୟା ଅଧିକାଂଶ ସମୟରେ ପ୍ରତିକ୍ରିୟା ଉଦ୍‌ଭାବନ କରେ । ଜଣେ ଅନ୍ୟକୁ ପ୍ରହାର କରିବା ପାଇଁ ଉଦ୍ୟମ କଲେ ଅନ୍ୟଜଣକ ସେଥିରୁ ରକ୍ଷା ପାଇବା ପାଇଁ ପ୍ରତିକ୍ରିୟା ଅବଲମ୍ବନ କରେ । ଜଣେ ଅନ୍ୟକୁ ଅପମାନିତ କଲେ ଅନ୍ୟ ଜଣଙ୍କର ରାଗ ଜାତ ହୁଏ । ନିଜକୁ ଅସଙ୍ଗତ ବୋଧ ହେବାପରି ବିଷୟ କୌଣସି ବହିରେ ପାଠକଲେ, ମନରେ ପ୍ରତିକ୍ରିୟା ଜାତ ହୁଏ । ଆମ୍ଭମାନଙ୍କ ଶରୀରଗୁଡ଼ିକ ଏପରି ନାନାପ୍ରକାର ପ୍ରତିକ୍ରିୟା ଦ୍ୱାରା ପ୍ରଭାବିତ ହୁଅନ୍ତି । ଆମ୍ଭେମାନେ ଯେତେବେଳେ ଆଧ୍ୟାତ୍ମିକ ପଥରେ ଅଗ୍ରସର ହେଉ ଏବଂ ଆମ୍ଭମାନଙ୍କ ବୁଦ୍ଧି ଉଦୟ ହୁଏ, ଏହି ପ୍ରତିକ୍ରିୟାଗୁଡ଼ିକ ପ୍ରତି ଆମ୍ଭର ଦୃଷ୍ଟି ପଡ଼େ । ଆମ୍ଭମାନଙ୍କ ଏପରି ପ୍ରତିକ୍ରିୟାଗୁଡ଼ିକର ପ୍ରଭାବରୁ ମୁକ୍ତ ହେବା ପାଇଁ ଦୁଇଗୋଟି ପ୍ରଣାଳୀ ଅବଲମ୍ବନ କରିବାକୁ ହେବ । ପ୍ରଥମତଃ ସେହି ପ୍ରତିକ୍ରିୟାଗୁଡ଼ିକ ପ୍ରତି ଆମ୍ଭେମାନେ ସଚେତନ ରହିବା ଆବଶ୍ୟକ । ମନୁଷ୍ୟ ନିଜର ସ୍ୱଭାବକ୍ରିୟା ପ୍ରତି ସଚେତନ ରହିଲେ ସାଧାରଣତଃ ସେହି ସ୍ୱଭାବକ୍ରିୟାର ପରିବର୍ତ୍ତନ ହୁଏ । ଏହା ଏକ ପ୍ରାକୃତିକ ନିୟମ । କିନ୍ତୁ କେତେକ ସଂସ୍କାରଜାତ କ୍ରିୟା ପ୍ରକ୍ରିୟା କେବଳ ସଚେତନ ରହିବା ଦ୍ୱାରା ବିଲୟ ହୁଏ ନାହିଁ । ବିଧିବଦ୍ଧ ଭାବରେ ଇଚ୍ଛାଶକ୍ତିର ପ୍ରଭାବ ଦରକାର କରେ । ଇଚ୍ଛାଶକ୍ତି ଏପରି ବ୍ୟବହାର କରି ଶିଖିବା ଚରିତ୍ର ଗଠନ ପ୍ରଣାଳୀର ଏକ ମୂଳ ପନ୍ଥା

Digitized by srujanika@gmail.com

ପରିବେଷ୍ଟିତ ପରିସ୍ଥିତିରୁ ଉପୁଜୁଥିବା କ୍ରିୟା ପ୍ରକ୍ରିୟାର ପ୍ରଭାବ ଦୂର ହେଲେ ଜୀବାତ୍ମାର ନିର୍ଦ୍ଦେଶ ପ୍ରତି ମନୁଷ୍ୟ ସଚେତନ ରହେ । ଏପରି ଅଭ୍ୟାସବଳରେ ଆତ୍ମଶକ୍ତି ସଞ୍ଚରେ ଓ ଆତ୍ମବିଶ୍ୱାସ ବଳିଷ୍ଠ ହୁଏ । କ୍ରିୟା ପ୍ରକ୍ରିୟାର ପ୍ରଭାବରୁ ଆମ୍ଭେମାନେ ଯେତେ ଅଧିକ ଉନ୍ମୁକ୍ତ ରହୁ ଆତ୍ମଶକ୍ତି ଆମ୍ଭମାନଙ୍କ ଅନ୍ତରରେ ସେତିକି ବଢ଼େ ଏବଂ ଆମ୍ଭମାନଙ୍କ କାୟମନୋବାକ୍ୟରେ ତାହା ପ୍ରକାଶପାଏ ।

ସ୍ଥୂଳ ଶରୀର, କାମନା ଶରୀର ଓ ମାନସ ଶରୀରକୁ ପରିପୂର୍ଣ୍ଣ ଆୟତ୍ତାଧୀନ କରିବା ଆତ୍ମାର ମୂଳକର୍ମ । ଅନାବଶ୍ୟକ ପ୍ରକ୍ରିୟାଗୁଡ଼ିକର ନିରୋଧ ଏବଂ ଆବଶ୍ୟକ କ୍ରିୟା ପ୍ରକ୍ରିୟାଗୁଡ଼ିକୁ ସତେଜ କରିବା ଏପରି ଉଭୟ ପ୍ରକାର ଅଭ୍ୟାସ ଅତ୍ୟନ୍ତ ଆବଶ୍ୟକ । ଅର୍ଥାତ୍ ମନରୁ ଦୁଶ୍ଚିନ୍ତାଗୁଡ଼ିକର ନିରୋଧ କରି ଉତ୍ତମ କାମନାଗୁଡ଼ିକୁ ସକ୍ରିୟ କରିବା ଆବଶ୍ୟକ । ସ୍ଥୂଳ ଶରୀର ସେହି-ପରି କୁତ୍ସିତ କର୍ମରୁ ନିବୃତ୍ତ ହୋଇ ଉଚିତ କର୍ମ ଅବଲମ୍ବନ କରିବା ଆବଶ୍ୟକ । ସାଧାରଣତଃ ଆମ୍ଭେମାନେ ଅଧିକାଂଶ ସମୟରେ ଅନାବଶ୍ୟକ କର୍ମରେ ରତ ରହୁ । ଚକ୍ଷୁ ଆବଶ୍ୟକ ରୂପ ଛଡ଼ା ଅଧିକାଂଶ ସମୟ ଅନାବଶ୍ୟକ ରୂପ ଦେଖିବାରେ ରତ ରହେ । କର୍ଣ୍ଣ ସେହିପରି ଅଧିକାଂଶ ଅନାବଶ୍ୟକ ଶବ୍ଦ ଶୁଣେ । କାମନା ଅନାବଶ୍ୟକ କାମନା ପୋଷଣ କରେ । ମନ ଅଧିକାଂଶ ସମୟ ଅନାବଶ୍ୟକ ଚିନ୍ତାମଗ୍ନ ରହେ । ଏପରି ଆମ୍ଭମାନଙ୍କ କାୟମନୋ-ବାକ୍ୟର ବଳ ଅନାବଶ୍ୟକ ଦିଗରେ କ୍ଷୟ ହୁଏ ଏବଂ ଏହି କ୍ଷୟ ନିରୋଧ କରିବା ଅତିଶୟ ପ୍ରୟୋଜନ । ଏତଦ୍ୱାରା ମାନସ ଶରୀର,

Digitized by srujanika@gmail.com

କାମନା ଶରୀର ଓ ସ୍ଥୂଳ ଶରୀରର ଶକ୍ତି ସଞ୍ଚୟ ହେବା ସଙ୍ଗେ ସଙ୍ଗେ ସେଗୁଡ଼ିକ ଶାନ୍ତ ଓ ସବଳ ହୁଏ । ଫଳରେ ଧ୍ୟାନ କରିବା ପାଇଁ ଶକ୍ତି ବଢ଼େ । କାମନାର ଅସ୍ଥିରତା ଦୂର ହୁଏ ଏବଂ ସ୍ଥୂଳ ଶରୀର ନିଶ୍ଚଳ ରହେ । ଏହି ନିରୋଧମାର୍ଗ ଅନୁସରଣ କରି ଯୋଗୀ ସମାଧିପ୍ରାପ୍ତ ହୁଏ । ଏହି ଅବସ୍ଥାରେ ମନ, କାମନା ଓ ସ୍ଥୂଳଶରୀର ସଂପୂର୍ଣ୍ଣ ନିଶ୍ଚଳ ଓ ସ୍ଥିର ରହେ । ଏହି ତିନିଗୋଟି ଶରୀର ଆୟତ୍ତାଧୀନ, ନିଶ୍ଚଳ ଓ ଶାନ୍ତ ନ ହେଲେ, ସୂକ୍ଷ୍ମ ଶରୀରରେ ବିକଶିତ ହେବା ଲାଗି ଚେତନା ପୂରାପୂରି ପ୍ରସ୍ତୁତ ନ ଥାଏ । ସ୍ଥୂଳଶରୀର କାମନା ଶରୀର ଓ ମାନସ ଶରୀର ଜୀବାତ୍ମାର ତିନି-ଗୋଟି ବାହନ । ଏହି ତିନିଗୋଟି ଶରୀର ସୁସ୍ଥ ଓ ସବଳ ଏବଂ ନିଶ୍ଚଳ ଓ ଶାନ୍ତ ନ ରହିଲେ ଧ୍ୟାନ ସଫଳ ହୁଏ ନାହିଁ । ପ୍ରତ୍ୟେକ ସାଧକ ଏହା ଅନୁଭବ କରନ୍ତି ।

ଆତ୍ମଶକ୍ତି ଓ ଇଚ୍ଛାଶକ୍ତି ବଳରେ ଏହି ଶରୀରଗୁଡ଼ିକ କିପରି ଆୟତ୍ତାଧୀନ କରାଯାଇପାରେ, ତହିଁର ବିସ୍ତାର ଆବଶ୍ୟକ । ପ୍ରଥମତଃ ଏକ ନୂତନ ଅଭ୍ୟାସ କରିବାକୁ ପଡ଼ିଲେ "ଉଇଲ୍ ଫୋର୍ସ" ବା ଇଚ୍ଛାଶକ୍ତିର ପ୍ରୟୋଗ ଦରକାର ପଡ଼େ । ଯେଉଁ ସବୁ ଅଭ୍ୟାସ-ଗୁଡ଼ିକ ସହ ଆମ୍ଭେମାନେ ଅଭ୍ୟସ୍ତ ସେଇସବୁ ଅଭ୍ୟାସ-ଅନୁମୋଦିତ କର୍ମ କରିବାର ସୁବିଧା ହୁଏ । ଏକ ନୂତନ ଅଭ୍ୟାସ ଯଦି ସୁଖ-ଦାୟକ ତାହା ମଧ୍ୟ ଆରମ୍ଭ କରିବାର ସୁବିଧା ହୁଏ । ଏହା ପୂର୍ବାଭ୍ୟାସ ପ୍ରଭବରୁ ବା ସୁଖଦାୟକ କାମନା ପ୍ରଭବରୁ ସଂପାଦିତ

Digitized by srujanika@gmail.com

ହୁଏ ଏବଂ ଶରୀରର ତାମସିକ ସ୍ୱଭାବ ଅତିକ୍ରାନ୍ତ ହୁଏ । କିନ୍ତୁ ଏକ ଅସୁଖଦାୟକ ନୂତନ ଅଭ୍ୟାସ ଆରମ୍ଭ କରିବା ପାଇଁ ଇଚ୍ଛା-ଶକ୍ତିର ପ୍ରୟୋଗ ଦରକାର ପଡେ । ଅର୍ଥାତ୍ ଅଭ୍ୟସ୍ତ ଖେଳ ଖେଳିବା ସକାଶେ ବା ସ୍ନେହୀ ପ୍ରତି ସ୍ନେହଭାବ ପରିବେଷଣ କରିବାରେ ବା ଆଦରଣୀୟ ଏକ ବହି ପଢିବାରେ ଇଚ୍ଛାଶକ୍ତିର ଆଦୌ ପ୍ରୟୋଗ ହୁଏ ନାହିଁ । କିନ୍ତୁ ଏକ ନୂତନ ଭାଷା ଶିଖିବା ପାଇଁ ବା ଶତ୍ରୁ ପ୍ରତି ସ୍ନେହଭାବ ପରିବେଷଣ କରିବା ପାଇଁ ଆମ୍ଭମାନଙ୍କ ଶରୀରଗୁଡ଼ିକ ପ୍ରତିରୋଧ କରନ୍ତି । କେବଳ ଇଚ୍ଛାଶକ୍ତି ପ୍ରୟୋଗ କରି ଏପରି ପ୍ରତିରୋଧ ଅତିକ୍ରମ କରିବା ଛଡ଼ା ଅନ୍ୟ ଉପାୟ ନାହିଁ । ଆଧ୍ୟାତ୍ମିକ ପଥରେ ଯେଉଁମାନେ ପଥିକ ସେମାନେ ସବୁ ବେଳେ ନୂତନକ୍ରିୟା ଓ ଅଭ୍ୟାସ ଅନୁଗାମୀ ହୋଇ ଅଗ୍ରସର ହେବା ଆବଶ୍ୟକ । ଶରୀରଗୁଡ଼ିକର ସ୍ୱାଭାବିକ ପ୍ରତିରୋଧ ପ୍ରଭାବରୁ ମୁକ୍ତ ହେବା ଦରକାର । ଯେ କୌଣସି ନୂତନ କାର୍ଯ୍ୟ ବା ଅଭ୍ୟାସ ବିନା ପ୍ରତିରୋଧରେ କାର୍ଯ୍ୟକାରୀ ହେବା ଦରକାର । ପ୍ରତ୍ୟେକ ମନୁଷ୍ୟର ଦୈନନ୍ଦିନ ଜୀବନରେ ଏପରି ସାଧନା ଅଭ୍ୟାସ କରିବା ପାଇଁ ବହୁତ ସୁଯୋଗ ମିଳେ । ପୂର୍ବକାଳରେ ଋଷି ମହର୍ଷିଗଣ ଶିଷ୍ୟମାନଙ୍କୁ ଏହି ମାର୍ଗରେ ତାଲିମ କରୁଥିଲେ । ଜାତି-ବର୍ଣ୍ଣ-ଧର୍ମ-ନିର୍ବିଶେଷରେ ଯେ କୌଣସି ବ୍ୟକ୍ତି ଏପରି ଅଭ୍ୟାସ କଲେ ତାହାର ଉଇଲ୍ ଫୋର୍ସ ବଢ଼ିବ । ସେ ନିଜର ଏବଂ ପ୍ରତିବେଶୀମାନଙ୍କ ମଙ୍ଗଳ କରିବାପାଇଁ ସମକକ୍ଷ ହୋଇପାରିବ । ଏପରି ବ୍ୟକ୍ତିତ୍ୱ ଅଭାବରୁ ମାନବ ସମାଜରେ ବହୁ ବିଭ୍ରାଟ ମୁଣ୍ଡଟେକି ରହିଅଛି ।

Digitized by srujanika@gmail.com

ଆଧୁନିକ ସ୍କୁଲ କଲେଜମାନଙ୍କରେ ଛାତ୍ର ଛାତ୍ରୀମାନଙ୍କୁ ଏହି ଦିଗରେ ଶିକ୍ଷା ଦେବା ଓ ତାଲିମ କରିବା ନିତାନ୍ତ ଆବଶ୍ୟକ । ଏହାହିଁ ମାନବ ଜାତିର ସମ୍ବଳ ଓ ତାତ୍ପର୍ଯ୍ୟ । ଏହି ଶକ୍ତି ପ୍ରତ୍ୟେକ ମନୁଷ୍ୟ ଠାରେ ପ୍ରଚ୍ଛନ୍ନଭାବେ ବିଦ୍ୟମାନ । କିନ୍ତୁ ଉପଯୁକ୍ତ ଶିକ୍ଷା ଓ ତାଲିମ ଅଭାବରୁ ତିହିଁର ସଦ୍‌ବ୍ୟବହାର ସବୁବେଳେ ହୋଇ ପାରେ ନାହିଁ ।

ଯେ କୌଣସି ଶାରୀରିକ କାମନାମୂଳକ ବା ମାନସିକ ନୂତନ ଅଭ୍ୟାସ ଅବଲମ୍ବନ କରିବା ବା ତ୍ୟାଗ କରିବା ପାଇଁ ମନୁଷ୍ୟ ଯେତେବେଳେ ପ୍ରସ୍ତୁତ ହୁଏ, ସେତେବେଳେ ତାହାର ଆତ୍ମଶକ୍ତି ପ୍ରକାଶ ପାଏ ଏବଂ ନିଜର ବିଭିନ୍ନ ଶରୀରଗୁଡ଼ିକ ସଂପୂର୍ଣ୍ଣ ଆୟତ୍ତାଧୀନ ହୁଅନ୍ତି । ଆତ୍ମା ହେଉଛି ମନୁଷ୍ୟର ସର୍ବଶ୍ରେଷ୍ଠ ମୌଳିକତତ୍ତ୍ୱ ଏବଂ ଇଚ୍ଛାଶକ୍ତି ବା ଉଇଲ୍ ଫୋର୍ସ ହେଉଛି ତାହାର ମୁଖ୍ୟ ହତିୟାର ଯାହାଦ୍ୱାରା ସେ ଅନ୍ୟାନ୍ୟ ପ୍ରଭବଗୁଡ଼ିକୁ ସଂଯତଭାବେ ବ୍ୟବହାର କରେ । ତେଣୁ ଆତ୍ମ ବିଦ୍ୟାର ସାଧନା ବା ଚର୍ଚ୍ଚା ଯେଉଁ ବ୍ୟକ୍ତି କରେ, ସେ ଅସୀମ ଶକ୍ତିର ଆଭିସପ୍ରାପ୍ତ ହୁଏ ଏବଂ ଏହା ବଳରେ ଈଶ୍ୱରଙ୍କ କାର୍ଯ୍ୟରେ ଅହରହ ରତ ହୋଇ ସୁଖ ଶାନ୍ତି ଲାଭକରେ ।

ଗୋସ୍ୱାମୀ ପ୍ରେସ, କଟକ—୨

Digitized by srujanika@gmail.com